
୨୦୨୭ରେ 'ବାରାଣସୀ'
▶ପୃଷ୍ଠା-୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-194 ♦FRIDAY ♦9 JANUARY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୯୪ ♦ଶୁକ୍ରବାର ♦୯ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଟ୍ରମ୍ପଙ୍କ ଦାଦାଗିରି

## ୬୬ ଅନ୍ତର୍ଜାତୀୟ ସଂଗଠନରୁ ଓହରିଲା ଆମେରିକା

■ ୱାସିଂଟନ, ୮ ।୧ (ଏଜେନ୍ସି): ରାଜନୈତିକ, ସାମରିକ ଓ ଅର୍ଥନୈତିକ ରୂପେ ସାରା ବିଶ୍ୱକୁ ଅସ୍ଥିର କରି ରଖିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ଏଭଳି ଏକ ପଦକ୍ଷେପ ନେଇଛନ୍ତି, ଯାହାକି ଜଳବାୟୁ ସୁରକ୍ଷା ପାଇଁ ଚାଲିଥିବା ଅଭିଯାନକୁ ଗୁରୁତର ଝଟକା ଦେବ। ଆମେରିକା ଏବେ ୬୬ଟି ଅନ୍ତର୍ଜାତୀୟ ସଂଗଠନରୁ ଓହରିବ ବୋଲି ସେ ଘୋଷଣା କରିଛି। 'ଦି ଗାର୍ଡିଆନ' ଅନୁସାରେ ଜାତିସଂଘର ୩୧ ଓ ଜାତିସଂଘରେ ସାମିଲ ନଥିବା ୩୫ଟି ସଂଗଠନ ଏହି ତାଲିକାରେ ସାମିଲ ରହିଛି। ଟ୍ରମ୍ପ ଏସଂକ୍ରାନ୍ତ ଫାଇଲରେ ଆଜି ଦସ୍ତଖତ କରିଛନ୍ତି। ଏହି ସଂସ୍ଥାଗୁଡ଼ିକ ଆମେରିକାର ସ୍ୱାର୍ଥ ବିରୋଧୀ ବୋଲି ଟ୍ରମ୍ପ ଯୁକ୍ତି ଦର୍ଶାଇଛନ୍ତି। ତେଣୁ ଏହି ସବୁ



ସଂସ୍ଥାର କାର୍ଯ୍ୟକଳାପରେ ଆମେରିକା ସାମିଲ ହେବନାହିଁ କି ଏଗୁଡ଼ିକୁ ଆର୍ଥିକ ସହାୟତା ମଧ୍ୟ ଦେବନାହିଁ। ଏହି ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି।

ଟ୍ରମ୍ପଙ୍କ ଏହି ତାଲିକାରେ ରହିଛି 'ଅନ୍ତର୍ଜାତୀୟ ସୌର ଆଲାଏନ୍ସ'। ଭାରତ ଓ ଫ୍ରାନ୍ସ ଦ୍ୱାରା ଆରମ୍ଭ ହୋଇଥିଲା ଏହି ସଂଗଠନ 'ଅନ୍ତର୍ଜାତୀୟ ସୌର ଆଲାଏନ୍ସ (ଆଇଏସ୍ଏ)'। ୨୦୧୫ରେ ପ୍ୟାରିସ ଜଳବାୟୁ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତତ୍କାଳୀନ ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାଙ୍କୋଇସ୍ ଓଲାଣ୍ଡେଙ୍କ ମିଳିତ ଉଦ୍ୟମରେ ଏହାର ଆରମ୍ଭ କରାଯାଇଥିଲା। ସୌର ଶକ୍ତିର ବ୍ୟବହାର, ପ୍ରଚାର ଓ ପ୍ରସାର କରିବା ପାଇଁ ଭାରତ ଓ ଫ୍ରାନ୍ସ ଆଇଏସ୍ଏ ପ୍ରତିଷ୍ଠା କରିଥିଲେ। ଏହାର ମୁଖ୍ୟାଳୟ ହରିୟାଣାର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋଲାର ଏନର୍ଜି କ୍ୟାମ୍ପସରେ ଅବସ୍ଥିତ। ବର୍ତ୍ତମାନ ଆଇଏସ୍ଏର ୧୨୦ରୁ ଅଧିକ ସଦସ୍ୟ ଅଛନ୍ତି। ଆମେରିକା ଏଥିରେ ୨୦୨୧ରେ ଯୋଗ ଦେଇଥିଲା। ଏହି ସଂଗଠନରେ ୧୨୦ରୁ ଅଧିକ ରାଷ୍ଟ୍ର ସଭ୍ୟ ଥିବା ବେଳେ ୯୦ଟି ରାଷ୍ଟ୍ର ଏହାର ପୂର୍ଣ୍ଣାଙ୍ଗ ସଭ୍ୟ ହେବାକୁ ମଞ୍ଜୁରୀ ଦେଇଛନ୍ତି। ବର୍ତ୍ତମାନ ଏଥିରୁ ଆମେରିକା ବିଦାୟ ନେଉଥିବାରୁ ଏହି ପ୍ରକଳ୍ପକୁ ବଡ଼ ଧରଣର ଧକ୍କା ହୋଇଛି। ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଯେ ଏହି ୬୬ଟି ସଂଗଠନ ଆମେରିକାର ସ୍ୱାର୍ଥ ବିରୋଧରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସଂଗଠନ ଦ୍ୱାରା ଅର୍ଥ ମଧ୍ୟ ନଷ୍ଟ ହେଉଛି। ପୁଣି ଏହି ସଂଗଠନଗୁଡିକର ଖରାପ ଭାବେ ପରିଚାଳନା କରାଯାଉଛି ବୋଲି କୁହାଯାଇଛି। ଏହି ପଦକ୍ଷେପକୁ ଟ୍ରମ୍ପଙ୍କ 'ଆମେରିକା ଫାଷ୍ଟ' ନୀତିର ଅଂଶଭାବେ ବିବେଚନା କରାଯାଉଛି।

# ଭାରତ ଉପରେ ୫୦୦% ଶୁଳ୍କ ଲଗାଇପାରେ ଆମେରିକା

■ ୱାସିଂଟନ, ୮।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଭୟର ବାତାବରଣ ସୃଷ୍ଟି କରିଛନ୍ତି। ବନ୍ଧୁ ରାଷ୍ଟ୍ର କହି ସେ ଭାରତର ବଇରୀ ସାଜିଛନ୍ତି। ଗୋଟିଏ ପରେ ବଡ଼ ଝଟ୍‌କା ଦେଇ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ କଟକଣା ଲଗାଇଛନ୍ତି। ଆଗାମୀ ଦିନରେ ଅଧିକ ଶୁଳ୍କ ଲଗାଇବା ବୋଲି ମଧ୍ୟ ଧମକ ଦେଇଛନ୍ତି। ଏପରି ସମୟରେ ବଡ଼ ସୂଚନା ସାମ୍ନାକୁ ଆସିଛି। ସେ ଭାରତ ଉପରେ ୫୦୦ ପ୍ରତିଶତ ଶୁଳ୍କ ଲଗାଇପାରନ୍ତି। ଏଭଳି ବ୍ୟବସ୍ଥା ଥିବା ଏକ ବିଲ୍‌କୁ ଟ୍ରମ୍ପ ସ୍ୱୀକୃତି ଦେଇଛନ୍ତି। ଏହି ବିଲ୍‌ର ନାମ 'ସ୍ୟାଙ୍କସନିଂ ରଷିଆ ଆକ୍ଟ (ଏସଆରଏ)-୨୦୨୫' ରହିଛି। ଏଥିରେ ରୁଷ ବିରୋଧରେ କଠୋର କଟକଣା ଲଗାଇବାର ନିୟମ ରହିଛି। ରୁଷଠାରୁ ତୈଳ କିଣୁଥିବା ଭାରତ, ଚୀନ, ବ୍ରାଜିଲ ଭଳି ଦେଶ ଉପରେ ୫୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବାର ଏଥିରେ ବ୍ୟବସ୍ଥା ରହିଛି। ରୁଷରୁ ଶସ୍ତାରେ ଅଶୋଧିତ ତୈଳ କିଣି ଏହି ଦେଶଗୁଡ଼ିକ ୟୁକ୍ରେନ ଯୁଦ୍ଧକୁ ଖୋରା ଯୋଗାଉଛନ୍ତି ବୋଲି ଆମେରିକା କହୁଛି। ସେଥିପାଇଁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ଚାପ ପକାଇବାକୁ ଏହି ବିଲ୍ ଅଣାଯାଇଛି।

### ରୁଷ ବିରୋଧୀ କଟକଣା ସମ୍ବନ୍ଧିତ ବିଲ୍‌କୁ ଟ୍ରମ୍ପଙ୍କ ମଞ୍ଜୁରୀ

ଆମେରିକାର କ୍ଷମତାସୀନ ଦଳ ରପବ୍ଲିକାନ ସିନେଟର ଲିଣ୍ଡସେ ଗ୍ରାହମ କହିଛନ୍ତି ଯେ ସେ ବୁଧବାର ହ୍ୱାଇଟ ହାଉସରେ ରାଷ୍ଟ୍ରପତିଙ୍କୁ ଭେଟି ଥିଲେ। ସଂସଦରେ ଏହି ବିଲ୍ ଉପସ୍ଥାପନ କରିବାକୁ ଟ୍ରମ୍ପ ସବୁଜ ସଙ୍କେତ ଦେଇଛନ୍ତି। ଗତ କିଛି ମାସ ହେଲା ଏହି ବିଲ୍‌କୁ ପ୍ରସ୍ତୁତ କରାଯାଉଥିଲା। ଆସନ୍ତା ସପ୍ତାହରେ ଏହି ବିଲ୍‌କୁ ସଂସଦରେ ଭୋଟିଂ ପାଇଁ ଉପସ୍ଥାପନ କରାଯିବ। ଆରଏସଏ ବିଲ୍‌ରେ ରୁଷର ଶକ୍ତି, ବ୍ୟାଙ୍କିଂ ଏବଂ ପ୍ରତିରକ୍ଷା କ୍ଷେତ୍ରକୁ ନିଶାଣ କରାଯାଇଛି। ଏଥିରେ ରୁଷର ତୈଳ-ଗ୍ୟାସ କମ୍ପାନୀ, ବଡ଼ ବ୍ୟାଙ୍କ, ପ୍ରତିରକ୍ଷା ଉଦ୍ୟୋଗ ଏବଂ ଏହା ସହ ଜଡ଼ିତ ▶ପୃଷ୍ଠା-୭

# ଆଇ-ପ୍ୟାକ୍‌ରେ ଇଡି ଚଢ଼ଉ: କୋଲକାତାରେ ହାଇଡ୍ରାମା

## ତଦନ୍ତ ଅଧିକାରୀଙ୍କଠାରୁ ଫାଇଲ୍ ଛଡ଼ାଇନେଲେ ମମତା

■ କୋଲକାତା, ୮।୧ (ଏଜେନ୍ସି): ଆସନ୍ତା ମାର୍ଚ୍ଚ-ଏପ୍ରିଲରେ ପଶ୍ଚିମ ବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ରାଜଧାନୀ କୋଲକାତାରେ ଆଜି ହାଇଡ୍ରାମା ଦେଖିବାକୁ ମିଳିଛି। କ୍ଷମତାସୀନ ତୃଣମୂଳ କଂଗ୍ରେସର ନିର୍ବାଚନ ରଣନୀତିକାରଙ୍କ ଘର ଓ ଅଫିସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ଅଧିକାରୀଙ୍କ ଚଢ଼ଉକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଆଜି ସକାଳେ ଇଡି ଏହି ଚଢ଼ଉ ଚଳାଇଥିବା ବେଳେ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀ ସେଠାରେ ପହଞ୍ଚି କିଛି ଫାଇଲ ନେଇଯାଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବିଧାନସଭା ନିର୍ବାଚନ ପାଇଁ ତାଙ୍କ ଦଳ ପ୍ରସ୍ତୁତି ଚଳାଇଥିବା ବେଳେ ଇଡି ଅଧିକାରୀମାନେ ଦଳର ଏକସଂକ୍ରାନ୍ତ ତଥ୍ୟ ନେଇଯିବାକୁ ବସିଥିଲେ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଏତାଦୃଶ ଆଚରଣକୁ ବିରୋଧ କରି ଇଡି ଆଜି କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଇଡି କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଧା ଦେଇଥିବାରୁ ତାଙ୍କ ବିରୋଧରେ ମକଦ୍ଦମା ପାଇଁ ଇଡି ହାଇକୋର୍ଟଙ୍କ ଅନୁମତି ଲୋଡ଼ିଛି। ଆସନ୍ତାକାଲି ହାଇକୋର୍ଟ ଏହା ଉପରେ ଶୁଣାଣି କରିବେ। ଆଜିର ଏହି ଘଟଣା ରାଜ୍ୟ ରାଜନୀତିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁଯାୟୀ ଆଜି ସକାଳେ ଇଡି ଅଧିକାରୀମାନେ ଏକ ସମୟରେ ଆଇପିଏସି (ଇଣ୍ଡିଆନ ପଲିଟିକାଲ ଆକ୍ସନ କମିଟି) ଅଫିସ ଏବଂ ଏହାର ମୁଖ୍ୟ ପ୍ରତୀକ ଜୈନଙ୍କ ଘରେ



### ମୁଖ୍ୟମନ୍ତ୍ରୀ ମମତାଙ୍କ ବିରୋଧରେ ହାଇକୋର୍ଟ ଗଲା ଇଡି

### ଦଳୀୟ ନିର୍ବାଚନ ତଥ୍ୟ ଓ ରଣନୀତି ଲୁଟ୍ କରିବାକୁ ଚକ୍ରାନ୍ତ: ମମତା

### ଆଇ-ପ୍ୟାକ୍ ଚଢ଼ଉରେ ମମତା ବିଚଳିତ କାହିଁକି: ବିଜେପି

ଚଢ଼ଉ ଆରମ୍ଭ କରିଥିଲେ। ଆଇପିଏସି ହେଉଛି ତୃଣମୂଳ କଂଗ୍ରେସର ନିର୍ବାଚନ ରଣନୀତିକାର ସଂସ୍ଥା। ୨୦୨୧ ବିଧାନସଭା ନିର୍ବାଚନରେ ମମତା ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ସଂସ୍ଥାର ପ୍ରତିଷ୍ଠା କରିଥିଲେ ପ୍ରଶାନ୍ତ କିଶୋର। ପ୍ରଶାନ୍ତ ରାଜନୀତିରେ ଯୋଗଦେବା ପରେ ପ୍ରତୀକ ଜୈନ ଏହାର ମୁଖ୍ୟ ଅଛନ୍ତି। ଏହି ସଂସ୍ଥା ନିର୍ବାଚନ ସଂପର୍କରେ ତୃଣମୂଳ କଂଗ୍ରେସ ପାଇଁ ରଣନୀତି ପ୍ରସ୍ତୁତ କରିବା ସହିତ ଏହା ଦଳର ମିଡିଆ ଏବଂ ଆଇଟି ସେଲ୍ ଭାବେ କାର୍ଯ୍ୟ କରୁଛି।

ପ୍ରତୀକ ଜୈନଙ୍କ ଘରେ ଚଢ଼ଉ ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ପୁଲିସ ଓ ସରକାରୀ ଅଧିକାରୀଙ୍କୁ ନେଇ ପହଞ୍ଚିଥିଲେ। କିଛି ସମୟ ପରେ ବ୍ୟସ୍ତ ବିବ୍ରତ ଦେଖାଯାଉଥିବା ମମତା ହାତରେ ଏକ ସବୁଜ ଫାଇଲ ଧରି ବାହାରକୁ ଆସିଥିଲେ। ସେ ଅଭିଯୋଗ କରିଥିଲେ ଯେ ରାଜନୈତିକ କାରଣରୁ ଏଭଳି ଚଢ଼ଉ କରାଯାଉଛି। ତୃଣମୂଳ କଂଗ୍ରେସର ନିର୍ବାଚନ ରଣନୀତି, ଦଳର ଗୋପନୀୟ ଦଲିଲ ଏବଂ ୨୦୨୬ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ସଂପର୍କରେ ତଥ୍ୟ ନେବାଲାଗି ଇଡି ଏହି ଚଢ଼ାଉ କରିଛି। ଏହା ପଛରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ହାତ ରହିଛି ବୋଲି ସେ କହିଥିଲେ।

ଏହାପରେ ମମତା ସିଧା ସଲଟ ଲେକ୍ ସ୍ଥିତ ଆଇପିଏସି ଅଫିସ ଯାଇଥିଲେ। ସେଠାରେ ମଧ୍ୟ ଇଡି ଚଢ଼ଉ ଚାଲିଥିଲା। ଅଫିସର ପଛ ଦ୍ୱାର ଦେଇ ମମତା ଭିତରକୁ ଯାଇଥିଲ। ୧୫/୨୦ ମିନିଟ ପରେ ଆଉ କିଛି ଫାଇଲ ଧରି ସେ ▶ପୃଷ୍ଠା-୭

# ୩ ଅଦାଲତକୁ ଇ-ମେଲ୍‌ରେ ବୋମା ଧମକ

■ କଟକ/ସମ୍ବଲପୁର, ୮ ।୧ (ସମିସ): ରାଜ୍ୟର ତିନି ଗୋଟି ଜିଲ୍ଲା ଅଦାଲତରେ ବୋମା ଆତଙ୍କ। ଅଦାଲତଗୁଡ଼ିକୁ ବୋମାରେ ଉଡ଼ାଇ ଦିଆଯିବ ବୋଲି ଇ-ମେଲ୍‌ରେ ଆସିଥିବା ଧମକ ଆଜି ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏଥିପାଇଁ କଟକ, ଦେବଗଡ଼, ସମ୍ବଲପୁର ଜିଲ୍ଲା ଅଦାଲତ ସହ ହାଇକୋର୍ଟରେ ଧାଁଦଉଡ଼ ହୋଇଥିଲା। ଓକିଲ-ମହକିଲଙ୍କ ସମେତ ସାଧାରଣ ଜନତା କିଛି ସମୟ ଆତଙ୍କିତ ହୋଇପଡ଼ିଥିଲେ। ପୁଲିସ ପକ୍ଷରୁ ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ଯାଞ୍ଚ କରାଯାଇଥିଲା। କିନ୍ତୁ କୌଣସି ସ୍ଥାନରୁ ବୋମା କିମ୍ବା କିଛି ଆପତ୍ତିଜନକ ସାମଗ୍ରୀ ମିଳି ନଥିଲା। ଏଭଳି ଘଟଣା ପାଇଁ ଅଦାଲତର ଶୁଣାଣି ଦୁଇଘଣ୍ଟା ବାଧାପ୍ରାପ୍ତ ହୋଇଥିଲା। ଏହି ଅଜ୍ଞାତ ଧମକପୂର୍ଣ୍ଣ ଇ-ମେଲ୍ କଟକ, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା ଜଜ୍ କୋର୍ଟକୁ ଆସିଥିଲା। ସେଥିରେ ଉଲ୍ଲେଖ କରାଯାଇଥିଲା ଯେ ଉକ୍ତ ଅଦାଲତଗୁଡ଼ିକରେ ସି-୪ ଆରଡିଏକ୍ସ ଭଳି ବିସ୍ଫୋରକ ରଖାଯାଇଛି। ଦିନ ୨ଟା ୩୫ରେ ଏହି ଆରଡିଏକ୍ସ ବିସ୍ଫୋରଣ ହେବ। ଏଣୁ, ସମୟ ପୂର୍ବରୁ ସମସ୍ତେ ଅଦାଲତ ଛାଡ଼ିଦେବାକୁ ଉକ୍ତ ମେଲ୍‌ରେ ଧମକ ଦିଆଯାଇଥିଲା। ଏହା ଜଣାପଡ଼ିବା ପରେ ମଧ୍ୟାହ୍ନ ସାଢ଼େ ୧୨ଟାରେ କଟକ ଜିଲ୍ଲା ଅଦାଲତର ବିଚାରପତିମାନେ ବାହାରକୁ ଚାଲିଆସିଥିଲେ। ପରେ ସମସ୍ତଙ୍କୁ ଅଦାଲତ କୋଠା ବାହାରକୁ ଚାଲି ଆସିବାକୁ କୁହାଯାଇଥିଲା। ୫ଟି ପୁଲିସ ଟିମ ପହଞ୍ଚି ▶ପୃଷ୍ଠା-୭

### ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ



■ଭୁବନେଶ୍ୱର,୮।୧(ସମିସ): ଗୁରୁବାର ସମ୍ବଲପୁର, କଟକ ଓ ଦେବଗଡ ଆଦି ବିଭିନ୍ନ ସ୍ଥାନର ଜିଲ୍ଲାସ୍ତରୀୟ କୋର୍ଟକୁ ବୋମା ଧମକ ଆସିଥିବା ବେଳେ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ଏନେଇ ଆଜି ସନ୍ଧ୍ୟାରେ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ▶ପୃଷ୍ଠା-୭

### ଚିନ୍ତା ପ୍ରକଟ କଲେ ନବୀନ



■ ଭୁବନେଶ୍ୱର, ୮।୧ (ସମିସ): ରାଜ୍ୟର ଜିଲ୍ଲା କୋର୍ଟଗୁଡ଼ିକୁ ବୋମା ଧମକକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ଇମେଲ ଯୋଗେ ସମ୍ବଲପୁର, କଟକ ଓ ଦେବଗଡ଼ର ଜିଲ୍ଲା କୋର୍ଟକୁ ବୋମା ଆକ୍ରମଣର ଧମକ ମିଳିବା ଅତ୍ୟନ୍ତ ଚିନ୍ତାଜନକ। ଆମ ନ୍ୟାୟିକ ପ୍ରତିଷ୍ଠାନଗୁଡ଼ିକ ସମେତ ବିଚାରପତି, ଓକିଲ, ମକଦ୍ଦମାକାରୀ, କୋର୍ଟ କର୍ମଚାରୀ ତଥା ସାଧାରଣ ଲୋକଙ୍କ ସୁରକ୍ଷା ସର୍ବୋପରି। ଭାରପ୍ରାପ୍ତ ▶ପୃଷ୍ଠା-୭

**ପୁଙ୍ଖାନୁପୁଙ୍ଖ ଏବଂ ଉପଯୁକ୍ତ ଯାଞ୍ଚ ଦାବି**

**ନ୍ୟାୟିକ ପ୍ରତିଷ୍ଠାନ, ସାଧାରଣ ଲୋକଙ୍କ ସୁରକ୍ଷା ସର୍ବୋପରି**

# ଆୟର ୭୫% ଦାନ କରିବେ ଅନିଲ ଅଗ୍ରୱାଲ

■ମୁମ୍ବଇ, ୮।୧ (ଏଜେନ୍ସି): ପୁତ୍ର ଶୋକରେ ମର୍ମାହତ ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ନିଜ ଆୟର ୭୫ ପ୍ରତିଶତ ଦାନ କରିବେ ବୋଲି ଘୋଷଣା କରିଛନ୍ତି। ପୁଅର ମୃତ୍ୟୁକୁ ନେଇ ଅନିଲ ଭାଙ୍ଗି ପଡ଼ିଥିବା ବେଳେ ଦୁଃଖର ସହ କହିଛନ୍ତି ଯେ ଖରାପ ସମୟ ଚାଲିଯାଇଛି ବୋଲି ଆମକୁ ଲାଗିଥିଲା, କିନ୍ତୁ ଭାଗ୍ୟ ଆଉ କିଛି ଚାହୁଁଥିଲା। ସେ ପୁଅକୁ ମନେ ପକାଇ ଏହାକୁ ଜୀବନର ସବୁଠାରୁ ଅନ୍ଧକାରମୟ ଦିନ ବୋଲି କହିଛନ୍ତି। ପୁଅକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରି ଅନିଲ ନିଜ ଆୟର ୭୫ ଅଂଶ ଦାନ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଏକ ଦୁର୍ଘଟଣାର ଶିକାର ହୋଇ ଆମେରିକାରେ ଚିକିତ୍ସିତ ହେଉଥିବା ଅନିଲ ଅଗ୍ରୱାଲଙ୍କ ପୁଅ ଅଗ୍ନିବେଶଙ୍କର ଗତକାଲି ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ଆମେରିକାରେ ସ୍କିଇଁ କରୁଥିବା ସମୟରେ ସେ ଆହତ ହୋଇଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ନ୍ୟୁୟର୍କର ମାଉଣ୍ଟ ସିନାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତ ହେବାରୁ ବୁଧବାର ଅଗ୍ନିବେଶ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

**ଅଗ୍ନିବେଶଙ୍କ ବିୟୋଗରେ ମୋଦୀ, ମୋହନ ଓ ନବୀନଙ୍କ ଶୋକ**

ଅଗ୍ନିବେଶଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ▶ପୃଷ୍ଠା-୭

# ଆହୁରି ୨ ସପ୍ତାହ ଶୀତ

## ୧୨ରୁ କଲବଲ କରିବ ଅତି ଘନ କୁହୁଡ଼ି



■ ଭୁବନେଶ୍ୱର, ୮ ।୧ (ସମିସ): ରାଜ୍ୟରେ ଜାରି ରହିଥିବା ଶୀତରୁ ନିକଟରେ ମୁକ୍ତି ମିଳିବନି। ଯଦିଓ ବର୍ତ୍ତମାନ ତୁଳନାରେ ତାପମାତ୍ରା ସାମାନ୍ୟ ବଢ଼ିବ; ତେବେ ଆହୁରି ୨ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ଶୀତ ଜାରି ରହିବ। ଗୁରୁବାର ଭାରତୀୟ ପାଣିପାଗ ବିଭାଗ-ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନରେ ଏଭଳି ସୂଚନା ଦିଆଯାଇଛି। ଆଏମ୍‌ଡି ପକ୍ଷରୁ ପ୍ରକାଶିତ ଏହି ୧୫ ଦିନିଆ ଆକଳନରେ କୁହାଯାଇଛି, ଓଡ଼ିଶାରେ ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ଥଣ୍ଡା ଜାରି ରହିବ। ଏହି ସମୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବ। ତେଣୁ ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ଆଶଙ୍କା କରାଯାଉଛି।

**ରେକର୍ଡ ୨ ଡିଗ୍ରୀକୁ ଖସିଲା ତାପମାତ୍ରା**

**ଭୁବନେଶ୍ୱରରେ ୯ ଡିଗ୍ରୀ ତଳେ ପାରଦ**

ଶୀତ ସାଙ୍ଗକୁ ରାଜ୍ୟରେ ୧୨ ତାରିଖରୁ ଅନେକ ସ୍ଥାନରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ୧୨ରୁ ୩ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ଆଶଙ୍କା ରହିଛି। ଗୋଟିଏ ଗୁରୁଚାପ ବଳୟ ସକ୍ରିୟ ହେବାକୁ ଯାଉଛି। ଏହା ପ୍ରଭାବରେ ରାଜ୍ୟକୁ ପ୍ରଚୁର ମାତ୍ରାରେ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ବଢ଼ିବ। ଫଳରେ ରାଜ୍ୟରେ ଘନ କୁହୁଡ଼ି ଅନୁଭୂତ ହେବ। ଏହି ସମୟରେ ବିଶେଷ କରି ଉପକୂଳ ଓଡ଼ିଶାର କିଛି ସ୍ଥାନରେ ଅତି ଘନ କୁହୁଡ଼ି ଆଶଙ୍କା କରି ୧୨ରୁ ବିଭିନ୍ନ ଜିଲ୍ଲା ପାଇଁ ଘନ କୁହୁଡ଼ି ଜନିତ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପଟେ ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ତାପମାତ୍ରା ରେକର୍ଡ ୨ ଡିଗ୍ରୀକୁ ଖସିଛି। ଗତ ୨୪ ଘଣ୍ଟାରେ ▶ପୃଷ୍ଠା-୭

# 'ଓମ୍‌ସା' ଆନ୍ଦୋଳନ ସ୍ଥଗିତ

■ ଭୁବନେଶ୍ୱର,୮।୧(ସମିସ): ଦାବି ପୂରଣ ନେଇ ସରକାରଙ୍କ ପାଖରୁ ଦୃଢ଼ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନରୁ ଓହରିଛି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମ୍‌ସା)। ଇତିମଧ୍ୟରେ ସଂଘର କେତେକ ଦାବି ସରକାର ପୂରଣ କରି ସାରିଛନ୍ତି। ବାକି ସମସ୍ତ ଦାବି ପୂରଣ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ସଚିବଙ୍କର ନିର୍ଭର ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ସଂଘର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।

ଗୁରୁବାର ଓମସା ପ୍ରତିନିଧି ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ସମାପ୍ତ ପରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଡାକ୍ତରମାନଙ୍କ ଦାବି ପୂରଣ ପାଇଁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କମିଟି ଡାକ୍ତରମାନଙ୍କର ଦାବିକୁ ତର୍ଜମା କରିବ। ଏହାପରେ ସଂଘର ଦାବି ତଥା କମିଟିର ସୁପାରିଶ ଆଧାରରେ ସରକାର ଯଥାଶୀଘ୍ର ଦାବି ପୂରଣ କରାଯିବ। ଆଲୋଚନା ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ହୋଇଛି ଓ ଡାକ୍ତରମାନେ ଆନ୍ଦୋଳନ ବନ୍ଦ ପାଇଁ ସମ୍ମତି ପ୍ରକାଶ କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଅପରପକ୍ଷେ ଓମସା ସଭାପତି ଡାକ୍ତର ମିଶ୍ରଙ୍କ ସୂଚନା ଅନୁଯାୟୀ ▶ପୃଷ୍ଠା-୭

**କମିଟି ସୁପାରିସ ଆଧାରରେ ପୂରଣ ହେବ ଦାବି: ସ୍ୱାସ୍ଥ୍ୟମନ୍ତ୍ରୀ**

**ସବୁ ଦାବି ପୂରଣ ପାଇଁ ସରକାର ଦେଇଛନ୍ତି ଦୃଢ଼ ପ୍ରତିଶ୍ରୁତି : ଓମ୍‌ସା**

# ପୁରୀରେ ପର୍ଯ୍ୟଟକଙ୍କୁ 'ପାର୍କିଂ' ଶୋଷଣ

## କେଉଁଠି ୫୦୦ ତ କେଉଁଠି ୨୦୦ ଟଙ୍କା

■ପୁରୀ, ୮।୧ (ସମିସ): ପୁରୀରେ ପାର୍କିଂ ଫି' ଉପରେ କାହାର କୌଣସି ଲଗାମ୍ ନାହିଁ। ମନଇଚ୍ଛା ଯିଏ ଯେତେ ଚାହିଁଲା, ସେତେ ଆଦାୟ କଲା। ପାର୍କିଂ ଫି' ନାଁରେ ଭକ୍ତ, ପର୍ଯ୍ୟଟକଙ୍କୁ ଏକପ୍ରକାର ଶୋଷଣ କରାଯାଉଛି। ହେଲେ ଏଭଳି ଶୋଷଣ ବିରୁଦ୍ଧରେ ଦୂରଦୂରାନ୍ତରୁ ଆସୁଥିବା ଭକ୍ତ, ପର୍ଯ୍ୟଟକ ମୁହଁ ଖୋଲିବାକୁ ସାହସ କରୁନାହାନ୍ତି। ଦୁର୍ଭାଗ୍ୟଜନକ କଥା ହେଉଛି, ଖୋଦ୍ ଶ୍ରୀମନ୍ଦିର ପ୍ରଶାସନ ବି ଏହି ଶୋଷଣ ତାଲିକାରେ ଯୋଡ଼ି ହୋଇଯାଇଛି। ମନ୍ଦିର ପ୍ରଶାସନ ପରିଚାଳିତ ଭକ୍ତନିବାସରେ ଚାରିଚକିଆ ଗାଡ଼ିର ପାର୍କିଂ ଫି' ଏବେ ୫୦୦ ଟଙ୍କା ହୋଇଯାଇଛି। କେବଳ ଶ୍ରୀମନ୍ଦିର ପ୍ରଶାସନ ନୁହେଁ, ଅନ୍ୟ କେଉଁଠି ଭକ୍ତଙ୍କୁ ୩ ଘଣ୍ଟା ପାଇଁ ପାର୍କିଂ ବାବଦ ୨୦୦ ତ ପୁଣି କେଉଁଠି କାର୍ ପାଇଁ ୧୦୦ ନିଆଯାଉଛି।

### ଶୋଷକ ତାଲିକାରେ ଯୋଡ଼ି ହେଲା ଶ୍ରୀମନ୍ଦିର ପ୍ରଶାସନ

### ଭକ୍ତ ନିବାସରେ ଦିନକୁ କାର୍ ପାର୍କିଂ ଭଡ଼ା ୫୦୦ ଟଙ୍କା

ପୁରୀ ଆଧ୍ୟାତ୍ମିକ ଓ ପର୍ଯ୍ୟଟନର ସହର। ଏଠାକୁ ପ୍ରତିଦିନ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି। ଜିଲ୍ଲାବ୍ୟାପୀ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଏବଂ ଧାର୍ମିକ ପୀଠ ରହିଛି। ବର୍ଷତମାମ୍ ଏହି ସବୁ ଜାଗାରେ ଭକ୍ତ, ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ହେଲେ ବିଭିନ୍ନ ଜାଗାରେ କିଛି ଅସାମାଜିକ ବ୍ୟକ୍ତି ଏମାନଙ୍କୁ ଏକପ୍ରକାଶ ଶୋଷଣ କରିଥା'ନ୍ତି। କେଉଁଠି ପାର୍କିଂ ଫି' ନାଁରେ ତ ପୁଣି କେଉଁଠି ଦର୍ଶନୀୟସ୍ଥାନ ବୁଲାଇବା ପାଇଁ ଗାଡ଼ି ଭଡ଼ା ବାବଦରେ ଅଧିକ ଟଙ୍କା ନେଇଥା'ନ୍ତି। ସେହିପରି ରାମଚଣ୍ଡୀରେ ବଣଭୋଜି ପାଇଁ ପର୍ଯ୍ୟଟକଙ୍କୁ ବିଭିନ୍ନ ଉପାୟରେ ଶୋଷଣ ଚାଲିଛି। ଆଉ ଏବେ ଏହି ତାଲିକାରେ ନିଜ ନାଁକୁ ଯୋଡ଼ିଛି ଶ୍ରୀମନ୍ଦିର ପ୍ରଶାସନ।

ପୁରୀକୁ ଆସୁଥିବା ଭକ୍ତ, ପର୍ଯ୍ୟଟକଙ୍କୁ ରହଣି ସୁବିଧା ଯୋଗାଇ ଦେବା ଲାଗି ଶ୍ରୀମନ୍ଦିର ପ୍ରଶାସନର ୪ଟି ଭକ୍ତ ନିବାସ (ନୀଳାଚଳ, ନୀଳାଦ୍ରି, ଗୁଣ୍ଡିଚା ଓ ପୁରୁଷୋତ୍ତମ) ରହିଛି। ଏଠାରେ ଯାତ୍ରୀମାନଙ୍କ ରହଣି ସୁବିଧା ରହିଛି। ଅନ୍‌ଲାଇନରେ ବୁକିଂ କରି ଯାତ୍ରୀମାନେ ଏଠାରେ ରହିଆସୁଛନ୍ତି। ଏହି ଯାତ୍ରୀ ନିବାସଗୁଡ଼ିକରେ ଚାରିଚକିଆ ଗାଡିର ▶ପୃଷ୍ଠା-୭

## ବୈଷ୍ଣୋଦେବୀ ମେଡିକାଲ କଲେଜର ଏମ୍‌ବିବିଏସ୍ ମାନ୍ୟତା ରଦ୍ଦ

ନୂଆଦିଲ୍ଲୀ, ୮ ।୧(ଏଜେନ୍ସି): ଜମ୍ମୁସ୍ଥିତ ବୈଷ୍ଣୋଦେବୀ ମେଡିକାଲ କଲେଜର ଏମ୍‌ବିବିଏସ୍ ମାନ୍ୟତାକୁ ରଦ୍ଦ କରାଯାଇଛି । ଗତବର୍ଷ ହିଁ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମ ଚଳାଇବାକୁ ମାନ୍ୟତା ମିଳିଥିଲା । ଜାତୀୟ ମେଡିକାଲ କମିଶନ (ଏନ୍‌ଏମ୍‌ସି) କଲେଜର ମାନଦଣ୍ଡ ଉଲ୍ଲଂଘନ ହେଉଥିବା ଦେଖି ଏହି ନିଷ୍ପତ୍ତି ନେଇଛି । ବର୍ତ୍ତମାନ ପଢୁଥିବା ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କୁ ଅନ୍ୟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯିବ । ଏଠାରେ ମୁସଲିମ ଛାତ୍ରଙ୍କ ଆଡମିସନ ନେଇ ବିବାଦ ସୃଷ୍ଟି ହୋଇଥିଲା । ୨୦୨୫-୨୬ ବର୍ଷର ପ୍ରଥମ ବ୍ୟାଚ୍‌ରେ ୪୨ ମୁସଲମାନ, ୭ ହିନ୍ଦୁ ଓ ଜଣେ ଶିଖ ଛାତ୍ରଙ୍କୁ ସିଟ୍ ଆବଣ୍ଟନ ତାଲିକାରେ ରଖାଯାଇଥିଲା । ପରେ ଅନେକ ହିନ୍ଦୁ ସଂଗଠନ ଏହାକୁ ନେଇ ବିରୋଧ ପ୍ରଦର୍ଶନ କରିଥିଲେ । ସିଟ୍ ଆବଣ୍ଟନରେ ଭେଦଭାବ ହୋଇଛି ବୋଲି ସେମାନେ ଅଭିଯୋଗ କରିଥିଲେ । ଏହି କଲେଜ ବୈଷ୍ଣୋଦେବୀ ଭକ୍ତଙ୍କ ଦାନରେ ଚାଲୁଛି, ତେଣୁ ହିନ୍ଦୁ ଛାତ୍ରଙ୍କୁ ଆଡମିଶନରେ ଅଧିକ ଗୁରୁତ୍ୱ ଦେବାକୁ ସେମାନେ ଦାବି କରିଥିଲେ ।

## ବିଜେପିରେ ଯୋଗ ଦେଲେ ୧୨ ନିଲମ୍ବିତ କଂଗ୍ରେସ କାଉନସିଲର

ମୁମ୍ବଇ, ୮ ।୧(ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନରେ ଏଥର କେତୋଟି ଅଜବ ଘଟଣା ଦେଖିବାକୁ ମିଳିଛି । ଅମ୍ବରନାଥରେ ପାର୍ଟି ବିଚାରଧାରକୁ ଉଲ୍ଲଂଘନ କରି ବିଜେପି- ଏନ୍‌ସିପି ସହିତ ମେଣ୍ଟ କରିଥିବା ୧୨ କଂଗ୍ରେସ କାଉନସିଲରଙ୍କୁ ପାର୍ଟି ନିଲମ୍ବନ କରାଯାଇଥିଲା । ଏବେ ୧୨ କାଉନସିଲର ବିଜେପିରେ ଯୋଗ ଦେଇଛନ୍ତି ବୋଲି ମହାରାଷ୍ଟ୍ର ବିଜେପି ସଭାପତି ରବୀନ୍ଦ୍ର ଚୌହାନ ବୁଧବାର ରାତିରେ ଘୋଷଣା କରିଛନ୍ତି । ଫଳରେ ଅମ୍ବରନାଥ ପୌର ପରିଷଦରେ ରାଜନୀତି ନୂଆ ମୋଡ଼ ନେଇଛି । ଚୌହାନ କହିଛନ୍ତି ଯେ, 'ଲୋକମାନେ ଏହି କାଉନସିଲରମାନଙ୍କୁ ନିର୍ବାଚିତ କରିଥିଲେ ଓ ସେମାନେ ଲୋକଙ୍କୁ ବିକାଶର ପ୍ରତିଶ୍ରୁତି ଦେଇଥିଲେ । ଏବେ ସେମାନେ ଆମ ସହ ଯୋଗ ଦେଇଛନ୍ତି, କାରଣ ସରକାର ଗତିଶୀଳ ଭାବେ କାର୍ଯ୍ୟ କରୁଛି ଏବଂ ଲୋକଙ୍କୁ ନ୍ୟାୟ ଓ ବିକାଶ ପ୍ରଦାନ କରିବାରେ ସକ୍ଷମ' । ଡିସେମ୍ବର ୨୦ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଫଳାଫଳ ବାହାରିବା ପରେ ବିଜେପି ଓ କଂଗ୍ରେସ ମିଶିକରି ଅମ୍ବରନାଥ ବିକାଶ ଅଘାଡ଼ି ଗଠନ କରିଥିଲେ । ଏହି ମେଣ୍ଟରେ ଅଜିତ ପାୱାରଙ୍କ ଏନ୍‌ସିପି ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଅମ୍ବରନାଥ ପୌର ପରିଷଦ ନିର୍ବାଚନରେ ମୋଟ୍ ୬୦ଟି ଆସନରୁ ସିନ୍ଦେ ଗୋଷ୍ଠୀ ଶିବସେନା ୨୭, ବିଜେପି ୧୪, କଂଗ୍ରେସ ୧୨, ଏନ୍‌ସିପି ୪ ଓ ସ୍ୱାଧୀନ ପ୍ରାର୍ଥୀ ୩ଟି ଆସନରେ ବିଜୟ ହାସଲ କରିଥିଲେ ।

## ବାଂଲାଦେଶରେ ଆଉ ଜଣେ ରାଜନେତାଙ୍କୁ ହତ୍ୟା

ଢାକା, ୮ ।୧(ଏଜେନ୍ସି): ବାଂଲାଦେଶରେ ଫେବୃଆରୀ ୧୨ରେ ସାଧାରଣ ନିର୍ବାଚନ ଆୟୋଜନ ହେବାକୁ ଯାଉଥିବା ବେଳେ ଆଉ ଜଣେ ରାଜନେତାଙ୍କୁ ହତ୍ୟା କରାଯାଇଛି । ବୁଧବାର ରାତିରେ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର ନେତା ଅଜିଜୁର ରହମାନ ମୁସବିରଙ୍କୁ ଗୁଳି କରି ହତ୍ୟା କରାଯାଇଛି । ତାଙ୍କ ସହ ଅବୁ ସୁଫିଆନ ମସୁଦ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି । ରାତି ୮.୪୦ରେ କରବାନ ବଜାରରେ ତେଜତୁରୀ ବଜାର ଅଞ୍ଚଳରେ ଏହି ଘଟଣା ଘଟିଛି । ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଦୁଇଜଣ ଅଜ୍ଞାତ ବାଇକ ସବାର ଅଚାନକ ଗୁଳି କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଫଳରେ ମୁସବିର ଓ ମସୁଦ ଗୁରୁତର ଭାବେ ଆହତ ହୋଇଥିଲେ । ମୁସବିରଙ୍କୁ ବିଆରବି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାବେଳେ ସେ ମୃତ୍ୟୁବରଣ କରିଥିଲେ । ମୁସବିର ବିଏନ୍‌ପିର ସ୍ୱଙ୍ଗସେବୀ ୟୁନିଟ୍‌ର ମହାସଚିବ ଥିଲେ । ସେ ପୂର୍ବରୁ ବିଭିନ୍ନ ରାଜନୈତିକ ମାମଲା କାରଣରୁ ଜେଲ ଯାଇଥିଲେ । ୨୦୨୦ ମହାନଗର ନିର୍ବାଚନରେ ସେ ତେଜଗାଓଁ ୱାର୍ଡ-୨୬ରେ ବିଏନ୍‌ପି ସମର୍ଥିତ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ । ଗତମାସରେ ଛାତ୍ର ନେତା ଶରିଫ ଉସମାନ ହାଦିଙ୍କୁ ହତ୍ୟା କରାଯାଇଥିଲା ।

## ବାଂଲାଦେଶକୁ ଜେଏଫ୍-୧୭ ବିକ୍ରି କରିବ ପାକିସ୍ତାନ

ଢାକା, ୮ ।୧(ଏଜେନ୍ସି): ପାକିସ୍ତାନ ଜେଏଫ୍-୧୭ ଭଳି ଲଢୁଆ ବିମାନ ବାଂଲାଦେଶକୁ ବିକ୍ରି କରିବା ଖବର ସାମ୍ନାକୁ ଆସିଛି । ପାକିସ୍ତାନ ଏ ନେଇ ପ୍ରସ୍ତୁତି ଆରମ୍ଭ କରିଛି । ଏ ସଂକ୍ରାନ୍ତରେ ଦୁଇ ଦେଶର ବାୟୁସେନା ମୁଖ୍ୟ ଇସ୍‌ଲାମାବାଦ୍‌ରେ ପରସ୍ପର ସହ ଆଲୋଚନା କରିଛନ୍ତି ଓ ଏ ନେଇ ପାକିସ୍ତାନ ସେନା ତରଫରୁ ସୂଚନା ଦିଆଯାଇଛି । ପାକିସ୍ତାନ ବାୟୁସେନା ମୁଖ୍ୟ ଏୟାର ଚିଫ ମର୍ଶାଲ ଜାହିର ଅହମ୍ମଦ ବାବର ସିଦ୍ଧୁ ଓ ବାଂଲାଦେଶ ବାୟୁସେନା ମୁଖ୍ୟ ହସନ ମହମ୍ମଦ ଖାନ୍‌ଙ୍କ ମଧ୍ୟରେ ବିସ୍ତୃତ ଭାବେ ବୈଠକ ହୋଇଛି ବୋଲି ବାଂଲାଦେଶ ଖବର କାଗଜ 'ଡେଲି ଷ୍ଟାର' ସୂଚନା ଦେଇଛି । ବିମାନ କିଣାବିକା ସହ ପ୍ରତିରକ୍ଷା ସହଯୋଗ ନେଇ ଦୁଇ ଅଧିକାରୀ ମଧ୍ୟରେ ଚର୍ଚ୍ଚା ହୋଇଥିଲା । ଜେଏଫ୍-୧୭ ଥଣ୍ଡର ବିମାନ ହେଉଛି ଏକ ମଲ୍ଟି-ରୋଲ କମ୍ବାଟ ଲଢୁଆ ବିମାନ । ଏହାକୁ ପାକିସ୍ତାନ ଓ ଚୀନ ସାଥି ହୋଇ ବିକଶିତ କରିଥିଲେ । ଏହି ବିମାନ ବାୟୁରୁ ବାୟୁ ଓ ବାୟୁରୁ ଭୂମି ଉପରେ ଆକ୍ରମଣ କରିପାରିବ । ଅନ୍ତରୀଣ ସରକାର ଦାୟିତ୍ୱକୁ ଆସିବା ପରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟ ସମ୍ପର୍କ ସୁଦୃଢ ହେବାରେ ଲାଗିଛି ।

## କାର୍ ଦୁର୍ଘଟଣାରେ ୪ ଛାତ୍ର ମୃତ

ହାଇଦରାବାଦ, ୮ ।୧(ଏଜେନ୍ସି): ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲାର ଚେଭେଲ୍ଲା ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଏକ କାର୍ ଦୁର୍ଘଟଣାରେ ୪ ଜଣ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି । ଏହି ଛାତ୍ରମାନେ ଆଇସିଏଫ୍ଏଆଇ ବିଜନେସ ସ୍କୁଲର ଛାତ୍ର । ଏଥିରେ ଜଣେ ଛାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି । ପୁଲିସ ଦେଇଥିବା ସୂଚନା ଅନୁସାରେ ଦ୍ରୁତଗତିରେ ଆସୁଥିବା ଏହି କାର୍ ଡିଭାଇଡରରେ ଧକ୍କା ଦେବା ଫଳରେ ଏକ ଗଛକୁ ଧକ୍କା ଦେଇ ତା ଭିତରେ ଏକ ପ୍ରକାର ପଶିଯାଇଥିଲା । ସବୁ ଛାତ୍ର ଜଣେ ବନ୍ଧୁଙ୍କ ଜନ୍ମଦିନ ପାର୍ଟିରେ ଯୋଗ ଦେଇ ଫେରୁଥିଲେ ।

## ଆମେରିକାରେ କୋକେନ ସହ ଧରାପଡ଼ିଲେ ଦୁଇ ଭାରତୀୟ ଟ୍ରକ ଡ୍ରାଇଭର



ଇଣ୍ଡିଆନାପଲିସ୍, ୮ ।୧(ଏଜେନ୍ସି): ଆମେରିକାରେ ଇଣ୍ଡିଆନାପଲିସର ପୁଲିସ କର୍ମଚାରୀ ଦୁଇଜଣ ଭାରତୀୟ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରି ସେମାନଙ୍କଠାରୁ ୩୦୯ ପାଉଣ୍ଡ କୋକେନ ଭଳି ନିଶାଦ୍ରବ୍ୟ ଜବତ କରିଛି । ଏହାର ଦାମ ପାଖାପାଖି ୭୦ ଲକ୍ଷ ଡଲାର ଅର୍ଥାତ ୫୮ କୋଟି ଟଙ୍କା ବୋଲି କୁହାଯାଇଛି । ଏହି ଦୁଇଜଣ ହେଲେ ୨୫ ବର୍ଷୀୟ ଗୁରପ୍ରୀତ ସିଂହ ଓ ୩୦ ବର୍ଷୀୟ ଯଶବୀର ସିଂହ । ଏହି ଦୁଇଜଣ କାଲିଫର୍ଣ୍ଣିଆର ବାସିନ୍ଦା ଓ ଅବୈଧ ଭାବେ ଆମେରିକାର ଅନୁପ୍ରବେଶ କରିଥିଲେ ବୋଲି କୁହାଯାଉଛି । ଏହି ମାମଲା ଗୁରୁତର ନିଶାଦ୍ରବ୍ୟ ଚୋରାଚାଲାଣ ସହିତ ଜଡିତ । ପୁଲିସ ସାଧାରଣ ଯାଞ୍ଚ ପାଇଁ ଏହି ଟ୍ରକକୁ ଇଣ୍ଟରଷ୍ଟେଟ-୭୦ ହାଇୱେରେ ରୋକିଥିଲା । ଯାଞ୍ଚ ଅବସରରେ ପୁଲିସର ସନ୍ଦେହ ହେବା କାରଣରୁ ଡଗ୍‌ସ୍କ୍ୱାଡ଼କୁ ଡକାଯାଇଥିଲା ଓ ଟ୍ରକ୍‌ରେ କୋକେନ ଥିବା ଜଣାପଡ଼ିଥିଲା । ସେମାନେ ଏହି କୋକେନକୁ ସ୍ଲିପର ବର୍ଥରେ ଲୁଚାଇ ରଖିଥିଲେ । ଇମିଗ୍ରେସନ ଓ କଷ୍ଟମ୍ସ ଏନଫୋର୍ସମେଣ୍ଟ (ଆଇସିଇ) ଉଭୟଙ୍କ ଉପରେ ଦେଶରୁ ବହିଷ୍କାର ପ୍ରକ୍ରିୟାକୁ ରୋକିଛି । ଜବତ ହୋଇଥିବା କୋକେନ ସେବନ କରିଥିଲେ ଏକ ଲକ୍ଷ ୧୩୦୦୦ ଆମେରିକୀୟ ନାଗରିକଙ୍କ ଜୀବନ ପ୍ରତି ବପିଦ ସୃଷ୍ଟି କରିଥାଆନ୍ତା ବୋଲି ଫେଡେରାଲ ଅଧିକାରୀମାନେ କହିଛନ୍ତି । ଯଶବୀର ୨୦୧୭ ମାର୍ଚ୍ଚ ୨୧ରେ ବେଆଇନ୍ ଭାବେ ଆମେରିକାରେ ଅନୁପ୍ରବେଶ କରିଥିଲେ । ତାଙ୍କୁ ମଧ୍ୟ ୨୦୨୫ ଡିସେମ୍ବରରେ ଚୋରା ଜିନିଷ ଚାଲାଣ କରିଥିବା ଅଭିଯୋଗରେ ଗିରଫ କରାଯାଇଥିଲା ।

**ଲକ୍ଷେ ଲୋକଙ୍କ ଜୀବନକୁ ବିପଦ**

## ବେଙ୍ଗାଲୁରୁ-ବିଜୟୱାଡ଼ା ଏକ୍ସପ୍ରେସୱେରେ ୨୪ ଘଣ୍ଟାରେ ୨୯ କିମିର ସଡ଼କ ନିର୍ମାଣ

ବିଜୟୱାଡ଼ା, ୮ ।୧(ଏଜେନ୍ସି): ଜାତୀୟ ରାଜପଥ ପ୍ରାଧୀକରଣ (ଏନ୍‌ଏଚ୍‌ଏଆଇ) ଗୁରୁବାର ଦୁଇଟି ଗିନିଜ ରେକର୍ଡ ସ୍ଥାପନ କରିଛି । ଆନ୍ଧ୍ରପ୍ରଦେଶର ବେଙ୍ଗାଲୁରୁ- କଡ଼ାପା- ବିଜୟୱାଡା ଅର୍ଥନୈତିକ କରିଡର (ଏନ୍‌ଏଚ୍-୫୪୪ଜି) ଉପରେ ଏନଏଚ୍‌ଏଆଇ ଦୁଇଟି ବଡ଼ ଉପଲବ୍ଧି ହାସଲ କରିଛି । ରାଜପଥ ଇନ୍‌ଫ୍ରାକନ ପ୍ରାଇଭେଟ ଲିମିଟେଡ ମାତ୍ର ୨୪ ଘଣ୍ଟା ମଧ୍ୟରେ ୨୮.୯୫ କିମି ଅର୍ଥାତ ୧୪.୫ କିମିର ଡବଲ ଲେନ୍ ରାସ୍ତା ନିର୍ମାଣ କରିଛି ଓ ୧୦,୬୭୫ ମେଟ୍ରିକ ଟନ୍ ବିଟୁମିନାସ କଂକ୍ରିଟ (ପିଚୁ) ବିଛାଇ ଏହି ରେକର୍ଡ ସୃଷ୍ଟି କରିଛି । ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ସାମାଜିକ ଗଣ ମାଧ୍ୟମରେ ଏ ନେଇ ପୋଷ୍ଟ କରି ସୂଚନା ଦେଇଛନ୍ତି । ସେ ଏହାକୁ ଭାରତ ଓ ଆନ୍ଧ୍ରପ୍ରଦେଶ ପାଇଁ ଏକ ଗର୍ବ ଓ ଗୌରବର ମୁହୂର୍ତ୍ତ ବୋଲି ଉଲ୍ଲେଖ କରିଛନ୍ତି । ଏହି ପ୍ରକଳ୍ପ ଭାରତମାଳା ପର୍ଯ୍ୟାୟ-୨ ଅଧୀନରେ ଆରମ୍ଭ କରାଯାଇଥିଲା । ଏଥିରେ ଗ୍ରୀନ୍‌ଫିଲ୍ଡ ଓ ବ୍ରାଉନଫିଲ୍ଡ ଉଭୟ ରାସ୍ତା ନିର୍ମାଣ କରାଯାଉଛି । ଏହି ରାସ୍ତାରେ ଯାତ୍ରା କଲେ ଲୋକଙ୍କୁ ସହରର ଭିଡ଼ ଓ ପୁରୁଣା ରାଜପଥ ଦେଇ ଯିବାର ସମସ୍ୟାରୁ ମୁକ୍ତି ମିଳିବ ବୋଲି କୁହାଯାଇଛି । ଏହି ଏକ୍ସପ୍ରେସୱେର ମୋଟ ଲମ୍ବ ୬୨୪ କିମି । ଗ୍ରୀନ୍‌ଫିଲ୍ଡ ୩୪୨ କିମି ଧରି ବ୍ୟାପ୍ତ ହୋଇଛି ଓ ଏହା କୋଡିକୋଣ୍ଡାଠାରୁ ଆଡ୍ଡାଙ୍କି/ମୁପ୍ପାଭରମ ପର୍ଯ୍ୟନ୍ତ ଲମ୍ବିଛି ।

# ୭ଟି ରାଜ୍ୟର ୧୧ କୋର୍ଟକୁ ବୋମା ଧମକ

ନୂଆଦିଲ୍ଲୀ, ୮ ।୧(ଏଜେନ୍ସି): ଗୁରୁବାର ଦେଶର ୭ଟି ରାଜ୍ୟର ୧୧ଟି କୋର୍ଟକୁ ବୋମା ଧମକ ମଳିଛି । ଏହାକୁ ନେଇ କିଛି ସମୟ ପାଇଁ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି ହୋଇଥିଲା । ଧମକ ପରେ ସମସ୍ତ କୋର୍ଟ ପରିସରକୁ ଖାଲି କରାଯାଇଥିଲଶ । ପୁଲିସ ଟିମ୍, ଡଗ୍ ସ୍କ୍ୱାଡ଼, ଘଟଣାସ୍ଥଳରେ ପହଞ୍ଚି ତଲାସୀ କରିଥିଲେ । ତେବେ କୌଣସି ସ୍ଥାନରେ ବୋମା ମିଳିନଥିଲା । ଗୁଜବ ସୃଷ୍ଟି କରିବାକୁ ଏଭଳି ଧମକ ଦିଆଯାଇଥିବା ଜଣାପଡ଼ିଛି ।



**ପଞ୍ଜାବ, ହରିୟାଣା, ହିମାଚଳ, ବିହାର, ଛତିଶଗଡ଼ରେ ସୁରକ୍ଷା କଡ଼ାକଡ଼ି**

୭ଟି ରାଜ୍ୟର ଏହି ୧୧ଟି କୋର୍ଟକୁ ଇ-ମେଲ ଜରିଆରେ ଧମକ ମିଳିଥିଲା । ଓଡ଼ିଶଶ ସମେତ ପଞ୍ଜାବରେ ଫିରୋଜପୁର, ମୋଗା, ରୂପନଗର ଜିଲ୍ଲା କୋର୍ଟକୁ ବୋମା ଧମକର ବାର୍ତ୍ତା ମିଳିଥିଲା । ଏଥିସହ ହିମାଚଳ ପ୍ରଦେଶ ହାଇକୋର୍ଟକୁ ମଧ୍ୟ ଏକ ସମାନ ଧମକ ଇ-ମେଲ୍ ଜରିଆରେ ମିଳିଛି । ଫଳରେ କର୍ମଚାରୀ ଓ ଅନ୍ୟମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ପଞ୍ଜାବ ପୁଲିସ ଅନୁସାରେ ଏହି ଧମକପୂର୍ଣ୍ଣ ଇ-ମେଲ ଜିଲ୍ଲା ଓ ସେସନ୍ସ ବିଚାରପତିଙ୍କ ଅଧିକାରୀଙ୍କ ଇ-ମେଲ ଆଇଡିକୁ ପଠାଯାଇଥିଲା । ଏହାପରେ କୋର୍ଟ ପରିସରକୁ ତୁରନ୍ତ ଖାଲି କରାଯାଇଥିଲା । ଅଧିକାରୀମାନେ ଏପର୍ଯ୍ୟନ୍ତ ଇ-ମେଲ୍ ପଠାଇଥିବା ବ୍ୟକ୍ତିଙ୍କ ବିଷୟରେ କିଛି ସୂଚନା ଦେଇନାହାନ୍ତି । ସତର୍କତା ସ୍ୱରୂପ କୋର୍ଟ କମ୍ପ୍ଲେକ୍ସ ଚାରି ପାଖରେ ଥିବା ପାର୍କିଂ ଅଞ୍ଚଳକୁ ମଧ୍ୟ ଖାଲି କରାଯାଇଛି ଓ ବ୍ୟାପକ ପୁଲିସ ମୁତୟନ କରାଯାଇଛି ଓ ଏକାଧିକ ଦଳ ତଲାସୀ ଜାରି ରଖିଛନ୍ତି । ମଧ୍ୟପ୍ରଦେଶର ରେୱାସ୍ଥିତ ଜିଲ୍ଲା କୋର୍ଟକୁ ମଧ୍ୟ ସମାନ ଧମକ ମିଳିଥିଲା । ସେହିପରି କେରଳର କାସାରଗୋଡ଼ ଜିଲ୍ଲା କୋର୍ଟକୁ ମଧ୍ୟ ବୋମା ଧମକ ମିଳିଛି । ଅନ୍ୟପଟେ ବିହାରର ୪ଟି କୋର୍ଟକୁ ମଧ୍ୟ ବୋମା ଧମକ ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ସମ୍ପୂର୍ଣ୍ଣ ଅଞ୍ଚଳକୁ ଖାଲି କରାଯାଇଛି । ଧମକ ମିଳିଥିବା ବିହାରର ୪ଟି କୋର୍ଟ ହେଲା ପାଟନା ସିଭିଲି କୋର୍ଟ, ପାଟନା ସିଟି କୋର୍ଟ, କିଶାନଗଞ୍ଜ ସିଭିଲ କୋର୍ଟ ଓ ଗୟାଜୀ ସିଭିଲ କୋର୍ଟ । ଛତିଶଗଡ଼ର ରାଜନନ୍ଦଗାଓଁ ଜିଲ୍ଲା କୋର୍ଟକୁ ମଧ୍ୟ ବୋମା ଧମକ ମିଳିଥିଲା । କୋର୍ଟ ଭିତର ଓ ଚାରି ପାଖରେ ବ୍ୟାପକ ପୁଲିସ ମୁତୟନ କରାଯାଇ ଯାଞ୍ଚ କରାଯାଇଥିଲା । କୋର୍ଟକୁ ଆସୁଥିବା ସବୁ ଲୋକ, କଏଦୀ, ସାକ୍ଷୀ ଓ ଅନ୍ୟମାନଙ୍କୁ ଫେରାଇ ଦିଆଯାଇଥିଲା ।

## ଇରାନରେ ପୁଲିସ ଅଧିକାରୀଙ୍କୁ ହତ୍ୟା

ତେହେରାନ, ୮ ।୧(ଏଜେନ୍ସି): ଇରାନରେ ଦରଦାମ ବୃଦ୍ଧି ନେଇ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି । ଫଳରେ ଦେଶରେ ଏକପ୍ରକାର ଅରାଜକତା ସୃଷ୍ଟି ହୋଇଛି । ବୁଧବାର ଏକ ଚଳନ୍ତା ଗାଡ଼ିରୁ ଜଣେ ଅଜ୍ଞାତ ବନ୍ଧୁକଧାରୀ ଜଣେ ପୁଲିସକର୍ମୀଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଇରାନର ଦକ୍ଷିଣ- ପୂର୍ବ ରାଜ୍ୟ ସିସ୍ତାନ ଓ ବଲୁଜିସ୍ତାନରେ ଏହି ଘଟଣା ଘଟିଛି । ମୃତ୍ୟୁବରଣ କରିଥିବା ପୁଲିସକର୍ମୀ ହେଲେ ମହମୁଦ ହକିକତ ବୋଲି ଜଣାପଡ଼ିଛି । ଗତ ଦୁଇଦିନ ମଧ୍ୟରେ ଦ୍ୱିତୀୟ ପୁଲିସକର୍ମୀଙ୍କୁ ହତ୍ୟା କରାଯାଇଛି । ପୂର୍ବରୁ ମଙ୍ଗଳବାର ଏହସାନ ଆଗାଜାନୀ ନାମକ ଜଣେ ପୁଲିସକର୍ମୀଙ୍କୁ ହତ୍ୟା କରାଯାଇଥିଲା । ଗତ ୩ ବର୍ଷ ମଧ୍ୟରେ ସରକାରଙ୍କ ବିରୋଧରେ ପ୍ରଥମଥର ପାଇଁ ବ୍ୟାପକ ଭାବେ ଆନ୍ଦୋଳନ ହେଉଛି । ଏଥିରେ ଯୁବ ସମାଜ ଅର୍ଥାତ ଜେନ୍- ଜେଡ୍ ଆଗକୁ ବାହାରି ବିକ୍ଷୋଭର ନେତୃତ୍ୱ ନେଉଛି ।

## ମହିଳା ସୁରକ୍ଷାରେ ବେଙ୍ଗାଲୁରୁ, ଚେନ୍ନାଇ ସର୍ବୋତ୍ତମ ସହର

ବେଙ୍ଗାଲୁରୁ, ୮ ।୧(ଏଜେନ୍ସି): ମହିଳାଙ୍କ ସୁରକ୍ଷା ମାମଲାରେ ବେଙ୍ଗାଲୁରୁ, ଚେନ୍ନଇ ଦେଶର ସର୍ବୋତ୍ତମ ସହର ବିବେଚିତ ହୋଇଛି । କର୍ମକ୍ଷେତ୍ର ସଂସ୍କୃତି ପରାମର୍ଶଦାତା ସଂସ୍ଥା ଅବତାର ଗ୍ରୁପ୍ ଦ୍ୱାରା 'ଭାରତରେ ମହିଳାମାନଙ୍କ ଶ୍ରେଷ୍ଠ ସହର' (ଟିସିଡବ୍ଲୁଆଇ) ରିପୋର୍ଟର ଚତୁର୍ଥ ସଂସ୍କରଣରେ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି । ମହିଳାଙ୍କ ଅଂଶଗ୍ରହଣ, ସୁରକ୍ଷା ଓ କ୍ୟାରିଅର ଅଭିବୃଦ୍ଧି ଉପରେ ଅଧାରକରି ଏହି ରିପୋର୍ଟରେ ୧୨୫ଟି ସହର ସ୍ଥାନିତ ହୋଇଛନ୍ତି । ୫୩.୨୯ ସ୍କୋର ସହିତ ବେଙ୍ଗାଲୁରୁ ପ୍ରଥମ ସ୍ଥାନରେ ରହିଛି । ସେହିପରି ଚେନ୍ନଇ ଦ୍ୱିତୀୟ, ପୁଣେ ତୃତୀୟ, ହାଇଦରାବାଦ ଚତୁର୍ଥ, ମୁମ୍ବଇ ୫ମ, ଗୁରୁଗ୍ରାମ ଷଷ୍ଠ, କୋଲକାତା ୭ମ, ଅହମଦାବାଦ ୮ମ, ତିରୁଅନନ୍ତପୁରମ ୯ମ ଓ କୋଏମ୍ବାଟୁର ୧୦ମ ସ୍ଥାନରେ ରହିଛି ।



୨୦୨୨ରୁ ଏପର୍ଯ୍ୟନ୍ତ ପିଛଲା ରିପୋର୍ଟର ତୁଳନା କରାଯାଇଛି । ସହରଗୁଡିକର ର୍ୟାଙ୍କିଙ୍ଗ୍ ସିଟି ଇନ୍‌କ୍ଲୁଜନ ସ୍କୋର (ସିଆଇଏସ୍)କୁ ଆଧାର କରି କରାଯାଇଛି । ଏହା ଅବତାର ଗ୍ରୁପ୍‌ର ଗବେଷଣା ଓ ସରକାରୀ ତଥ୍ୟରୁ ପ୍ରାପ୍ତ । ଟିସିଡବ୍ଲ୍ୟୁଆଇ ରିପୋର୍ଟ ଏକ ଲମ୍ବା ଅନ୍ତର୍ଭୂକ୍ତି ସୂଚକାଙ୍କ ସ୍ଥାପନ କରେ । ଯାହା ଭାରତୀୟ ସହରଗୁଡିକରେ ମହିଳାଙ୍କ ଅଂଶଗ୍ରହଣ, କ୍ୟାରିଅର ସୁରକ୍ଷା ଅଭିବୃଦ୍ଧି ଓ ନିରନ୍ତରତାକୁ କେତେ ପରିମାଣରେ କାର୍ଯ୍ୟକ୍ଷମ କରେ ତାହା ମୂଲ୍ୟାଙ୍କନ କରିଥାଏ । ସହରଗୁଡିକର ର୍ୟାଙ୍କିଙ୍ଗ୍ ମୁଖ୍ୟତଃ ଦୁଇଟି ତଥ୍ୟ ଉପରେ ଆଧାରିତ ହୋଇଛି । ଗୋଟିଏ ହେଉଛି ସାମାଜିକ ଅନ୍ତର୍ଭୁକ୍ତି ସ୍କୋର (ଏସ୍‌ଆଇଏସ୍) ଓ ଔଦ୍ୟୋଗିକ ଅନ୍ତର୍ଭୁକ୍ତି ସ୍କୋର (ଆଇଆଇଏସ୍) । ଏସ୍‌ଆଇଏସ୍‌ରେ ଜୀବନର ସହଜତା, ମହିଳା ସୁରକ୍ଷା, କର୍ମଶକ୍ତିରେ ଅଂଶଗ୍ରହଣ ଓ ସଶକ୍ତିକରଣ ପାଇଁ ସୁଯୋଗ ସାମିଲ ରହିଛି । ସେହିପରି ଆଇଆଇଏସ୍‌ରେ ମହିଳା ଅନୁକୂଳ କମ୍ପାନୀଗୁଡିକର ଉପସ୍ଥିତି, ଶିଳ୍ପଗୁଡିକରେ ସମାନ ସୁଯୋଗ ଓ ମହିଳାଙ୍କ ପାଇଁ କ୍ୟାରିଅର ସହାୟତା ଅବସ୍ଥାନ ସାମିଲ ରହିଛି ।

**ସାମାଜିକ ଗଣମାଧ୍ୟମରେ ହଇଚଇ**

## ୮୦୦ ଲୋକଙ୍କୁ ଏଚ୍‌ଆଇଭି ସଂକ୍ରମିତ କରିଛି ଜଣେ ଝିଅ !

ପାଟନା, ୮ ।୧(ଏଜେନ୍ସି): ସାମାଜିକ ଗଣମାଧ୍ୟମଗୁଡିକରେ ଏବେ ଏକ ଭିଡିଓ ଭାଇରାଲ ହେବା ସହ ହଇଚଇ ସୃଷ୍ଟି କରିଛି । ଏହି ଭିଡିଓରେ ଦାବି କରାଯାଇଛି ଯେ, ଜଣେ ଝିଅ ୧୦, ୨୦, ୩୦ କିମ୍ବା ୫୦ ନୁହେଁ ୮୦୦ ଲୋକଙ୍କୁ ଏଚ୍‌ଆଇଭି ସଂକ୍ରମିତ କରିଛି । ଏ ନେଇ ସୂଚନା ମିଳିବା ପରେ ଲୋକେ ସେହି ଝିଅକୁ ଧରିବା ପାଇଁ ପ୍ରୟାସ କରିଥିଲେ । ଏଥିସହ ଲୋକଙ୍କ ମଧ୍ୟ ଆତଙ୍କ ଖେଳିଯାଇଛି । ସେହି ଝିଅକୁ ବିହାର ରାଜଧାନୀ ପାଟନାର ବସ ଷ୍ଟାଣ୍ଡରେ ଧରିନିଆଯାଇଛି ବୋଲି କୁହାଯାଉଛି । ଏହାର ଭିଡିଓ ହିଁ ଭାଇରାଲ ହୋଇଛି । ପାଟନାରେ ଏଚ୍‌ଆଇଭି ମାମଲା ବୃଦ୍ଧି ପାଇବା ନେଇ ସ୍ୱାସ୍ଥ୍ୟ ବିଭାଗ ଚିନ୍ତା ପ୍ରକଟ କରିଥିଲା । ଫଳରେ ଏହି ଖବରକୁ ବେଶ୍ ଗୁରୁତ୍ୱ ଦିଆଯାଉଛି । ତେବେ ଏହି ଭିଡିଓରେ ଦିଆଯାଇଥିବା ଖବର କେତେ ସତ ବା ମିଛ ସେ ବିଷୟରେ କାହାକୁ ଜଣାନାହିଁ । ଲୋକଙ୍କୁ ଦେଖି ସମ୍ପୃକ୍ତ ଝିଅ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲା । ଏହି ଭିଡିଓକୁ ନେଇ ୟୁଜର୍ସମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି । ଅବଶ୍ୟ ଏ ନେଇ କୌଣସି ପ୍ରାମାଣିକ ତଥ୍ୟ ମିଳିପାରିନାହିଁ । ଭିଡିଓରେ ଝିଅଙ୍କ ମୁହଁ କଭର ହୋଇଛି । ସାମାଜିକ ଜଣମାଧ୍ୟମ ଏକ୍ସରେ ଏହି ଭିଡିଓ ବେଶ୍ ଭାଇରାଲ ହୋଇଛି । ସ୍ଥାନୀୟ ପୁଲିସ ମଧ୍ୟ ଏ ନେଇ କୌଣସି ସୂଚନା ଦେଇନାହାନ୍ତି । କିନ୍ତୁ ଏହାକୁ ନେଇ ପାଟନାରେ ଚର୍ଚ୍ଚା ସୃଷ୍ଟି ହୋଇଛି ।

## ବାଂଲାଦେଶରେ ଦୀପୁ ଦାସ ହତ୍ୟା ମାମଲା ମୁଖ୍ୟ ଅଭିଯୁକ୍ତ ଗିରଫ

ଢାକା, ୮ ।୧(ଏଜେନ୍ସି): ବାଂଲାଦେଶରେ ଈଶ ନିନ୍ଦା ଅଭିଯୋଗରେ ଦୀପୁ ଚନ୍ଦ୍ର ଦାସଙ୍କ ହତ୍ୟା ମାମଲରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ୟାସିନ ଆରାଫତ ନାମକ ଜଣେ ପୂର୍ବତନ ଶିକ୍ଷକଙ୍କୁ ଏହି ମାମଲାରେ ବାଂଲାଦେଶ ପୁଲିସ ଗୁରୁବାର ଗିରଫ କରିଛି । ୟାସିନ ହିଁ ଭିଡ଼କୁ ଦୀପୁଙ୍କୁ ଆକ୍ରମଣ କରିବା ପାଇଁ ଉସୁକାଇଥିଲେ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ଭିଡ଼କୁ ଏକାଠି କରିବା ସହ ସେ ଦୀପୁଙ୍କୁ ଏକ ଛକକୁ ଟାଣି ନେଇଥିଲେ ଓ ସେଠାରେ ତାଙ୍କୁ ଗଛରେ ଟଙ୍ଗାଇ ନିଆଁ ଲଗାଇ ଦିଆଯାଇଥିଲା । ଆରାଫତ ଜଣେ ସ୍ଥାନୀୟ ବାସିନ୍ଦା ଓ ସେ ମସଜିଦ୍‌ରେ ପାଠ ପଢ଼ାଉଥିଲେ । ଜଣେ ଶିକ୍ଷକ ଭାବେ ତାଙ୍କର ପଦବୀକୁ ନେଇ ଏବେ ଯାଞ୍ଚ କରାଯାଉଛି । ଆରାଫତଙ୍କ ସହ ଏହି ମାମଲାରେ ଗିରଫ ସଂଖ୍ୟା ଏବେ ୨୧ରେ ପହଞ୍ଚିଛି । ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ କର୍ତ୍ତୃପକ୍ଷ ତଦନ୍ତ ଜାରି ରଖିଛନ୍ତି । ଦୀପୁଙ୍କ ହତ୍ୟା କରାଯିବା ପରେ ବାଂଲାଦେଶରେ ଆଉ ୫ ଜଣ ହିନ୍ଦୁ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି ।

## ଝାଡ଼ଖଣ୍ଡରେ ମୁସଲିମ ଯୁବକଙ୍କୁ ପିଟିପିଟି ହତ୍ୟା

ଗୋଡ଼ା, ୮ ।୧(ଏଜେନ୍ସି): ଝାଡ଼ଖଣ୍ଡର ଗୋଡ଼ା ଜିଲ୍ଲାରେ ଜଣେ ମୁସଲମାନ ବ୍ୟକ୍ତି ଭିଡ଼ ହତ୍ୟାର ଶିକାର ହୋଇଛନ୍ତି । ପୋରାଇୟାହାତ ଥାନ ଅନ୍ତର୍ଗତ ମାତିହାନୀ ଗାଁରେ ଗାଇ ଚୋରି ଅଭିଯୋଗରେ କେତେକ ଅଜଣା ବ୍ୟକ୍ତି ଏକାଠି ହୋଇ ବୁଧବାର ୪୫ ବର୍ଷୀୟ ପାପୁ ଅନସାରୀଙ୍କୁ ହତ୍ୟା କରିଛନ୍ତି ବୋଲି ଡିଏସ୍‌ପି ଜେପିଏନ୍ ଚୌଧୁରୀ କହିଛନ୍ତି । ଏହି ଘଟଣା କିପରି ଘଟିଲା ସେ ନେଇ ତଦନ୍ତ ଜାରି ରହିଛି । ତଦନ୍ତ ଶେଷ ହେବା ପରେ ଅଧିକ ତଥ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ଅନସାରୀ ଜଣେ ଅଭ୍ୟାସଗତ ଅପରାଧୀ ଥିଲେ ଓ ଏକାଧିକ ଆପରାଧିକ ମାମଲାରେ ସେ ପୂର୍ବରୁ ଜେଲ ଯାଇଛନ୍ତି । ପାପୁ ପଥରଗାମା ଥାନା ଅଞ୍ଚଳର ରାଣୀପୁର ଗାଁର ବାସିନ୍ଦା ବୋଲି କୁହାଯାଇଛି । ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ଲୋକଙ୍କୁ ଟାର୍ଗେଟ କରି ହତ୍ୟା କରାଯାଉଥିବା ବେଳେ ଝାଡ଼ଖଣ୍ଡରେ ଏଭଳି ଘଟଣା ଘଟିବା ଚର୍ଚ୍ଚା ସୃଷ୍ଟି କରିଛି । ଏହାକୁ ସ୍ଥାନୀୟ ପ୍ରଶାସନ ଓ କର୍ତ୍ତୃପକ୍ଷ ବେଶ୍ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ଏବର୍ଷ ୫ ରାଜ୍ୟରେ ନିର୍ବାଚନ: ୩ଟି ରାଜ୍ୟରେ କେବେବି ଜିତିନାହିଁ ବିଜେପି

ନୂଆଦିଲ୍ଲୀ, ୮ ।୧ (ଏଜେନ୍ସି): ଏବର୍ଷ ଅର୍ଥାତ ୨୦୨୬ରେ ଦେଶରେ ୫ଟି ରାଜ୍ୟରେ ନିର୍ବାଚନ ଆୟୋଜନ ହେବ । ଦେଶର ୧୭ ପ୍ରତିଶତ ଜନସଂଖ୍ୟା ନିଜ ପାଇଁ ନୂଆ ସରକାର ଚୟନ କରିବେ । ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ଆସାମ ଓ ପୁଡୁଚେରୀରେ ନିର୍ବାଚନ ହେବ । ଏଥିମଧ୍ୟରୁ ବିଜେପି ପଶ୍ଚିମବଙ୍ଗ, ତାମିଲନାଡୁ ଓ କେରଳରେ କେବେବି ଜିତିବାକୁ ସକ୍ଷମ ହୋଇନାହିଁ । ସେହିପରି ବାଂଲାଦେଶ, ନେପାଳ, ନ୍ୟୁଜିଲାଣ୍ଡ ସମେତ ବିଶ୍ୱର ୩୬ଟି ଦେଶରେ ମଧ୍ୟ ଏହି ବର୍ଷ ନିର୍ବାଚନ ହେବ । ଦୁଇବର୍ଷ ହେବା ଗାଜା- ପାଲେଷ୍ଟାଇନ୍ ଯୁଦ୍ଧରେ ଫସି ରହିଥିବା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କର ମଧ୍ୟ ଏହି ବର୍ଷ ଭାଗ୍ୟ ପରୀକ୍ଷା ହେବ ।

**■ ୧୭ ପ୍ରତିଶତ ଭୋଟର ନୂଆ ସରକାର ବାଛିବେ**
**■ ବିଶ୍ୱର ୩୬ଟି ଦେଶରେ ମଧ୍ୟ ହେବ ନିର୍ବାଚନ**

### ମମତାଙ୍କ ପାଇଁ ଏଥର ସହଜ ନୁହେଁ

ଗତ ୧୪ ବର୍ଷ ଧରି ଏହି ରାଜ୍ୟରେ ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ରହିଆସିଛନ୍ତି । ଏଥର ତାଙ୍କ ସମ୍ମୁଖରେ ବିଜେପି ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛି । ଏଥର ଜିତିଲେ ମମତା କ୍ରମାଗତ ଚତୁର୍ଥଥର ମୁଖ୍ୟମନ୍ତ୍ରୀ ହୋଇ ମହିଳା ଭାବେ ରେକର୍ଡ ସୃଷ୍ଟି କରିବେ । ପୂର୍ବରୁ ଜୟଲଳିତା ତାମିଲନାଡୁରେ ୫ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ ମଧ୍ୟ ୧୯୯୧ରୁ ୨୦୨୬ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ କାର୍ଯ୍ୟକାଳରେ (ଲଗାତର ନୁହେଁ) ମୁଖ୍ୟମନ୍ତ୍ରୀ ପଦରେ ଅଧୀଷ୍ଠିତ ହୋଇଥିଲେ । ପଶ୍ଚିମବଙ୍ଗରେ ୨୯୪ ସିଟ୍‌ରେ ନିର୍ବାଚନ ହେବ ।

### ଆସାମ: ବିଜେପି ବିରୋଧରେ ୮ଟି ପାର୍ଟି

ଆସାମରେ ଗତ ୧୦ ବର୍ଷ ହେବା ବିଜେପି ସରକାର ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୬ ମାସ ମଧ୍ୟରେ ୩ ଥର ଆସାମ ଗସ୍ତ କରିଛନ୍ତି । ୧୨୬ ଆସନରୁ ବିଜେପି ଏଥର ୧୦୦ରୁ ଅଧିକ ଆସନ ହାସଲ କରିବା ଲକ୍ଷ୍ୟରେ ରହିଛି । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ଭାଗ୍ୟ ପରୀକ୍ଷା ମଧ୍ୟ ହେବ । ବାଂଲାଦେଶ ଅନୁପ୍ରବେଶକାରୀ ଓ ଏସ୍‌ଆଇଆର ମାମଲା ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ହେବ ।

### ତାମିଲନାଡୁ: କଂଗ୍ରେସର ଭାଗ୍ୟ ଫିଟୁନି

ଦେଶର ତାମିଲନାଡୁ ଏକମାତ୍ର ରାଜ୍ୟ, ଯେଉଁଠାରେ ଗତ ୬୦ ବର୍ଷ ହେବ ଦୁଇ ବଡ଼ ଜାତୀୟ ପାର୍ଟି କଂଗ୍ରେସ କିମ୍ବା ବିଜେପି ସରକାରରେ ନାହାନ୍ତି । ଏଥର ବିଜେପି ଜୟଲଳିତାଙ୍କ ପାର୍ଟି ଏଆଇଏଡିଏମ୍‌କେ ସହ ମେଣ୍ଟ କରିପାରେ । ତାମିଲ ସୁପରଷ୍ଟାର ବିଜୟଙ୍କ ପାର୍ଟି ଟିଭିକେ ମଧ୍ୟ ନିର୍ବାଚନ ଲଢିବ । ତାମିଲନାଡୁର ୨୩୪ଟି ବିଧାନସଭା ଆସନରେ ନିର୍ବାଚନ ହେବ । ତେଣୁ ଏଥର ନିର୍ବାଚନ ରୋଚକ ହେବ ବୋଲି ଆଶା କରାଯାଉଛି ।

### କେରଳ: ବାମପନ୍ଥୀ ବନାମ କଂଗ୍ରେସ

ଦେଶର ଏକମାତ୍ର ରାଜ୍ୟ କେରଳ, ଯେଉଁଠାରେ ବାମପନ୍ଥୀ ପାର୍ଟି କ୍ଷମତାରେ ଅଛି । ଏଠାରେ ପ୍ରତି ୫ ବର୍ଷରେ କ୍ଷମତାରେ ପରିବର୍ତ୍ତନ ହେବାର ପରମ୍ପରା ରହିଆସିଛି । କିନ୍ତୁ ୨୦୨୧ରେ ବାମ ମୋର୍ଚ୍ଚ ଏଲ୍‌ଡିଏଫ୍ ଏହି ପରମ୍ପରାକୁ ଭାଙ୍ଗି କ୍ରମାଗତ ଦ୍ୱିତୀୟଥର ପାଇଁ କ୍ଷମତାକୁ ଆସିଛି । ଏଥର କଂଗ୍ରେସ ମେଣ୍ଟ ବିରୋଧ ହାୱାକୁ ପାଥେୟ କରି କ୍ଷମତାକୁ ଫେରିବା ଲକ୍ଷ୍ୟରେ ରହିଛି । ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନଙ୍କ ଭାଗ୍ୟ ପରୀକ୍ଷା ଏଥର ହେବ । କେରଳରେ ୧୪୦ ଆସନରେ ନିର୍ବାଚନ ହେବ ।

# ଯାତ୍ରୀଙ୍କଠାରୁ ଚୋରି କରି ବନ୍ଧାହେଲେ କ୍ୟାବ୍ ଡ୍ରାଇଭର



**୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଚୋରି ଅଳଙ୍କାର ଓ ଟଙ୍କା ଜବତ**

**ଯାଞ୍ଚ ହେଉନି ଘରୋଇ କ୍ୟାବ୍ ସଂସ୍ଥାରେ କାର୍ଯ୍ୟରତ ଡ୍ରାଇଭରଙ୍କ ତଥ୍ୟ**

ଭୁବନେଶ୍ୱର,୮।୧(ସମିସ): ଯାତ୍ରୀଙ୍କଠାରୁ ଚୋରି ଅଭିଯୋଗରେ ବନ୍ଧା ହୋଇଛନ୍ତି ଓଲା କ୍ୟାବ୍ ଡ୍ରାଇଭର ନାଗେଶ୍ୱର ପ୍ରମାଣିକ। ନାଗେଶ୍ୱରଙ୍କ ଘର କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳରେ ହୋଇଥିଲା ବେଳେ ସେ ଭୁବନେଶ୍ୱରରେ କ୍ୟାବ୍ ଡ୍ରାଇଭାର ଭାବେ କାମ କରନ୍ତି। ପୁଲିସ ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଜବତ କରିଛି। ଏହି ଚୋରି ସାମଗ୍ରୀ ମଧ୍ୟରେ ରହିଛି ସୁନା ଚେନ୍, ବ୍ରେସ୍‌ଲେଟ୍, ମୁଦି, ନଗଦ ୧ ଲକ୍ଷ ଟଙ୍କା, ୫୦ହଜାର ଥାଇଲାଣ୍ଡ କରେନ୍ସି, ଗୋଟିଏ ହୀରା କାନଫୁଲ, ୧୨ଟି କ୍ରେଡିଟ୍ କାଡର୍, ଡେବିଟ୍ କାର୍ଡର୍ ଏବଂ ଗୋଟିଏ ହାତଘଣ୍ଟା। କ୍ୟାବ୍ ଡ୍ରାଇଭର ନାଗେଶ୍ୱର ନାମରେ ପୂର୍ବରୁ ୪ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

ପୁଲିସ ସୁଚନା ମୁତାବକ, ଅମନ୍ କୁମାର ଅଗ୍ରୱାଲ କିଛିଦିନ ତଳେ ବ୍ୟାଙ୍କକ୍ ବୁଲିବାକୁ ଯାଇଥିଲେ। ବିମାନ ଯୋଗେ ବୁଧବାର ରାତିରେ ଭୁବନେଶ୍ୱର ଫେରିଥିଲେ। ସାଙ୍ଗରେ ପରିବାର ଲୋକଙ୍କ ପାଇଁ ଅନେକଗୁଡ଼ିଏ ଉପହାର ଆଣିଥିଲେ। ବିମାନବନ୍ଦରରେ ଅବତରଣ ପରେ କଟକ ସେକ୍ଟର-୯ସ୍ଥିତ ଘରକୁ ଯିବା ପାଇଁ ସେ ଏକ ଓଲା କ୍ୟାବ୍ ବୁକିଂ କରିଥିଲେ। ଉକ୍ତ କ୍ୟାବ୍‌କୁ ନାଗେଶ୍ୱର ଚଲାଉଥିଲେ। ନାଗେଶ୍ୱର ବିମାନବନ୍ଦର ନିକଟରେ ଅମନ୍‌ଙ୍କ ଜିନିଷପତ୍ର ଗାଡ଼ିରେ ରଖି କଟକ ଅଭିମୁଖେ ବାହାରିଥିଲେ। ବାଟରେ ପରିବବାର ଲୋକଙ୍କ ସହ ଅମନ୍ ଦାମି ଉପହାର ସମ୍ପର୍କରେ ଆଲୋଚନା କରିଲା ବେଳେ ନାଗେଶ୍ୱର ସବୁ ଶୁଣିଥିଲେ। ଏଣୁ ଅମନ୍‌ଙ୍କଠାରୁ ଏସବୁ ସାମଗ୍ରୀ ଚୋରି କରିବାକୁ ନାଗେଶ୍ୱର ଯୋଜନା କରିଥିଲେ। ଚନ୍ଦ୍ରଶେଖରପୁର ଥାନା ନିକଟରେ ଥିବା ଏକ ସିଏନ୍‌ଜି ଷ୍ଟେସନ ନିଟକରେ ନାଗେଶ୍ୱର ଜାଣିଶୁଣି ବାରମ୍ବାର ଗାଡ଼ିକୁ ବନ୍ଦ କରି ଇନ୍ଧନ ସରି ଯାଇଥିବା ଅଭିନୟ କଲେ। ନାଗେଶ୍ୱର ସିଏନ୍‌ଜି ଭରିବା ପୂର୍ବରୁ ଅମନ୍‌ଙ୍କୁ ବାହାରେ ଛିଡ଼ା ହେବାକୁ କହିଥିଲେ। ତାଙ୍କ କଥା ମାନି ଅମନ୍ କ୍ୟାବ୍‌ରୁ ବାହାରକୁ ବାହାରିବା ମାତ୍ରେ ଜିନିଷପତ୍ର ସହ ନଗେଶ୍ୱର ଫେରାର୍ ହୋଇ ଯାଇଥିଲେ।

ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଇନ୍‌ସପେକ୍ଟର ଚନ୍ଦ୍ରକାନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ପୁଲିସ ଏକ ଟିମ୍ ଗଠନ କରି ନାଗେଶ୍ୱରଙ୍କୁ ଡମଣା ଅଞ୍ଚଳରୁ ଗିରଫ କରିଥିଲା ବୋଲି ଜୋନ୍ ଏସିପି ସୋନାଲି ପରମାର୍ ଚନ୍ଦ୍ରଶେଖର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। କ୍ୟାବ୍ ଡ୍ରାଇଭର ନାଗେଶ୍ୱର ନିଶାଶକ୍ତ ଥିଲେ ବୋଲି ପୁଲିସ କହିଛି। ତେବେ ରାଜଧାନୀରେ ଘରୋଇ କ୍ୟାବ୍ ସର୍ଭିସ୍ ସଂସ୍ଥାରେ କାମ କରୁଥିବା ଡ୍ରାଇଭରମାନଙ୍କ ଆପରାଧୀକ ତଥ୍ୟ ଯାଞ୍ଚ କରାଯାଉ ନ ଥିବାରୁ ଯାତ୍ରୀମାନେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି।

# ଆତ୍ମସମର୍ପଣ କଲେ ୨୬ ମାଓବାଦୀ

ମାଲକାନଗିରି, ୮।୧ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ୬୪ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ୨୬ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସୂଚନା ଅନୁଯାୟୀ ଛତିଶଗଡ଼ ରାଜ୍ୟ ସୁକୁମା ଜିଲ୍ଲା ପୁଲିସ ନିକଟରେ ୭ ମହିଳା ମାଓବାଦୀ ସହ ମୋଟ ୨୬ଜଣ ମାଓବାଦୀ ସଙ୍ଗଠନ ଛାଡ଼ି ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ପିଏଲ୍‌ଜିଏ ବାଟାଲିଅନ୍‌ର କ୍ୟାଡର୍ ମାଓବାଦୀ ରହିଛନ୍ତି। ଏହି ମାଓବାଦୀମାନେ ଛତିଶଗଡ଼- ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅନେକ ମାଓ ହିଂସାରେ ସାମିଲ ଥିବା ପୁଲିସ କହିଛି। ସରକାରୀ ନିୟମ ଅନୁଯାୟୀ, ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ପୁଲିସ ଅଧିକାରୀ କହିଛନ୍ତି।



ତିନି ଜିଲ୍ଲା ଅଦାଲତକୁ ବୋମା ଧମକ ମିଳିବା ପରେ ଓଡ଼ିଶା ହାଇକୋର୍ଟରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ଯାଞ୍ଚ




ହାଇକୋର୍ଟ ପରିସର ବାହାରେ ବିଚାରପତି, ଓକିଲ ଓ ଜନତା

**ଇଣ୍ଟର୍‌ନେଟ୍ ସର୍ଚ୍ଚ ଉପରେ 'ଏନ୍‌ସିଆର୍‌ବି' ଆଖି**

# 'ଚାଇଲ୍ଡ-ପର୍ଣ୍ଣ' ଦେଖିଲେ ଗିରଫ

କଟକ, ୮।୧ (ସମିସ): ଚାଇଲ୍‌ଡ-ପର୍ଣ୍ଣ ଦେଖିଲେ, ଗିରଫ କରିବ ସାଇବର୍ ପୁଲିସ। ଗତ ୨ ଦିନ ମଧ୍ୟରେ କଟକ ଜିଲ୍ଲା ସାଲେପୁର ଥାନା ଅଞ୍ଚଳର ସୟଦ ଖାଁ ଏବଂ ଯାଜପୁର ମଙ୍ଗଳପୁର ଥାନା ଅଞ୍ଚଳର ମୁକେଶ ବାରିକଙ୍କୁ ଏହି ଅଭିଯୋଗରେ ପୁଲିସ ଗିରଫ କରିଛି। ଏମାନେ ନିଜ ମୋବାଇଲ୍‌ରେ ଚାଇଲ୍ଡ-ପର୍ଣ୍ଣ ଦେଖିବା ସହ ନିଜ ମୋବାଇଲ୍‌ରେ ଏହାକୁ ସେଭ୍ କରି ତାହାକୁ ବିଭିନ୍ନ ଟେଲିଗ୍ରାମ୍ ଗ୍ରୁପ୍‌ରେ ପୋଷ୍ଟ କରୁଥିଲେ। ବିଭିନ୍ନ ସୋସିଆଲ୍ ପ୍ଲାଟ୍‌ଫର୍ମରେ ଏକାଧିକ ଲୋକଙ୍କୁ ପଠାଉଥିଲେ। ଏହା ଜାଣିବା ପରେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଥିଲା।

ଆଜି କଟକ ସାଇବର୍ ପୁଲିସ ଏ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ସହରରେ କାମ କରୁଥିବା ବିଭିନ୍ନ ନେଟୱର୍କିଂ ସଂସ୍ଥା ସହ ଯୋଗାଯୋଗରେ ରହିଥିବା ବେଳେ ଉଭୟ କଟକ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବ୍ୟବହୃତ ମୋବାଇଲ୍ ଓ କମ୍ପ୍ୟୁଟର୍‌ଗୁଡ଼ିକର ସର୍ଚ୍ଚ-ଇଞ୍ଜିନ୍ ଉପରେ ନଜର ରଖିଛି। ଅନ୍ୟପଟେ ରାଜ୍ୟ କ୍ରାଇମ୍‌ବ୍ରାଞ୍ଚ ୧୦୦ରୁ ଅଧିକ ମୋବାଇଲ୍ ଫୋନ୍ ଉପରେ ଟାର୍ଗେଟ୍ କରିଛି। ଅର୍ଥାତ୍ ଏହି ମୋବାଇଲ୍ ଫୋନ୍ ବ୍ୟବହାରକାରୀ ନିଜ ଗୁଗୁଲ୍ ସର୍ଚ୍ଚ ଇଞ୍ଜିନ୍‌ରେ ବାରମ୍ବାର ଚାଇଲ୍ଡ-ପର୍ଣ୍ଣ ଭିଡିଓ ସର୍ଚ୍ଚ କରୁଛନ୍ତି। ଯାହାକି ଉଦ୍‌ବେଗଜନକ ଅଟେ।

ସ୍ମାର୍ଟଫୋନ୍‌ରେ ଇଣ୍ଟରନେଟ୍ ସଂଯୋଗ ବଢ଼ିଥିବା ବେଳେ ଅଶ୍ଳୀଳ ଭିଡ଼ିଓ ସର୍ଚ୍ଚ, ଡାଉନ୍‌ଲୋଡ୍ ବଢ଼ି ବଢ଼ି ଚାଲିଛି। କେନ୍ଦ୍ର ସରକାର ସମଗ୍ର ଦେଶରେ ଶିଶୁ ସମ୍ପର୍କିତ ଏବଂ ଶିଶୁ ଜଡ଼ିତ ଥିବା ସମସ୍ତ ଅଶ୍ଳୀଳ ୱେବସାଇଟ୍‌କୁ ବ୍ୟାନ୍ ଘୋଷଣା କରିଛନ୍ତି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏ ବିଷୟରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଶିଶୁଙ୍କ ସମ୍ପର୍କିତ ଅଶ୍ଳୀଳ ଫଟୋ ଓ ଭିଡ଼ିଓକୁ ଦେଖିବା, ଇଣ୍ଟର୍‌ନେଟ୍‌ରୁ ଡାଉନଲୋଡ୍ କରିବା ଏବଂ ନିଜ ମୋବାଇଲ୍‌ରେ ତାହାକୁ ସେଭ୍ କରି ରଖିବା ଗୁରୁତର ଅପରାଧ ବୋଲି ବିବେଚନା କରାଯାଉଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏନସିଆର୍‌ବି ବା ନ୍ୟାସନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋ ଏବଂ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଏଭଳି ଭିଡିଓ ଦେଖୁଥିବା ଲୋକଙ୍କ ଉପରେ କଠୋର୍ କାର୍ଯ୍ୟାନୁଷ୍ଠାନ ନେବାକୁ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି କ୍ରମରେ କଟକ ସାଇବର ଥାନା ପୁଲିସ ଶିଶୁ ବା ନାବାଳକ ଓ ନାବାଳିକାଙ୍କ ସମ୍ପର୍କିତ ଅଶ୍ଳୀଳ ଫଟୋ ଓ ଭିଡ଼ିଓ ଉପରେ ତୀକ୍ଷ୍ଣ ନଜର ରଖିଛି। ଇଣ୍ଟର୍‌ନେଟ୍‌ରେ କିଏ ଏହାକୁ ଦେଖୁଛି? କିଏ ଭିଡ଼ିଓ ଅପଲୋଡ୍ କରୁଛି? କିଏ ଡାଉନଲୋଡ୍ କରୁଛି? କିଏ ଏହି ଫଟୋ ଓ ଭିଡ଼ିଓ କାହାକୁ ପଠାଉଛି? ତାହା ଉପରେ ଦୃଷ୍ଟି ଦିଆଯାଉଛି। ଏଭଳି ତଥ୍ୟ ଏନସିଆରବି ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅଭିଯୁକ୍ତ ଯେଉଁଠି ଥିଲେ ବି ତାକୁ ଗିରଫ କରାଯାଉଛି। ମୁଖ୍ୟତଃ ରାଜ୍ୟର ସାଇବର୍ କମ୍ପ୍ଲେକ୍ସ ସହଯୋଗରେ ଜିଲ୍ଲା ପୁଲିସର ଉଦ୍ୟମରେ ଏ ସମ୍ପର୍କିତ ତଥ୍ୟକୁ ବାହାର କରାଯାଉଛି। ଚାଇଲ୍ଡ-ପର୍ଣ୍ଣ ଦେଖିଥିବା ବା ଏହାକୁ ପଠାଇଥିବା ମୋବାଇଲ୍‌ର ଆଇପି ଠିକଣା, ମୋବାଇଲ୍ ଲୋକେସନ୍, ଇଣ୍ଟରନେଟ୍ ବା ୱାଇଫାଇ୍ ତଥ୍ୟ, ଭର୍ଚୁଆଲ ପ୍ରାଇଭେଟ୍ ନେଟୱାର୍କକୁ ସଂଗ୍ରହ କରାଯାଉଛି।

**■ ମୋବାଇଲ୍ ଉପରେ ସାଇବର ପୁଲିସର ନଜର**
**■ ୨ ଗିରଫ ପରେ ଆକ୍ସନ୍-ମୋଡ୍‌ରେ ପୁଲିସ**
**■ ସାଇବର ପୁଲିସ ସ୍କାନରରେ ବହୁ ୟୁଜର୍**

ଏ ସମ୍ପର୍କରେ ସାଇବର ଥାନା ଆଇଆଇସି ରଶ୍ମିତା ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଚାଇଲ୍ଡ-ପର୍ଣ୍ଣ ବା ବିଭିନ୍ନ ଅଶ୍ଳୀଳ ଭିଡିଓ ଫୁଟପ୍ରିଣ୍ଟ ମୋବାଇଲ୍ ବା ଅନ୍ୟ ଡିଜିଟାଲ ଗେଜେଟ୍‌ରେ ରହୁଛି। ଲଗ-ଇନ୍ ହେଉଥିବା ଗୁଗୁଲ୍ ଆକାଉଣ୍ଟ ମୋବାଇଲ୍ ଫୋନ୍‌ର ସମସ୍ତ ତଥ୍ୟ ଉପରେ ନଜର ରଖୁଛି। ଏହି ତଥ୍ୟ ଏନ୍‌ସିଆରବି ପାଖରେ ପହଞ୍ଚୁଛି। ଫଳରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁଛି। ଏଭଳି ଭିଡିଓ ନିଜ ମୋବାଇଲ୍ ଫୋନ୍‌ରେ ସର୍ଚ୍ଚ କିମ୍ବା ଦେଖିବାକୁ ଆଇଆଇସି ବାରଣ କରିଛନ୍ତି।

## ଭିଜିଲାନ୍ସ ଜାଲରେ ଆର୍‌ଆଇ

କିଶୋରନଗର,୮।୧(ସମିସ): ଜଣେ ବ୍ୟକ୍ତିଙ୍କ ଜମି ଚିହ୍ନଟ ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଠମଲ୍ଲିକ ବ୍ଲକ କିଆକଟା ଥାନା ଟୁସର ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ଦାଶ। ସୁରେନ୍ଦ୍ର ସମ୍ପୃକ୍ତ ବ୍ୟକ୍ତିଙ୍କ ଜମି ଚିହ୍ନଟ ପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ବ୍ୟକ୍ତିଜଣଙ୍କ ଗୁରୁବାର ସୁରେନ୍ଦ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ୬ ହଜାର ଟଙ୍କା ଦେବା ବେଳେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା କଟକ ଭିଜିଲାନ୍ସ ଟିମଙ୍କ ତାଙ୍କୁ ଧରିଥିଲେ। ସୁରେନ୍ଦ୍ରଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି।

## ତାମିଲନାଡୁରେ ପୁଣି ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ସାନଖେମୁଣ୍ଡି, ୮।୧(ସମିସ): ଆନ୍ଧ୍ରପ୍ରଦେଶ ତାମିଲନାଡୁ ବୋର୍ଡର ଚିତ୍ତୁର ତ୍ରିପତିର ଏକ ଘରୋଇ କମ୍ପାନିରେ କାର୍ଯ୍ୟରତ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ମୌଲାଭଣଜା ଗୋପାବନ୍ଧୁ ନଗରର ପୀତାମ୍ବର ସେଠୀ। ହାଇୱାରେ ଯାଉଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୀତାମ୍ବରଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। କମ୍ପାନୀ ହାଇୱାରେ ମାଟି ଚାଲାଣ ହେଉଥିବା ବେଳେ ଟ୍ରକ୍‌ରେ ସର୍ଟସର୍କିଟ୍ ହୋଇ ନିଆଁ ଲାଗି ଯାଇଥିଲା। ଚାଳକ ଗାଡ଼ିରୁ ଡେଇଁ ପଡ଼ିଥିବା ବେଳେ ପୀତାମ୍ବରଙ୍କ ସମେତ ଅନ୍ୟ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତ ଶ୍ରମିକଙ୍କ ମର ଶରୀର ଜନ୍ମ ମାଟିକୁ ଫେରାଇ ଆଣିବାକୁ ଦାବି କରିଛନ୍ତି ପରିବାର।

# ଶିଶୁ ସୁରକ୍ଷାକୁ ନେଇ ସିଡବ୍ଲ୍ୟୁସି-ଉପଜିଲ୍ଲାପାଳ ମୁହାଁମୁହିଁ

ଯାଜପୁର, ୮।୧(ସମିସ): ରାଜ୍ୟରେ ଶିଶୁ ସୁରକ୍ଷା ପାଇଁ ଶିଶୁ ମଙ୍ଗଳ ସମିତି ଏବଂ ଶିଶୁ ସୁରକ୍ଷା ୟୁନିଟ୍ ରହିଛି। ଏଥିସହ ପଞ୍ଚାୟତଠାରୁ ଜିଲ୍ଲା ଓ ରାଜ୍ୟସ୍ତରରେ ଅନେକ ଅନୁଷ୍ଠାନ ମଧ୍ୟ କାମ କରୁଛନ୍ତି। କିନ୍ତୁ ଏହି ଶିଶୁ ସୁରକ୍ଷା ଆଇନକୁ କାର୍ଯ୍ୟକାରୀ କରିବାକୁ ଯାଇ ଯାଜପୁର ଉପଜିଲ୍ଲାପାଳ ଓ ସିଡବ୍ଲ୍ୟୁସି ମୁହାଁମୁହିଁ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ମୁତାବକ, ଏକ ପାରିବାରିକ ବିବାଦରେ ଯତ୍ନ ଓ ସୁରକ୍ଷା ଲୋଡୁଥିବା ୨ ବର୍ଷର ଶିଶୁପୁତ୍ର ଶିଶୁ ମଙ୍ଗଳ କମିଟି ତତ୍ତ୍ୱାବଧାନରେ ରହିଥିଲା। ଶିଶୁର ମା'ଙ୍କ ଅଭିଯୋଗ କ୍ରମେ ଯାଜପୁର ଉପଜିଲ୍ଲାପାଳ ତାପସ ରଂଜନ ଦେହୁରୀ ଶିଶୁପୁତ୍ରକୁ ତାଙ୍କ ମା'କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିଶୁ ପୁତ୍ରକୁ ମାତୃ ସ୍ତନ୍ୟପାନ ଆବଶ୍ୟକତା ଦୃଷ୍ଟିରୁ ଏଭଳି ନିଷ୍ପତି ନିଆଯାଇଥିଲା। କିନ୍ତୁ ଉପଜିଲ୍ଲାପାଳଙ୍କ ଏପରି ଆଦେଶକୁ ନାପସନ୍ଦ କରିଛି ସିଡବ୍ଲୁସି। ଯେଉଁ ମା' ୧୩ ମାସର ପିଲାକୁ ବିଡ଼ି ଟଣାଇ ଭିଡ଼ିଓ କରିବା ଘଟଣାରେ ଶିଶୁପୁତ୍ରକୁ ତତ୍‌କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉଦ୍ଧାର କରାଯାଇଥିଲା। ଟାଉନ୍ ପୁଲିସ ଶିଶୁପୁତ୍ରକୁ ହାଜର କରାଇବାକୁ ଆଣି ନଫେରାଇବାରୁ ୨୪ ଘଣ୍ଟା ଭିତରେ ଶିଶୁପୁତ୍ରକୁ ଉଦ୍ଧାର କରି ହାଜର କରାଇବାକୁ ସିଡବ୍ଲୁସି ନିର୍ଦ୍ଦେଶ ଦେଇଛି। ତେବେ ଏହି ଘଟଣାରେ ଉପ ଜିଲ୍ଲାପାଳଙ୍କୁ ପୂର୍ବ ଘଟଣାକ୍ରମକୁ ଅନ୍ଧାରରେ ରଖି ଶିଶୁପୁତ୍ରକୁ ଖସାଇ ଦିଆଯାଇଥିବା ଜଣାପଡ଼ିଛି।

ଶିଶୁ ମଙ୍ଗଳ କମିଟି ଏକାଧିକାର କ୍ଷମତା ଉପରେ ହସ୍ତକ୍ଷେପ ଓ ଧାରା ୩ର ଉଲ୍ଲଂଘନ ଧାରା ୩୬, ୩୭ ଆବଶ୍ୟକ ଆଇନଗତ ପ୍ରକ୍ରିୟାକୁ ଅବହେଳା, ଜେଜେ ଆକ୍ଟର ଉଲ୍ଲଂଘନ ବୋଲି ସିଡବ୍ଲୁସି ପକ୍ଷରୁ କୁହାଯାଇଛି। ଏପରି ଘଟଣା ଶିଶୁ ମଙ୍ଗଳ କମିଟିର ସାମ୍ବିଧାନିକ ମର୍ଯ୍ୟାଦାକୁ ଅସମ୍ମାନ କରିବା ସହ ଶିଶୁକୁ ବିପଦ ମୁହଁକୁ ଠେଲି ଦିଆଯାଇଛି ବୋଲି କୁହାଯାଇଛି। ଏ ସମ୍ପର୍କରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ରେକ୍ସୋନା ଜେନା କହିଛନ୍ତି, ଉପଜିଲ୍ଲାପାଳ କେଉଁ ଅଧିକାର ବଳରେ ଏପରି କାର୍ଯ୍ୟ କଲେ ତାହା ସ୍ପଷ୍ଟ କରନ୍ତୁ। ତୁରନ୍ତ ଶିଶୁପୁତ୍ରକୁ ଫେରାଇ ଆଣିବାକୁ ଦାବି କରିବା ସହ ଏ ସଂପର୍କରେ ଶିଶୁ ସୁରକ୍ଷା ବିଭାଗକୁ ଅବଗତ କରିଛନ୍ତି। ଏ ସମ୍ପର୍କରେ ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ତାର କାର୍ଯ୍ୟ କରିଛି ବୋଲି କହିଥିବାବେଳେ ଯାଜପୁର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଆଇନ ଅନୁଯାୟୀ ଜଣେ ଶିଶୁକୁ ତା ମା' ପାଖରେ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ତନ୍ୟପାନ କରୁଥିବା ଜଣେ ଶିଶୁକୁ କେହି ଅଟକାଇପାରିବେ ନାହିଁ ବୋଲି ଆଇନରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ତେଣୁ ଉଭୟ ସିଡବ୍ଲୁସି ଏବଂ ଉପଜିଲ୍ଲାପାଳଙ୍କ ମଧ୍ୟରେ ଚାଲିଥିବା ଆଇନଗତ ଯୁଦ୍ଧ ଆଗକୁ କେଉଁ ରୂପ ନେଉଛି ଦେଖିବାକୁ ବାକି ରହିଲା।

**■ ଶିଶୁକୁ ସ୍ତନ୍ୟପାନରୁ କେହି ବଞ୍ଚିତ କରିପାରିବେନି: ଉପଜିଲ୍ଲାପାଳ**
**■ ୧୩ ମାସର ଶିଶୁକୁ ବିଡ଼ି ଟଣାଇ ଭିଡିଓ ତିଆରି କରିଥିଲା ମା'**

**ପରିବହନ ବିଭାଗର 'ଅନ୍ଧ ନୀତି'**

# ଗର୍ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ

ଭୁବନେଶ୍ୱର,୮।୧(ସମିସ): ରାଜ୍ୟରେ ଯାନବାହାନର ପଲ୍ୟୁସନ ସାର୍ଟିଫିକେଟ ପାଇଁ ରାଜ୍ୟ ସରକାରଙ୍କ ଅନ୍ଧ ନୀତି ଯୋଗୁଁ ରାଜ୍ୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଯାହାକୁ ନେଇ ସମଗ୍ର ରାଜ୍ୟବାସୀ ଦହଗଞ୍ଜର ଶିକାର ହେଉଛନ୍ତି। ଏହି ଅନ୍ଧ ନୀତିର ତୁରନ୍ତ ପ୍ରତ୍ୟାହାର ଦାବିରେ ଗୁରବାର ବିଜୁ ଯୁବ ଓ ଛାତ୍ର ଜନତା ଦଳ ଭୁବନେଶ୍ୱରର ଆରଟିଓ-୧ ଅଫିସ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ସଭା ଆୟୋଜନ କରିଛି। ପଲ୍ୟୁସନ ସାର୍ଟିଫିକେଟ ନାହିଁ ତ ତେଲ ନାହିଁ ଓ ପୁରୁଣା ଫାଇନ ପୈଠ ନହେବା ପର୍ଯ୍ୟନ୍ତ ପଲ୍ୟୁସନ ସାର୍ଟିଫିକେଟ ପ୍ରଦାନ କରାଯିବ ନାହିଁ ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର ନ କଲେ, ଦଳ ରାଜ୍ୟବ୍ୟାପୀ ଏହି ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ଘୋଷଣା କରିଛି।

**■ ପଲ୍ୟୁସନ ସାର୍ଟିଫିକେଟ ବିନା ତେଲ ମନା ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର ଦାବି**
**■ ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ, ସାରା ରାଜ୍ୟରେ ଆନ୍ଦୋଳନ ଲାଗି ଧମକ**



ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ରାଜ୍ୟ ବିଜେପି ସରକାରଙ୍କ ଏହି ଅନ୍ଧ ନୀତିର ତୀବ୍ର ସମାଲୋଚନା କରାଯିବା ସହିତ ରାଜ୍ୟ ସରକାରଙ୍କ ବିଫଳତାର ଲମ୍ବା ତାଲିକା ପ୍ରଦାନ କରାଯାଇଥିଲା। ଚିନ୍ମୟ ସାହୁ କହିଥିଲେ ଯେ ରାଜ୍ୟ ବିଜେପି ସରକାର ଲୋକଙ୍କୁ ଧାଡିରେ ଛିଡା କରି ହନ୍ତସନ୍ତ କରିବାରେ ଆନନ୍ଦ ପାଉଛନ୍ତି। ସୁଭଦ୍ରା ଯୋଜନା ଦେବାବେଳେ ଏଥିରେ ସାମିଲ କରିବା ପାଇଁ ମହିଳା ମାନଙ୍କୁ ଧାଡିରେ ଛିଡା କଲେ। ଲୋକେ ରାସନ ପାଇବା ପାଇଁ ଲାଇନରେ ଛିଡା ହେଉଛନ୍ତି। ଚାଷୀ ମଣ୍ଡିରେ ଧାନ ଦେବା ପାଇଁ ଆଜି ରାଜରାସ୍ତାରେ ଛିଡା ହୋଇଛନ୍ତି । ଏବେ ପଲ୍ୟୁସନ ସାର୍ଟିଫିକେଟ ପାଇଁ ରାଜରାସ୍ତାରେ ଛିଡା ହେବାକୁ ପଡୁଛି । ସରକାରଙ୍କ ତୋଗଲକି ନିଷ୍ପତ୍ତି ଯୋଗୁଁ ରାଜ୍ୟବାସୀ ଅତିଷ୍ଠ ହୋଇପଡିଲେଣି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ ଯେ ସୁଶାସନର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାର ରାଜ୍ୟବାସୀଙ୍କୁ ଶୋଷଣ କରିବାରେ ଲାଗିଛି। ପଲ୍ୟୁସନ ସାଟିଫିକେଟ ନାମରେ ନୂଆ ଶୋଷଣ ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ସାର୍ଟିଫିକେଟ ନ ଥିଲେ ତେଲ ମିଳିବ ନାହିଁ ବୋଲି ସରକାର ନେଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ବେଆଇନ। ତେଣୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ । ଏହାଛଡା ଫାଇନ ପୈଠ ନହେଲେ ପଲ୍ୟୁସନ ସାର୍ଟିଫିକେଟ ପ୍ରଦାନ କରାଯିବ ନାହିଁ ବୋଲି ସରକାର ନେଇଥିବା ନିଷ୍ପତ୍ତି ମଧ୍ୟ ଗ୍ରହଣୀୟ ନୁହେଁ । ୧୮ ମାସର ଶାସନରେ ବିଜେପି ସରକାର ରାଜ୍ୟର ଆର୍ଥିକ ସ୍ଥିତିକୁ ଦେବାଳିଆ ଆଡ଼କୁ ନେଇଥିବା ବେଳେ ବର୍ତ୍ତମାନ ଲୋକଙ୍କୁ ଶୋଷଣ କରିବାକୁ ବସିଛନ୍ତି । ରାଜ୍ୟ ସରକାର ତାଙ୍କ ଏହି ଅନ୍ଧ ନୀତିକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ, ନଚେତ ବିଜୁ ଯୁବ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ ଏହି ଆନ୍ଦୋଳନକୁ ଅଧିକ ବ୍ୟାପକ କରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ଛାତ୍ର ନେତୃବୃନ୍ଦଙ୍କ ସହ ହଜାର ହଜାର ଯୁବ ଓ ଛାତ୍ର କର୍ମକର୍ତ୍ତା ସାମିଲ ହୋଇଥିଲେ ।

# ଓଡ଼ିଆ ଓ ଓଡ଼ିଶୀର ଅପୂର୍ବ ସଙ୍ଗମ ଗୁରୁ କେଲୁଚରଣ: ମୁଖ୍ୟମନ୍ତ୍ରୀ

**ନୃତ୍ୟଗୁରୁଙ୍କ ଜନ୍ମ ଶତବାର୍ଷିକୀରେ ଚିତ୍ରକଳା ଓ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ**

ଭୁବନେଶ୍ୱର,୮।୧(ସମିସ): ଓଡ଼ିଶା, ଓଡ଼ିଆ ଆଉ ଓଡ଼ିଶୀର ଅଭୂତପୂର୍ବ ସଙ୍ଗମ ହେଉଛନ୍ତି ଗୁରୁ କେଲୁଚରଣ ମହାପାତ୍ର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ପଦ୍ମ ବିଭୂଷଣ ଗୁରୁ ସ୍ୱର୍ଗତ କେଲୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଗୁରୁ କେଲୁଚରଣ ମହାପାତ୍ର କେବଳ ଜଣେ ମହାନ ନୃତ୍ୟଶିଳ୍ପୀ ନୁହେଁ; ସେ ଥିଲେ ଓଡ଼ିଶୀ ନୃତ୍ୟର ଆତ୍ମା। ଯେତେବେଳେ ଓଡିଶୀ ନୃତ୍ୟ ଅବହେଳାର ଅନ୍ଧକାରରେ ଆବୃତ ଥିଲା, ସେତେବେଳେ ଗୁରୁଜୀ ତାଙ୍କର ଅସୀମ ସାଧନା, ଅତୁଟ ଆସ୍ଥା ଓ ଅଦମ୍ୟ ପରିଶ୍ରମରେ ଏହି ନୃତ୍ୟକଳାକୁ ପୁନର୍ଜୀବନ



ଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି, ମାହାରୀ ପରମ୍ପରା, ଶାସ୍ତ୍ରୀୟ ଓ ଲୋକକଳା, ସମସ୍ତଙ୍କ ସମନ୍ୱୟରେ ଗୁରୁ କେଲୁଚରଣ ମହାପାତ୍ର ଓଡିଶୀ ନୃତ୍ୟକୁ ଏକ ଅଦ୍ଭୁତ ଶାସ୍ତ୍ରୀୟ ଆକୃତି ଦେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ଓଡ଼ିଶୀ ଗବେଷଣା କେନ୍ଦ୍ର ସ୍ଥିତ ପଦ୍ମ ବିଭୂଷଣ ଗୁରୁ କେଲୁଚରଣ ମହାପାତ୍ରଙ୍କ ପ୍ରତିମୂର୍ତ୍ତି ସମେତ ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀ ଓ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ 'କେଲୁଚରଣ କୀର୍ତ୍ତି ଶତକମ୍' ନାମରେ ଆୟୋଜିତ ତିନିଦିନିଆ ଚିତ୍ରକଳା ଓ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ, ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଗୁରୁ କେଲୁଚରଣ ମହାପାତ୍ରଙ୍କ ଜୀବନୀ ଓ ଓଡ଼ିଶୀ ଗବେଷଣା କେନ୍ଦ୍ର ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ରକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ପ୍ରିୟମ୍ବଦା ହେଜମାଦୀ, ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲ୍, ଗୁରୁ ରତିକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଗୁରୁ କେଲୁଚରଣଙ୍କ ସ୍ମୃତିଚାରଣ କରିଥିଲେ। ଏହାପରେ ନୃତ୍ୟଗୁରୁ ବିଷ୍ଣୁତତ୍ତ୍ୱ ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।



ସକାଳ THE SAKALA



# କଳାହାଣ୍ଡି ଉତ୍ସବ 'ଘୁମୁରା'ରେ ଦୁଲୁକୁଛି ମଞ୍ଚ






## ପୌରପାଳିକାସ୍ତରୀୟ

**ଭବାନୀପାଟଣା, ୮ ।୧(ସମିସ)**

ଟାଉନହଲରେ ପୌରପାଳିକାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଅବସରରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନଗରପାଳ ଭବାନୀପାଟଣା ବିଷ୍ଣୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ (ସାଧାରଣ) ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଚଳିତ ବର୍ଷ ହେବାକୁ ଯାଉଥିବା କଳାହାଣ୍ଡି ଉତ୍ସବର ଆକର୍ଷଣୀୟ କାର୍ଯ୍ୟକ୍ରମ ଓ ଆମ ଅଞ୍ଚଳର ଲୋକକଳାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କଳାହାଣ୍ଡି ସଂସ୍କୃତି ଅଧିକାରୀ ଆମର ଲୋକକଳା ସହ ବିଭିନ୍ନ ରାଜ୍ୟରୁ ଆସୁଥିବା ଅନେକ ଉଚ୍ଚକୋଟୀର ଲୋକନୃତ୍ୟ ଦେଖିବା ପାଇଁ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ, ଏମଇ ସମିର କୁମାର ଠାକୁର ସମସ୍ତ କାଉନସିଲରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଲୋକକଳାରେ ବିଭିନ୍ନ ଅନୁଷ୍ଠାନରୁ ଆସିଥିବା କଳାକାରମାନେ ଘୁମୁରା, ସମ୍ବଲପୁରୀ ତଥା ଅନ୍ୟାନ୍ୟ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ବିଭୋର କରିଥିଲେ। ପୌରପାଳିକାର ସମସ୍ତ କାଉନସିଲର ସଭ୍ୟ/ସଭ୍ୟା ବୃନ୍ଦ, କାର୍ଯ୍ୟାଳୟର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ସଭାକାର୍ଯ୍ୟକୁ ସଞ୍ଜିବ କୁମାର ସିଂ ପରିଚାଳନା କରିଥିଲେ। ଶେଷରେ ନିର୍ବାହୀ ଅଧିକାରୀ ପୌରପାଳିକା ପ୍ରମୋଦ କୁମାର ପାଢ଼ୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## କର୍ଲାମୁଣ୍ଡା ବ୍ଲକ୍

**କର୍ଲାମୁଣ୍ଡା:** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ସାଧାରଣପରେଡ଼ ପଡ଼ିଆରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି ।ପ୍ରଥମେ ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇଙ୍କ ନେତୃତ୍ୱରେ କର୍ଲାମୁଣ୍ଡା ବସ୍ତିସ୍ଥିତ ଜଗନ୍ନାଥ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ମଞ୍ଚରେ ପହଞ୍ଚିଥିଲା ।ମଞ୍ଚରେ ମଶାଲ ପହଞ୍ଚିବା ପରେ ବ୍ଲକ ଅଧକ୍ଷ୍ୟା କୁନି ସାହୁ, ବିଡିଓ ସୁଚରିତା ମୁଗ୍ରୀ, ଜିଲ୍ଲା ପରିଷଦ -କ ଜୋନ ସଭ୍ୟ ମହେନ୍ଦ୍ର ରଣା, ଖ-ଜୋନ ସଭ୍ୟ ସୁରେଶ ଚୌଧୁରୀ, ତହସିଲଦାର ଅରୁଣ ବର୍ଗେ, ସିଡିପିଓ କଳ୍ପଲତା ତ୍ରିପାଠୀ, ବ୍ଲକ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା ଯୋଗ ଦେଇ ମଞ୍ଚ ଉଦ୍‌ଘାଟନ କରିଥିଲେ ।ଉଦ୍‌ଘାଟନୀ ସଭାରେ ଖବରଦାତା ପ୍ରଦୀପ କୁମାର ସାହୁ ଓ ନବୀନ କିଶୋର ସାହୁ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ପୁରସ୍କାର ବିତରଣ ସମାରୋହରେ ବ୍ଲକ ଅଧକ୍ଷ୍ୟା କୁନି ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ମୁଖ୍ୟ ବକ୍ତା ଭାବେ ଡକ୍ଟର ପରମେଶ୍ୱର ମୁଣ୍ଡ, ସମ୍ମାନିତ ଅତିଥି ଭାବେ ଉତ୍ସବ କମିଟିର ସମ୍ପାଦକ ତଥା ବିଡିଓ ସୁଚରିତା ମୁଗ୍ରୀ, ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରୀଆ, ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ କେସିଙ୍ଗା, କର୍ଲମୁଣ୍ଡା ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ ପ୍ରମୁଖ ଯୋଗ ଦେଇଥିଲେ ।ମହୋତ୍ସବରେ କୃଷିବିଭାଗ, ଉଦ୍ୟାନ ବିଭାଗ, ଅଗ୍ନିଶମବିଭାଗ, ଆଇସିଡିଏସବିଭାଗ, କୃଷିଉତ୍ପାଦକଦଳ, ଆଇଜିଏସଏସଏସ ଏନଜିଓ, ଜୟ ଥୁଆମୁଲ କୃଷି ଉତ୍ପାଦକ କମ୍ପାନୀ, ପ୍ରାଣୀ ଚିକିତ୍ସା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ ଲାଗିଥିଲା। ବିଳମ୍ବିତ ରାତି ଯାଏଁ ସଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ସଭା କାର୍ଯ୍ୟରେ ସାମ୍ବାଦିକ ନରୋତ୍ତମ ସେଲମା ଓ କୁଞ୍ଜ ସାହୁ ସଂଯୋଜନା କରିଥିବା ବେଳେ ସଂସ୍କୃତିକ କାର୍ଯ୍ୟକ୍ରମକୁ ମଧୁସୂଦନ ବାଗ, ପ୍ରଶାନ୍ତ କୁମାର ଦାସ ଓ ବର୍ଷା ପ୍ରିୟ ଦର୍ଶନୀ ସାହୁ, ଭାଗିରଥି ଷଡଙ୍ଗୀ, ପ୍ରଦୀପ କୁମାର ସାହୁ, ପରିଚାଳନା କରିଥିଲେ ।ଉଜ୍ଜ୍ୱଳ କୁମାର ସାହୁ, ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ ମିଶ୍ର, ସେକ୍ସନ ଅଫିସର ଶିବନନ୍ଦ ପାତ୍ର, ପ୍ରଦୀପ କୁମାର ମାଝୀ, ଗୋପବନ୍ଧୁ ସାହୁ, ବିଧାୟକ ପ୍ରତିନିଧି କାନହୁ ଚରଣ ସାହୁ, ସାଂସଦ ପ୍ରତିନିଧି ହୃଦାନନ୍ଦ ସାହୁ, ଓଡ଼ିଶା ଜୀବନ ଜୀବିକା ମିଶନ ବିପିଏମ୍ ସରୋଜିନୀ ପ୍ରଧାନ, ସିଆରପି, ଏମବିକେ, ପିଇଓ, ଏଡିଇଓ, ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## କେସିଙ୍ଗା ବ୍ଲକ୍

**କେସିଙ୍ଗା:** କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ମଧ କଳାହାଣ୍ଡି ଉତ୍ସବ ଘୁମୁରା ଗୁରୁବାର ଦିନ ସ୍ଥାନୀୟ ବିଦ୍ୟାପୀଠ ଖେଳ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଜନ୍ମେଜୟ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ଥିଲେ କେସିଙ୍ଗା ବ୍ଲକ ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବରେ କେସିଙ୍ଗା ଜୋନ-୧ ଜିଲ୍ଲା ପରିଷଦ ସଦସ୍ୟା ଦିପାଞ୍ଜଳି ସାହୁ, ଜୋନ-୨ର ଜିଲ୍ଲା ପରିଷଦ ସଦସ୍ୟ ନରୋତ୍ତମ ଭାଟି, ଜୋନ-୩ର ସଦସ୍ୟା ସୁନିତା ଶବର, କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା, କେସିଙ୍ଗା ଉତ୍ତର ବନଖଣ୍ଡ ଅଧିକାରୀ ସ୍ନିଗ୍ଧାସରିତା ବଳିଆରସିଂ, ସିଡିପିଓ ସୁଷମା ମିଶ୍ର ପ୍ରମୁଖ ମଞ୍ଚାସିନ ଥିଲେ। ସକାଳେ ଐତିହାସିକ ବେଲଖଣ୍ଡି ଶିବ ମନ୍ଦିର ପ୍ରାଙ୍ଗଣରୁ ଓ କେସିଙ୍ଗାର ଇଷ୍ଟଦେବୀ ବୁଢ଼ାଡଙ୍ଗର ମନ୍ଦିରରୁ ମଶାଲ ଯାତ୍ରା କରାଯାଇ ବୁଢ଼ା ଡଙ୍ଗର ମଞ୍ଚରେ ସ୍ଥାପିତ କରି ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପ୍ରକାଶ ଥାଉକି ଚଳିତ ବର୍ଷ ବ୍ଲକ ସ୍ଥାନୀୟ କଳାହାଣ୍ଡି ଉତ୍ସବ କେସିଙ୍ଗା ବ୍ଲକରେ ଦୁଇ ଦିନ ୮ ଓ୯ ତାରିଖ ପାଳନ ହେବ ।ପ୍ରଥମ ଦିନର ସାଂସ୍କୃତିକ ସଂଧ୍ୟାକୁ ଉଦ୍‌ଘାଟନ କରିବା ପାଇଁ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଓ କେସିଙ୍ଗା ଏସଡିପିଓ ସନ୍ଦୀପ କୁମାର ମାଝୀ। ପ୍ରଥମ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନର ନାଚ ଗୀତ ସହିତ ପଶ୍ଚିମ ଓଡ଼ିଶାର ବରିଷ୍ଠ ହାସ୍ୟ ଅଭିନେତା ବିନ୍ଦୁ ଓ ଯୋଗେଶ ଯୋଜୋ ଉପସ୍ଥିତ ଦର୍ଶକଙ୍କ ମନ ଜିଣିଥିଲେ ।ଶେଷରେ ଉତ୍କେଲା ଫାଣ୍ଡି ଅଧିକାରୀ ଅନୁପ କୁମାର ଶତପଥୀଙ୍କ ଦ୍ୱାରା ମ୍ୟାଜିକ ସୋ ଅନୁଷ୍ଠିତ ହୋଇଥିଲା।

## କବିତା ପାଠୋତ୍ସବ

**କୋକସରା:** କୋକସରା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବର ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କବିତା ପାଠୋତ୍ସବ କମିଟିର ଆବାହକ ମୋହନ ଚରଣ ବିଷି ଓ ପଙ୍କଜ ମୁଖ ଚୌଧୁରୀଙ୍କ ଆବାହକତ୍ୱରେ କୋକସରା ବ୍ଲକର ଶିକ୍ଷ, ଅତିତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ କବି ଓ କବୟିତ୍ରୀମାନେ କବିତା ପାଠ କରିବା ସହ ଆଲୋଚନା କରିଥିଲେ ।କବିତା ପାଠୋତ୍ସବରେ କୋକସରା ବିଡ଼ିଓ ଡଃ. ହିମାଞ୍ଚଳ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଅଶ୍ୱିନୀ ପଟ୍ଟନାୟକ ମୁଖ୍ୟବକ୍ତା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଆଗ୍ରଓ୍ୱାଲ, ରତ୍ନରାଜ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଓ ଆଲୋଚକ ମୀନ କେତନ ପ୍ରଧାନୀ, ସୁଧିର କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ। ପ୍ରଥମେ ଅତିଥିମାନେ ମଞ୍ଚାସୀନ ହେଲାପରେ ଦୀପ ପ୍ରଜ୍ୱଳନ କରି କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏଥିରେ କୋକସରା ଅଞ୍ଚଳର ୫୦ ଜଣ କବି ଓ କବୟିତ୍ରୀ ଯୋଗଦେଇ କଳାହାଣ୍ଡିର କଳା ସଂସ୍କୃତି, ଐତିହ୍ୟ ଉପରେ କବିତା ପାଠ କରିବା ସହ ଗୁଡାହାଣ୍ଡି ମଞ୍ଚ ଠାରୁ ଆରମ୍ଭ କରି ବ୍ଲକସ୍ତରୀୟ କାଳହାଣ୍ଡି ଉତ୍ସବ ଉପରେ କବିତା ମାଧ୍ୟମରେ ବଖାଣି ଥିଲେ। ଭାଗିରଥି ସାଗର, ଯୋଶୋଧାରା ବାଗ ଓ ଅର୍ଜୁନ ବାଗ କବିତା ସଂଯୋଜନା କରିଥିଲେ। ମମତା ରଣା, ସୁମିତ୍ରା ଗହୀର, ତୁଳେନ୍ଦ୍ରୀ ବାରିକ, ରିଖିରାମ ମେହେର ପ୍ରମୁଖ ସହଯୋଗ କରିଥିଲେ।

## ଲାଞ୍ଜିଗଡ଼ ବ୍ଲକ୍

**ଲାଞ୍ଜିଗଡ଼:** ଲାଞ୍ଜିଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶ୍ୱନାଥପୁରସ୍ଥିତ ବେତାଳି ଭୈରବ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ଉତ୍ସବ ପଡ଼ିଆକୁ ପହଞ୍ଚିଥିଲା। ମଞ୍ଚ ପୂଜା ପରେ ପରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟକ ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଯୋଗଦେଇ ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ମା'ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର, ଗୋଷ୍ଠୀ ଶିକ୍ଷାଧିକାରୀ ରକ୍ଷିଆ ମେହେର, ଜିଲ୍ଲା ପରିଷଦ ସଭ୍ୟ ଅଞ୍ଜଳୀ ମାଝୀ, ପରୀକ୍ଷିତ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋହର ହରପାଲ, ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝୀ, ସମିତି ସଭ୍ୟ ଅଜିତ ପ୍ରଧାନୀ ପୂର୍ବତନ ସାଂସଦ ପ୍ରତିନିଧି ଲକ୍ଷ୍ମୀଧର ସନ୍ତୋଷରାୟ, ସମାଜସେବୀ ତୁଳସୀ ମାଝୀ, ନରେନ୍ଦ୍ର ବେହେରା, ଅନନ୍ତ ପ୍ରଧାନୀ ପ୍ରମୁଖ ମଞ୍ଚାସୀନ ଥିଲେ। ତପନ କୁମାର ଭୋଇ ସଭା ପରିଚାଳନା କରିଥିଲେ। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆ ଧନ୍ୟବାଦ ଅର୍ପଣ କରିଥିଲେ ।ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ଲକର ୨୬ଟି ପଞ୍ଚାୟତ ଅଞ୍ଚଳରୁ ୪୦ରୁ ଊର୍ଦ୍ଧ୍ୱ ନୃତ୍ୟଦଳ ସାମିଲ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୂର୍ଯ୍ୟକାନ୍ତ ଭୁଏ, ଗୋପାଳଦାସ ମହାନନ୍ଦ ଓ ସୁଶୀଲ କୁମାର ବାଗ ପରିଚାଳନା କରିଥିଲେ। ରାୟଗଡ଼ାରୁ ଆସିଥିବା ଯାଦୁକର ଏସ. ଅରୁଣ କୁମାରଙ୍କ ମ୍ୟାଜିକ ସୋକୁ ଦର୍ଶକମାନେ ବିଳମ୍ବିତ ରାତିଯାଏଁ ଉପଭୋଗ କରିଥିଲେ।

## ଜଙ୍ଗଲ ନିଆଁ ପ୍ରତିରୋଧ ଓ ପରିଚାଳନା ବୈଠକ

# ସଚେତନତା ହିଁ ମୁଖ୍ୟ ଅସ୍ତ୍ର



**ନୂଆପଡ଼ା, ୮ ।୧(ସମିସ):** ନୂଆପଡ଼ାରେ ଜଙ୍ଗଲ ନିଆଁ ପ୍ରତିରୋଧ ଓ ପରିଚାଳନା ଲାଗି କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ପାଇଁ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ ସଭା କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶ ଅଧ୍ୟକ୍ଷତା କରିଥିଲେ। ବନଖଣ୍ଡ ଅଧିକାରୀ ଅଜିଜ ଖାନ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଜଙ୍ଗଲ ନିଆଁ ପ୍ରତିରୋଧ ଓ ପରିଚାଳନା ପାଇଁ ଜିଲ୍ଲା ସ୍ତରୀୟ ଏକଶନ ପ୍ଲାନ-୨୦୨୬ ଉପରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା। ବୈଠକକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଜଙ୍ଗଲ ନିଆଁ ପ୍ରତିରୋଧ କ୍ଷେତ୍ରରେ ସାଧାରଣଜନତାଙ୍କ ସକ୍ରିୟ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନତାଙ୍କ ସଚେତନତା ହିଁ ମୁଖ୍ୟ ଅସ୍ତ୍ର। ଯଦି ସାଧାରଣ ଜନତା ସଚେତନ ନ ହୁଅନ୍ତି ତେବେ କିଛି ବି ପରିବର୍ତ୍ତନ ହେବ ନାହିଁ। ସମସ୍ତ ବିଭାଗକୁ ନିଆଁ ପ୍ରତିରୋଧ ପାଇଁ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ ।ଫେବୃଆରୀ ମାସରୁ ଡିଏଫଓ (ବନ୍ୟପ୍ରାଣୀ)ଓ ଡିଏଫଓ (ଟେରିଟୋରିଆଲ) ଙ୍କ ନେତୃତ୍ୱରେ ଗଠିତ କମିଟି ପ୍ରତି ମାସରେ ଜଙ୍ଗଲ ଅଗ୍ନି ପ୍ରତିରୋଧ, ଅବାଧ ଶିକାର ଓ ଅନ୍ୟାନ୍ୟ ଅବୈଧ ବନ୍ୟପ୍ରାଣୀ କାର୍ଯ୍ୟକଳାପକୁ ରୋକିବାକୁ ସହାୟତା କରୁଥିବା ଜଣେ ବ୍ୟକ୍ତିଙ୍କୁ 'ବନମିତ୍ର' ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯିବ। ଡିଏଫଓ (ବନ୍ୟପ୍ରାଣୀ) ସମୀର କୁମାର ସାହୁ ଓଡ଼ିଶା ଜଙ୍ଗଲ ପରିଚାଳନା ପ୍ରଣାଳୀ ଓ ଜଙ୍ଗଲ ଅଗ୍ନି ପ୍ରତିରୋଧ ପାଇଁ ଗୃହୀତ ପଦକ୍ଷେପ ସମୂହ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଶ୍ରୀଖାନ ଜଙ୍ଗଲ ଅଗ୍ନି ପ୍ରତିରୋଧରେ ସମସ୍ତ ବିଭାଗର ସକ୍ରିୟ ଭୂମିକା ଓ ସହଯୋଗ ପାଇଁ ଆହ୍ୱାନ ଦେଇଥିଲେ। ସଭାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ, ଜିଲ୍ଲା କଲ୍ୟାଣ ଅଧିକାରୀ ଦୀପ୍ତିମନ୍ତ ଭୋଇ ଓ ଅନ୍ୟାନ୍ୟ ବନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ବିଜେଡି ଟିମ୍‌ର ପର୍ଲା ଧାନ ମଣ୍ଡି ପରିଦର୍ଶନ

**ଧର୍ମଗଡ଼, ୮ ।୧(ସମିସ):** ବିଜେଡିର ଟିମ୍ ଧର୍ମଗଡ଼ ବ୍ଲକ ପର୍ଲା ଧାନ ମଣ୍ଡି ପରିଦର୍ଶନ କରିଛନ୍ତି। ବ୍ଲକ ସଭାପତି ଡାକେ ଲହଜଲଙ୍କ ନେତୃତ୍ୱରେ ଟିମ୍ ଆସି ଚାଷୀଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି ।ଆଲୋଚନା ବେଳେ ପର୍ଲା ମଣ୍ଡିରେ ବିଭିନ୍ନ ସମସ୍ୟା ଥିବା ଜାଣିବାକୁ ପାଇଁ ଟିମ୍ କ୍ଷୁବ୍ଧ ପ୍ରକାଶ କରିଛି ।ମିଳିଥିବା ସୂଚନା ମତେ ଚାଷୀଙ୍କୁ ବସ୍ତା ନମିଳିବା, ୫-୬କିଲୋ କଟ୍‌ନୀ ଛଟନୀ ହେବା, ବିଳମ୍ବରେ ଧାନ ଉଠିବା, କ୍ରମିକ ଭାବେ ଚାଷୀ ଙ୍କ ଧାନ ନନେଇ ଚିହ୍ନା ମୁହଁ ଦେଖି ଚାଷୀ ଙ୍କ ଧାନ ନେବା ଏପରିକି ଚାଷୀଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଭଳି ଟିମ୍ ଜାଣିବାକୁ ପାଇଥିଲା। ଏହା ଉପରେ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ସହ ଟିମ୍ ଆଲୋଚନା କରିବ ବୋଲି ଶ୍ରୀ ଲହଜଲ ପ୍ରକାଶ କରିଛନ୍ତି ।ସୂଚନା ଯେ ପର୍ଲା ମଣ୍ଡି ଦାୟିତ୍ୱ ଜୟ ଜଗନ୍ନାଥ ମହିଳା ଗୋଷ୍ଠୀଙ୍କୁ ଦିଆଯାଇଛି ।ପ୍ରଥମ ପର୍ଯ୍ୟାୟରେ ସରକାର ୨୨, ୨୦୦୦କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ବ୍ୟବସ୍ଥା ରଖି ୫ ମିଲର୍ସଙ୍କୁ ନିୟୋଜିତ କରିଛନ୍ତି। ମୋଟ ୧୦୪୭ଜଣ ଚାଷୀ ଧାନ କ୍ରୟ ପାଇଁ ପୁଞ୍ଜିକୃତ କରିଛନ୍ତି ।ବର୍ତ୍ତମାନ ସୁଦ୍ଧା ୩୮ ୭ ଜଣ ଚାଷୀଙ୍କ ୧୫, ୨୫୮ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ଜଣାପଡ଼ିଛି ।ତେବେ ପରିଦର୍ଶନ ଟିମ୍‌ରେ ବିଜେଡି ଜିଲ୍ଲା ସମ୍ପାଦକ ଲବଣି ରାଉତ, ଯୁବନେତା ଭବାନୀ ଶଙ୍କର ବଣିଆ, ବ୍ଲକ ମହିଳା ସଭାନେତ୍ରୀ ମିଥିଲା ପୁଞ୍ଜି, ମମତା ବାଗ, ସୋସିଆ ହାତୀ, ନବୀନ କୁମାର ପୁରୋହିତ, ଅରୁଣ କୁମାର ଜାଲ ପ୍ରମୁଖ ଉପସ୍ଥିତ ଥିଲେ।



# ସିନାପାଲି ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ

**ସିନାପାଲି, ୮ ।୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ସଦର ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ପ୍ରଧାନ ଶିକ୍ଷକ ଲଳିତ ସୁନାରିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା କାର୍ଯ୍ୟରେ ମୁଖ୍ୟଅତିଥି ଭାବରେ ସିନାପାଲି ବିଡ଼ିଓ କାର୍ମୀ ଓରାମ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ସିନାପାଲି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଲୋହିତାକ୍ଷ ଯୋଷୀ, ସମ୍ମାନିତ ଅତିଥି ଭାବରେ ସିନାପାଲି ବ୍ଲକ ଉପାଧ୍ୟକ୍ଷା ମିନା ଘିଭେଲା, ସିନାପାଲି ସଦର ସରପଞ୍ଚ ସୁନୀତା ମେହେର, ସିନାପାଲି ସଦର ସମିତି ସଭ୍ୟ ମନୀଷ କୁମାର ପଟେଲ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତଗାନ କରଯାଇଥିଲା। ଏହାକୁ ନିକୁଞ୍ଜ ବିହାରୀ ସା ପରିଚାଳନା କରିଥିଲେ। ଶିକ୍ଷକ ମହେଶ କୁମାର ମେହେର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଅନିଲ କୁମାର ସା ବିବରଣୀ ପଠନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।କୁମାରୀ ଦିପାଞ୍ଜଳୀ ନାୟକ ଓ ଚନ୍ଦ୍ରଭାନୁ ମାଝି, ବରିଷ୍ଠ ବିଭାଗର ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇ ଥିବା ବେଳେ କୁମାରୀ ମନୀଷା ନାୟକ ଓ ରାଜ ଚିନ୍ଦା କନିଷ୍ଠ ବିଭାଗର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍ମୃତି ସ୍ମାରକୀ ପ୍ରଦାନ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟତ୍ରୀ ପର୍ତ୍ତିଶ୍ୱରୀ ପାତ୍ର ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ସତ୍ୟରୁପା ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ



**ନୂଆପଡ଼ା, ୮ ।୧(ସମିସ):** ନୂଆପଡ଼ା ପୁଲିସ ପଡ଼ିଆରେ ଚାଲିଥିବା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ ହୋଇଯାଇଛି। ମେଳାର ଦ୍ୱିତୀୟ ଦିନରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ସମସ୍ତ ଚାଷୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଡ଼.ସୋନିଆ ଗୋଲ୍ଡି ଅଗ୍ରୱାଲ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ, ପ୍ରଫୁଲ୍ଲ କୁଜୁର, ଅତିରିକ୍ତ ଜିଲ୍ଲପାଳ (ରାଜସ୍ୱ ), ନୂଆପଡ଼ା, ପୁଷ୍ପାଞ୍ଜଳି ନନ୍ଦ, ଅଧ୍ୟକ୍ଷା, ପଞ୍ଚାୟତ ସମିତି, ଖରିଆର, ମାଧୁରୀ ମାଝୀ, ଅଧ୍ୟକ୍ଷା, ପଞ୍ଚାୟତ ସମିତି, ସିନାପାଲି, ଭାନୁ ପ୍ରତାପ ମାଝୀ, ଜିଲ୍ଲା ପରିଷଦ ସଭ୍ୟ, ଡ. ସୁଖେନ୍ଦୁ ରାୟ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଏବଂ ବିଜନ କୁମାର ସାହୁ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ସହ ମେଳାର ଶୁଭାରମ୍ଭ କରିଥିଲେ। ବିଭାଗୀୟ ଅଧିକାରୀମାନେ ଅତିଥିଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା କରିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ସମ୍ପଦ ବିକାଶ ବିଭାଗରେ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ଗୁଡିକ ବିଷୟ ରେ ବିସ୍ତୃତ ଧାରଣା ଦେଇଥିଲେ। ଅତିଥି ବୃନ୍ଦ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପ୍ରଦର୍ଶନୀ ବୁଲିବା ସହ ମେଳାରେ ଭାଗ ନେଇ ଥିବା ମତ୍ସ୍ୟ ଚାଷୀ ଗୋପାଳକ, ଛେଳି ମେଣ୍ଢା ପାଳକ, କୁକୁଡ଼ା ଚାଷୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ର ସମସ୍ତ ମହିଳାଙ୍କୁ ସରକାରୀ ଯୋଜନା ମାଧ୍ୟମ ରେ ସ୍ୱାବଲମ୍ବୀ ହେବା ପାଇଁ ଆହ୍ୱାନ କରିଥିଲେ ।ଏହି ଅବସରରେ ଚାଷୀ ନରେନ୍ଦ୍ର ସିଂ ଧରୁଆଙ୍କୁ ମାଛ ଜାଆଁଳା ଉତ୍ପାଦନ, ଶ୍ୟାମଲାଲ୍ ମାଝୀଙ୍କୁ ମତ୍ସ୍ୟ ପୋଖରୀ ଯୋଜନା, ପୂଜା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଛେଳି ପାଳନ, ପରମାନନ୍ଦ ମାଝୀଙ୍କୁ ଛେଳି ଓ ଅଣ୍ଡାଦିଆ କୁକୁଡ଼ା ପାଳନ, ମଧୁ ମିଶ୍ରଙ୍କୁ ଶୀତତାପ ନିୟନ୍ତ୍ରିତ କୁକୁଡ଼ା ପାଳନ ପାଇଁ ସମ୍ମାନିତ କରାଯାଇଥିଲା। ଚାଷୀ ରୂପେଶ ଅହିର ମଇଁଷି ପାଳନ, କିଶୋରୀ ସାହୁ ଗୋପାଳନ, ନମିତା ପ୍ରଧାନ କୁକୁଡ଼ା ପାଳନ, ବାସନ୍ତୀ ସାହୁ, ମଇଁଷି ପାଳନ ପାଇଁ ମୁଖ୍ୟ ଅତିଥିଙ୍କ କରକମଳରୁ ଆର୍ଥିକ ସହାୟତା ରାଶି ଗ୍ରହଣ କରିଥିଲେ।




# ଫେରାର ନାବାଳକକୁ ଧରି ନେଲା ପୁଲିସ

**ଭବାନୀପାଟଣା, ୮ ।୧ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଜୁଭେନାଲ ଜେଲରୁ ବୁଧବାର ସକାଳୁ ଜଣେ ନାବାଳକ ଫେରାର ହୋଇଯାଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଭବାନୀପାଟଣା ସଦର ଥାନା ପୁଲିସ ଓ ଟାଉନ ପୋଲିସ ଜିଲ୍ଲାର ବିଭିନ୍ନ ସ୍ଥାନରେ ଖୋଜାଖୋଜି ଆରମ୍ଭ କରିଥିଲେ। ଶେଷରେ ନାବାଳକୁ କୋକସରା ଥାନା ଚାରବାହାଲ କୋଟନିଆ ପଡ଼ାରୁ ଧରିବାରେ ସଫଳ ହୋଇଥିଲେ। ନାବାଳକ ଜଣକ ଗତ ୧୯ ଡିସେମ୍ବରରେ ଏକ ଡକାୟତି ମାମଲାରେ ଆସିଥିବା ପ୍ରକାଶ। ତେବେ କି ପ୍ରକାର ଅବହେଳା କାରଣରୁ ନବାଲାକ ଫେରାର ମାରିଥିଲା ତାହା ତଦନ୍ତ ସାପେକ୍ଷ।

## ସୂଚନା ଫଳକ ନାହିଁ

# ନିମ୍ନମାନର କଂକ୍ରିଟ ରାସ୍ତା ନିର୍ମାଣ ଅଭିଯୋଗ

**ଧର୍ମଗଡ଼, ୮ ।୧(ସମିସ)**



ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ୩-୪କିମି ଦୂର ଛିଲିପା ପଞ୍ଚାୟତ କୁଟୁରୁ ଗାଁରେ କଂକ୍ରିଟ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଛି। ଆରମ୍ଭରୁ ନିମ୍ନମାନର କାମ ହେଉଥିବା ନେଇ ଅଭିଯୋଗ ହୋଇଛି। ଏପରିକି ନିର୍ମାଣ କାମର ଏକ ଭିଡିଓ ସୋସିଆଲ ମେଡିଆରେ ଘୁରି ବୁଲୁଛି। ଭିଡିଓରୁ ସ୍ପଷ୍ଟ ପ୍ରତିପାଦିତ ହେଉଛି ଖୁଲମଖୁଲା ଭାବେ ପ୍ରଶାସନ ଆଖି ଆଗରେ ନିମ୍ନମାନର କାମ ହୋଉଥିବା ଜଣାପଡ଼ିଛି। ସୂଚନା ମତେ -ଛିଲିପା ପଞ୍ଚାୟତ କୁଟୁରୁଗାଁ ମନ୍ଦିରପଡ଼ା ଠାରୁ ବନ୍ଦତଳପଡ଼ା କଂକ୍ରିଟ ରାସ୍ତା କାମ କିଛି ଦିନ ତଳୁ ଆରମ୍ଭ ହୋଇଛି। ତେବେ ସୂଚନା ଫଳକ ଲଗା ଯାଇ ନ ଥିବା ଯୋଗୁଁ ଏହା କେଉଁ ଯୋଜନାର ଅର୍ଥ କେତେ ପରିମାଣ ଓ କେତେ ମିଟର ଯାଏ କାମ ହେବ ସ୍ପଷ୍ଟ ଜଣା ପଡ଼ିନାହିଁ। ଗ୍ରାମବାସୀଙ୍କ କହିବା ମତେ ମନ୍ଦିରପଡ଼ା ଠାରୁ ବନ୍ଦତଳପଡ଼ା ୨୫୦ମିଟର ଯାଏ କାମ ହେଉଥିବା ବେଳେ ଏଥିପାଇଁ ୧୦ଲକ୍ଷ ଟଙ୍କା ବିନିଯୋଗ ଥିବା ଜଣାପଡ଼ିଛି। ପ୍ରଥମେ ମେଟାଲ ସିମେଣ୍ଟ ବାଲି ମିଶ୍ରଣ କରି ପକାଇବା ନିୟମ ଥିଲେ ହିଁ କେବଳ ବାଲିରେ ଅଳ୍ପ କିଛି ସେମେଣ୍ଟ ଦେଇ ବିଛା ଯାଉଥିବା ଗ୍ରାମବାସୀ ପ୍ରକାଶ କରନ୍ତି। ଏପରିକି ହାତ ମାରିଦେଲେ ବାଲି ସବୁ ଉପୁଡି ପଡୁଥିବା ଦେଖାହାଉଛି। ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାମ ଚାଲୁଥିବା ଗ୍ରାମବାସୀ ପ୍ରକାଶ କରନ୍ତି। ଏହା ବିଭାଗୀୟ କାର୍ଯ୍ୟ ହୋଇଥିଲେ ହିଁ ବିଜେପିର ଜଣେ ଆଗ ଧାଡି ନେତା କାମ କରୁଥିବା ଆଲୋଚନା ହେଉଛି। ଯାହାଫଳରେ ବିଡିଓଙ୍କ ସମେତ ବିଭାଗୀୟ ଯନ୍ତ୍ରୀଙ୍କ ପାଟି ଫିଟୁ ନ ଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି। ଏନେଇ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କୁ ଓ ବାରମ୍ବାର ଯୋଗାଯୋଗ କରିଥିଲେ ହେଁ ଫୋନ ଉଠାଇ ନ ଥିଲେ। ପୁନଃ ନିମ୍ନମାନର ହୋଇଥିବା କାମକୁ ଉଠାଇ ନୂତନ ଭାବେ ଯନ୍ତ୍ରୀଙ୍କ ଉପସ୍ଥିତି କାମ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



**ଆଗଲପୁର ବ୍ଲକ୍**

# ମାସକର ଦାନା ଛଡ଼ାଇନେଲା ପ୍ରଶାସନ

- ଘର ତୋଳି ନ ଥିବାରୁ ଚାଉଳ ବନ୍ଦ
- ତାତିଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷା

ବଲାଙ୍ଗିର,୮।୧(ସମିସ)

ଗରିବଙ୍କ ପାଇଁ ସରକାରଙ୍କ ପକ୍ଷରୁ ମିଳୁଥିବା ୫ କେଜି ଚାଉଳ ହେଉଛି ମାସକର ଦାନା; କିନ୍ତୁ ପୂର୍ବରୁ ମିଳୁଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ତୋଳି ନ ଥିବାରୁ ବ୍ଲକ୍ ପ୍ରଶାସନ ମାସକର ଦାନା ଛଡାଇ ନେଇଛି। ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍‌ରେ ଏଭଳି ଘଟଣା ଘଟିଛି। ଏହି ବ୍ଲକ୍‌ର କେତେକ ହିତାଧିକାରୀଙ୍କୁ ରାସନ ସାମଗ୍ରୀ ଦେବା ବନ୍ଦ କରିଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ତୋଳି ନ ଥିବାରୁ ରାସନ ବନ୍ଦ ଲାଗି ଉପରୁ ନିର୍ଦ୍ଦେଶ ଦିଆଯାଇଛି। ଅବଶ୍ୟ ଗତ କିଛି ଦିନ ପୂର୍ବରୁ ଏହି ଯୋଜନାରେ ଘର ତୋଳି ନ ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ଚେତାଇ ଦେଇଥିଲେ। ଆବଶ୍ୟକ ହେଲେ ସମ୍ପତ୍ତି ବ୍ୟାଜାପ୍ତ ହେବ କରି ସରକାରୀ ଅର୍ଥ ଭରଣା କରିବାକୁ କହିଥିଲେ। ତେବେ ଏହିଭଳି ଭାବେ ମାସକର ଦାନା ମାରିବା ଭଳି ପଦକ୍ଷେପକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ନାପସନ୍ଦ କରିଛନ୍ତି।

ବଲାଙ୍ଗିର ଆଗଲପୁର ବ୍ଲକ୍ ପ୍ରଶାସନ ଗରିବ ହିତାଧିକାରୀଙ୍କ ଉପରେ ନେଇଥିବା କାର୍ଯ୍ୟାନୁଷ୍ଠାନକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ତୋଳି ନ ଥିବା ହିତାଧିକାରୀଙ୍କ ରାସନ ସାମଗ୍ରୀ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଫଳରେ ବିଭିନ୍ନ ପଞ୍ଚାୟତରେ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ଆଗଲପୁର ବ୍ଲକ୍ ବୁଡୁଲା ପଞ୍ଚାୟତର ଗୋପାଳ ସାହୁ, ଅମ୍ରିତା ସେଠ, ଜଗଦାନନ୍ଦ ପଧାନ, କର୍ଏଁରୁ ବିଶ୍ୱାଳ, ବାବୁଫାସଡ ପଞ୍ଚାୟତର ବନମାଳୀ କୁମ୍ଭାର, ନଅଗାଁ(କ) ପଞ୍ଚାୟତର କବିତା ଛତର, ମଲିଫୁଲ ସାହୁ, ଟଙ୍କଧର ସାହୁ, ସସ୍ମିତା ଗଡତ୍ୟା, କନକ ଦଣ୍ଡସେନା, ସୁମୁଖୀ ସାହୁ, ରିମା ସାହୁ, ବୀରେନ୍ଦ୍ର ସାହୁ, ସଂଯୁକ୍ତା ରାଉତ, ରାହୁଲ ଭୋଇ ପ୍ରମୁଖ ତାଙ୍କ ରାସନ ସାମଗ୍ରୀ ବନ୍ଦ କରି ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେମାନେ ଦର୍ଶାଇଛନ୍ତି ଯେ ସମସ୍ତ ହିତାଧିକାରୀଙ୍କ ପଞ୍ଚାୟତରେ ବାୟୋମେଟ୍ରିକ ସ୍କାନ କରାଯିବା ପରେ ତାଙ୍କୁ ରାସନ ସାମଗ୍ରୀ ଦେବାକୁ ମନା କରାଯାଇଥିବା ସୂଚନା ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ତିଆରି କରି ନ ଥିବାରୁ ବ୍ଲକ୍ ପ୍ରଶାସନ ପକ୍ଷରୁ ଏହି ନିର୍ଦ୍ଦେଶ ରହିଥିବା କହି ସାମଗ୍ରୀ ଦେବାରେ ବଞ୍ଚିତ କରାଯାଇଥିଲା। ଏନେଇ କୌଣସି ଲିଖିତ ନିର୍ଦ୍ଦେଶ କିନ୍ତୁ ଦେଖା ଯାଇ ନ ଥିଲା। ହିତାଧିକାରୀ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା ଅନୁସାରେ ରାସନ କାର୍ଡରେ ମିଳୁଥିବା ୫ କେଜି ଲେଖାଏଁ ଚାଉଳ ସେମାନଙ୍କ ମାସକ ପାଇଁ ଦାନା । ତାହା ଯଦି ବନ୍ଦ ହୋଇଯିବ ତେବେ ମାସେ ତାଙ୍କ ପରିବାର ଲୋକ ଭୋକିଲା ରହିବା ନିଶ୍ଚିତ। ଏହିଭଳି ଭାବେ ବ୍ଲକ୍ ପ୍ରଶାସନ ମନଇଚ୍ଛା ଜୁଲମ କରିବା କେତେ ଯୁକ୍ତିଯୁକ୍ତ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ତେବେ ଏହାକୁ ନେଇ ସଂପୃକ୍ତ ହିତାଧିକାରୀମାନେ ବିଡିଓ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କୁ ଅଭିଯୋଗ କରିଛନ୍ତି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହ ରାସନ କାର୍ଡକୁ ଯୋଡାଯାଇପାରିବ ନାହିଁ। ଏହିଭଳି ଭାବେ ହିତାଧିକାରୀଙ୍କୁ ଚାଉଳ ବନ୍ଦ କରି ଖାଦ୍ୟ ସୁରକ୍ଷା ଆଇନରୁ ସେମାନଙ୍କୁ ବଞ୍ଚିତ କରିବା ବେଆଇନ।

ଏହାର ତଦନ୍ତ କରିବା ସହ ସମସ୍ତ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରିବା ସହ ଏହିଭଳି ଏକ ଅବୈଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଅଧିକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜଣାଇଛନ୍ତି।

# ସିରାବାହାଲରେ ଲୋକଙ୍କ ସମସ୍ୟା ଶୁଣିଲେ ନରସିଂହ



ବଲାଙ୍ଗିର,୮।୧ (ସମିସ): ଦେଓଗାଁ ବ୍ଲକ୍ ସିରାବାହାଲରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଲୋକଙ୍କ ଥିବା ବିଭିନ୍ନ ସମସ୍ୟା ନେଇ ସେମାନଙ୍କ ସହ ଆଲୋଚନା କରିଛନ୍ତି। ବିଶେଷ କରି ଅମଳ ପରେ ଆଜି ପର୍ଯ୍ୟନ୍ତ ମଣ୍ଡିରେ ଧାନ ପଡି ରହଛି। ଏହାକୁ ନେଇ ସ୍ଥାନୀୟ ଲୋକ ଓ .ଷୀ ଘୋର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯଦିଓ ମିଲର୍ସମାନଙ୍କ ଦ୍ୱାରା ଧାନ ଉଠାଇବାକୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂରହୋଇଛି ତଥାପି ସିରାବାହାଲ ଗାଁର କୌଣସି ବି .ଷୀ ଆଜି ପର୍ଯ୍ୟନ୍ତ ଧାନ ବିକ୍ରି କରିପାରିନାହାନ୍ତି। ଏହି ସମସ୍ୟାକୁ ନେଇ ନରସିଂହଙ୍କ ସମ୍ମୁଖରେ ଲୋକେ ଅଭିଯୋଗ କରିଥିଲେ। ଏହା ସହ ପାଣି ସମସ୍ୟା ନେଇ ଲୋକେ ଆଲୋଚନା କରିଥିଲେ। ଯଦିଓ ପିଇବା ପାଣି ନେଇ ବିଶେଷ ସମସ୍ୟା ନାହିଁ; କିନ୍ତୁ ଗ୍ରାମବାସୀଙ୍କ ସାଧାରଣ ବ୍ୟବହାର ପାଇଁ ପାଣି ସମସ୍ୟା ଦେଖାଦେଇଛି। ପୋଖରିର ଯଦି ଉନ୍ନତିକରଣ କରା ନ ଗଲେ ଗ୍ରୀଷ୍ମଋତୁ ପୂର୍ବରୁ ଲୋକଙ୍କ ଗାଧୋଇବା ଓ ପଶୁପକ୍ଷୀ ତଥା ଗାଈଗୋରୁ, ଛେଳି ମେଣ୍ଢାଙ୍କ ପାଇଁ ପାଣି ସମସ୍ୟା ଉତ୍କଟ ହେବ। ଏହାର ଏକ ସମାଧାନର ବାଟ ବାହାର କରାଇବା ପାଇଁ ଶ୍ରୀ ମିଶ୍ରଙ୍କୁ ଲୋକେ ଅନୁରୋଧ କରିଥିଲେ। ଅନ୍ୟପକ୍ଷେ ଉଡାର ପଞ୍ଚାୟତର ସିରାହାଲ ସମେତ ଅନ୍ୟ ଗାଁରେ ମଧ୍ୟ କୌଣସି ଉନ୍ନୟନମୂଳକ କାମ ହୋଇନାହିଁ। ଯାହା କିଛି ରାସ୍ତାଘାଟ ହୋଇଥିଲା ତାହା ନଷ୍ଟ ହେବାକୁ ବସିଲାଣି।

ତେଣୁ ସେ ସବୁର ମରାମତି ତଥା ଉନ୍ନତିକରଣ କାମ ପାଇଁ ପଦକ୍ଷେପ ନେବାକୁ ଶ୍ରୀ ମିଶ୍ରଙ୍କୁ ଗ୍ରାମବାସୀ ଅନୁରୋଧ କରିଥିଲେ। କୁମୁଦ ମାଝି, ପ୍ରକାଶ ବିଶ୍ୱାଳ, ରଶ୍ମି ବିଶ୍ୱାଳ, କୁନା ବିଶ୍ୱାଳ, ପପୁ ପାତ୍ର, ଆର୍ତ୍ତ ଘିଭେଲା, କୁନା ସାହୁ, ସଂଜୟ ହୋତା, ପଣ୍ଟୁ ପୋଡ, ମଦନ ସାହୁ ପ୍ରମୁଖ ଗ୍ରାମବାସ ନରସିଂହଙ୍କ ସହ ଆଲୋଚନା କରିଥିଲେ।

# ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଅଧିବେଶନ



ବଲାଙ୍ଗିର,୮।୧ (ସମିସ): ସ୍ଥାନୀୟ କଦଳିମୁଣ୍ଡା ନର୍ସରୀ ପରିସରରେ ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢୀଙ୍କ ନେତୃତ୍ୱରେ ଏହା ପାଳିତ ହୋଇଥିଲା। ସଂଗଠନ ସଂପାଦକ ବିନୟ କୁମାର ମିଶ୍ରଙ୍କ ପ୍ରଚେଷ୍ଟା ଓ ସଭାପତି ପ୍ରଭାକର ମିଶ୍ରଙ୍କ ଦିଗଦର୍ଶନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସଭାପତି ଅଶୋକ .ନ୍ଦ, ସାଧାରଣ ସଂପାଦକ କପିଳେଶ୍ୱର ଖମାରୀ, କୋଷାଧ୍ୟକ୍ଷ ଚୁଡେନ୍ଦ୍ର କୁମାର ବେହେରା, ସହ-ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଳ, ଉପଦେଷ୍ଟା ଅଶୋକ ମିଶ୍ର ଓ ଦୁର୍ଗା ପ୍ରସାଦ ହୋତା, କୃଷ୍ଣଚନ୍ଦ୍ର ନାଥ, ଚିତ୍ତରଂଜନ ପଟେଲ, ପୂର୍ଣ୍ଣଚନ୍ଦ୍ର ମେହେର, ସୁରେନ୍ଦ୍ର ନେଗୀ, ନିମାଇଁ ଚରଣ ମେହେର, ବ୍ରଜକିଶୋର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ଭୋକେସନାଲ କଲେଜ କର୍ମଚାରୀଙ୍କ ମୃତ୍ୟୁ

ବଲାଙ୍ଗିର,୮।୧(ସମିସ): ବଲାଙ୍ଗିର ସହର ପାଟଣେଶ୍ୱରୀ ମନ୍ଦିରକୁ ଲାଗି ରହିଥିବା ଭୋକେସନାଲ କଲେଜ ଭିତରୁ ଜଣେ କର୍ମଚାରୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ବଲାଙ୍ଗିର ସହର ଚିମନୀଭାଟି ପଡାର ତ୍ରିବିକ୍ରମ ମିଶ୍ର(୫୯)। ସେ କଲେଜର ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଥଲେ। ରାତିରେ ସେ କଲେଜରେ ଶୋଇଥିବାବେଳେ ସକାଳୁ ତାଙ୍କ ମୃତଦେହ ଚଟାଣରେ ପଡିଥିବା ଅନ୍ୟମାନେ ଦେଖିବାକୁ ପାଇଥିଲେ। ଏନେଇ ଖବର ଦେବା ପରେ ଟାଉନ ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କର ଆକସ୍ମିକ ମୃତ୍ୟୁ ଘଟିଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି।

# ୭ ଦିନ ହେଲା ଉଦ୍ଧାର କରିପାରୁନି ପୁଲିସ



ପାଟଣାଗଡ଼,୮।୧ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଲରମ୍ବା ଥାନା କାଦୋପାଣି ଗାଁର ଘନଶ୍ୟାମ ବରିହା (୧୨) ଓରଫ କୁନୁ ଗତ ଶୁକ୍ରବାରଠାରୁ ନିଖୋଜ ରହଛନ୍ତି। ଏନେଇ ତାଙ୍କ ବାପା ସମାରୁ ବରିହା ଗତ ଶନିବାର ଲରମ୍ବା ଥାନାରେ ପୁଅକୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ଘଟଣାକୁ ସାତ ଦିନ ବିତିଯାଇଥିଲେ ସୁଦ୍ଧା ପୁଲିସ ନିଖୋଜ ନାବାଳକଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇନାହିଁ। ଏହାଫଳରେ ନାବାଳକଙ୍କ ପରିବାର ଲୋକେ ଆଶଙ୍କା ଘେରରେ ରହିଛନ୍ତି। ଅନ୍ୟପକ୍ଷେ ପୁଲିସର ପାରିବାପଣିଆକୁ ନେଇ ପ୍ରଶ୍ନ ଉଠାଇଛି ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ। ତୁରନ୍ତ ନିଖୋଜ ନାବାଳକକୁ ଉଦ୍ଧାର ସହ ଯଦି ଅପହରଣ କରାଯାଇଛି ତେବେ ଅଭିଯୁକ୍ତମାନଙ୍କ ଗିରଫ ଦାବି ମଧ୍ୟ କରିଛି। ଘନଶ୍ୟାମ ଶୁକ୍ରବାର ଅପରାହ୍ନ ୪ଟାରେ ଗାଁ ନିକଟସ୍ଥ ନଦୀକୁ ତାଙ୍କ ଏକ ସାଙ୍ଗ ସହ ଶୌଚ ପାଇଁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ସନ୍ଦେହ କରି ବହୁତ ଖୋଜାଖୋଜି କରିଥିଲେ। ଘନଶ୍ୟାମଙ୍କ ସାଙ୍ଗ ଆସି ତାଙ୍କୁ ଦୁଇ ଜଣ ବ୍ୟକ୍ତି ବାଇକ୍‌ରେ ଅପହରଣ କରି ନେଇଥିବା କହିଥିଲେ। ଏହା ପରେ ଘନଶ୍ୟାମଙ୍କ ବାପା ଅପହରଣ ଅଭିଯୋଗ ନେଇ ଥାନାକୁ ଯାଇଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ଘଟଣାକୁ ୭ ଦିନ ବିତିଯାଇଛି; ହେଲେ ଅପହରଣ ଘଟଣାର ପର୍ଦ୍ଦାଫାଶ କରିପାରିନାହିଁ। ତେବେ ନିଖୋଜ ଘନଶ୍ୟାମ କିଭଳି ରହିଛି ଏନେଇ ପରିବାର ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ପୁଲିସର ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

**ଚକ୍ରବ୍ୟୁହରେ ଚାଷୀ**

# ଧାନକୁ ଭରସା ଅସ୍ଥାୟୀ ଟେଣ୍ଟ

ବଲାଙ୍ଗିର,୮।୧(ସମିସ): ବଲାଙ୍ଗିର ଜିଲ୍ଲାରେ ଧାନକିଣା ବ୍ୟବସ୍ଥାରେ ଅବ୍ୟବସ୍ଥାର ଲାଗି ରହିଛି। ଡିସେମ୍ବର ୫ ତାରିଖରୁ ଆନୁଷ୍ଠାନିକ ଭାବେ ଧାନକିଣା ଆରମ୍ଭ କରାଯାଇଛି। ବାସ୍ତବରେ କିନ୍ତୁ ୧୫ ଦିନ ହେଲା ଧାନକିଣା ଆରମ୍ଭ ହୋଇଛି। ବିଳମ୍ବରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ମିଲର୍ସଙ୍କ ଆନ୍ଦୋଳନ ଯୋଗୁଁ ଧାନକିଣା ପ୍ରଭାବିତ ହୋଇଛି। ଏହି ସବୁ ଭିତରେ ଏବେ ଚାଷୀଙ୍କ ସମସ୍ୟା ମଧ୍ୟ ଦ୍ୱିଗୁଣିତ ହୋଇଛି। ଜିଲ୍ଲାରେ ଥିବା ପ୍ରାୟ ମଣ୍ଡିରେ ଖୋଲାରେ ବାହାରେ ଧାନ ଗଦା ହୋଇଛି। କେଉଁଠି ଚାଷୀ ଜଗି ବସିଛି ତ ଆଉ କେଉଁଠି ଟ୍ୟାଗ ଲଗାଇ ଧାନ ଗଦା ହୋଇଛି। ଏଥିରୁ ଧୂଳି, କାକର ଖାଇ ଧାନର ମାନ କିଭଳି ରହିବ ତାହା ଅନୁମାନ କରାଯାଇପାରେ। ଏମିତିରେ କେବେ ଚାଷୀଙ୍କ ଧାନ ଉଠିବ ତାହା କହିବା ବି କଷ୍ଟକର।

ଧାନକିଣାର ଅବ୍ୟବସ୍ଥିତ ଚିତ୍ର ଏବେ ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ଜିଲ୍ଲାରେ ବହୁ ବିଳମ୍ବରେ ଧାନକିଣା ଆରମ୍ଭ ହୋଇଥିବା ବେଳେ ଟୋକନ ଚାଷୀଙ୍କ



**ଖୋଲାରେ ପଡିଛି; ଠିକ୍ ସମୟରେ ଉଠୁନାହିଁ**

ଚିନ୍ତା ବଢାଇଥିଲା। ଅନେକ ମଣ୍ଡିରେ ପୂର୍ବ ନିର୍ଦ୍ଧାରିତ ତାରିଖର ଟୋକନରେ ଧାନକିଣା ଚାଲିଥିବା ବେଳେ ଅନେକ ଚାଷୀ ଧାନ ବିକିପାରିବେ ନା ନାହିଁ ତାକୁ ନେଇ ଚିନ୍ତାରେ ପଡିଛନ୍ତି। ଏହି ସମୟରେ ହଠାତ ମିଲ୍‌ମାଲିକଙ୍କ ଆନ୍ଦୋଳନ ଯୋଗୁ ପୁଣିଥରେ ଧାନକିଣା ବ୍ୟବସ୍ଥା ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ପ୍ରାୟ ୧୩ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ଯାଇଛି। ପ୍ରାୟ ୨୮ ହଜାର ଚାଷୀ ଧାନ ବିକିସାରିଛନ୍ତି। ଧାନ ବିକିବା ପାଇଁ ୧ ଲକ୍ଷ ୫ ହଜାର ଚାଷୀ ପଞ୍ଜିକରଣ କରିଛନ୍ତି। ୨୪ ଲକ୍ଷ କ୍ୱିଣ୍ଟାଲର ପ୍ରାଥମିକ ଟାର୍ଗେଟ ରହିଛି। ଗତ ଖରିଫରେ ପ୍ରାୟ ୯୪ ହଜାର ଚାଷୀ ଧାନ ବିକିଥିଲେ। ପ୍ରାୟ ୩୮ ଲକ୍ଷ କ୍ୱିଣ୍ଟାଲ ଧାନ ପ୍ରଶାସନ କିଣିଥିଲା। ତେବେ ଚଳିତ ବର୍ଷର ଚିତ୍ର ଭିନ୍ନ ରହିଛି। ପ୍ରାୟ ସବୁ ମଣ୍ଡିରେ ଶହ ଶହ ବସ୍ତା ଧାନ ଖୋଲାରେ ଗଦା ହୋଇଛି। ଅସ୍ଥାୟୀ ଟେଣ୍ଟ ମରାଯାଇଛି। ସେହି ସ୍ଥାନରେ ପେକ୍ସ କର୍ମଚାରୀ ବେପାରୀଙ୍କ ଧାନ ଗଦା କରି ରଖୁଛନ୍ତି। ଚାଷୀଙ୍କ ଧାନ ବାହାରେ ରଖିବାକୁ କୁହାଯାଉଛି। ଏହାଫଳରେ ଅଖାବସ୍ତାରେ ଧାନ ଭର୍ତ୍ତି ହୋଇ ବାହାରେ ପଡିଛି। ତେବେ ବାହାରେ ଧାନ ପଡିରହୁଥିବାରୁ ଆର୍ଦ୍ରତା ଓ ମାନକୁ ନେଇ ପରେ ପୁଣି ପେକ୍ସ ଓ ମିଲର୍ସ ପ୍ରଶ୍ନ ଉଠାଇ ଅଧିକ ଧାନ କଟନୀ କରିବାର ଧମକ ଦେବାର ଭୟ ରହିଛି। ଏମିତିରେ ଚାଷୀ କରିବ କ'ଣ ବୋଲି ଓଲଟି ପ୍ରଶ୍ନ କରିଛନ୍ତି। ତେବେ ରାଜ୍ୟରେ ବିଜେପି ସରକାର ଆସିବା ପରେ ମଣ୍ଡିରେ ଧାନ ରଖିବା ପାଇଁ ଉଚିତ ବ୍ୟବସ୍ଥା କରିବାକୁ କହିଥିଲା। ଏଥିପାଇଁ ଆଦର୍ଶ ମଣ୍ଡି ନିର୍ମାଣ କରିବା ପାଇଁ ମଧ୍ୟ ଅନୁଦାନ ବ୍ୟବସ୍ଥା କରାଯାଇଥିଲା; କିନ୍ତୁ ତାହା ଏପର୍ଯ୍ୟନ୍ତ ହୋଇନି। ଚାଷୀଙ୍କ ଧାନ ସୁରକ୍ଷିତ ଭାବେ ରହିବା ବଦଳରେ ଖୋଲାରେ ପଡି ନଷ୍ଟ ହେଉଛି। ମଣ୍ଡିରେ ରହିଥିବା ଧାନ ଶୀଘ୍ର ଉଠାଇବା ବ୍ୟବସ୍ଥା କରିବା ସହ ଅଧିକ ଅସ୍ଥାୟୀ ଟେଣ୍ଟ ଲଗାଇବା ବ୍ୟବସ୍ଥା କରିବାକୁ ଚାଷୀ ଦାବି କରିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ପରିସ୍ଥିତି ଜଟିଳ ହେବ ବୋଲି ଚାଷୀ ପ୍ରଶାସନ ଉଦ୍ଦେଶ୍ୟରେ ଚେତାବନୀ ଦେଇଛନ୍ତି।

# ଫେବୃଆରୀ ୨ରୁ ପାଟଣେଶ୍ୱରୀ ମହୋତ୍ସବ



ବଲାଙ୍ଗିର,୮।୧ (ସମିସ): ବଲାଙ୍ଗିରର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିରର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଧୁମ୍‌ଧାମ୍‌ରେ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଦେବାଳୟ ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ମହୋତ୍ସବ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଫେବୃଆରୀ ୨ରୁ ୪ ତାରିଖ ପର୍ଯ୍ୟନ୍ତ ପାଟଣେଶ୍ୱରୀ ମହୋତ୍ସବ ଆୟୋଜିତ ହେବ। ଏହି ଅବସରରେ ମାଁ ପାଟଣେଶ୍ୱରୀ ମନ୍ଦିର ପରିସରରେ ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ମାଁ ପାଟଣେଶ୍ୱରୀ ଦେବୀଙ୍କ ଗୁପ୍ତପୂଜା କରି ଆଜ୍ଞାମାଳ ଅଣାଯାଇଥିଲା। ବେଦମନ୍ତ୍ର ଓ ତନ୍ତ୍ରରେ ପୂଜା ଆୟୋଜିତ ହୋଇଥିଲା। ପୂଜାରେ କର୍ତ୍ତା ରୂପେ ରାଜ୍ୟସଭା ସାଂସଦ ନରଞ୍ଜାର ବିଶି, ପୌରାଧ୍ୟକ୍ଷା ଲିକା ସାହୁ, ଡ. ରୁଦ୍ର ନାରାୟଣ ପଟେଲ, ଦେବାଳୟ ଐତିହ୍ୟ ଟ୍ରଷ୍ଟ ସଭାପତି ଜୟକୃଷ୍ଣ ମିଶ୍ର ଓ ତାଙ୍କ ପତ୍ନୀ ଅନିତା ମିଶ୍ର ସଂକଳ୍ପ ନେଇଥିଲେ। ପଣ୍ଡିତ ସନ୍ତୋଷ ମିଶ୍ର, ପଣ୍ଡିତ ରଘୁନାଥ ଶତପଥୀ, ଅମୀତ ତ୍ରିପାଠି, ମନ୍ଦିର ପୂଜକ ମହେନ୍ଦ୍ର ଦିସ୍ରୀ ବେଦମନ୍ତ୍ର ଉଚ୍ଚାରଣ କରି ପୂଜା ଦାୟିତ୍ୱରେ ସହଯୋଗ କରିଥିଲେ। ସୁରେନ୍ଦ୍ର ନେଗୀ, ଅଶ୍ୱିନୀ ପଟ୍ଟନାୟକ, ଦିନେଶ ଶର୍ମା, ରିଣ୍ଟୁ ସାହୁ, ଶମ୍ଭୁ ଶତପଥୀ, ମୁନା ପଟ୍ଟନାୟକ, ଲଳିତ ପୁଝାରୀ, ଅରୁଣ ମିଶ୍ର, ରସରାଜ ପୁରୋହିତ, ପ୍ରକାଶ ବରେଇ, ଆଶିଷ ମେହେର, ବିଶ୍ୱଜିତ ନାଥ, ବାବୁଲି ନାଏକ, ସଂଗୀତା ଦାଶ, ପ୍ରସନ୍ନ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ପ୍ରଶାନ୍ତ ମହାକୁର ଧନ୍ୟବାଦ ଦେଇଥିଲେ।

**ଖପ୍ରାଖୋଲ ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ**

# ପାରମ୍ପରିକ ନାଚଗୀତରେ ଦୁଲୁକିଲା ମଞ୍ଚ




ଖପ୍ରାଖୋଲ,୮।୧ (ସମିସ): ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଇଷ୍ଟ ଦେବୀ ମା ଡୁମେରତଲେନଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ଲୋକ ମହୋତ୍ସବ ମଞ୍ଚକୁ କଳାକାରଙ୍କ ଗହଣରେ ଅଣାଯାଇଥିଲା। ବ୍ଲକ୍ ଅଧ୍ୟକ୍ଷା ନିରୂପମା ପୁଟେଲ, ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ପଦ୍ମ କୁମାର ସିଂ ବରିହା, ଉପାଧ୍ୟକ୍ଷ ସୁଖିରାମ ଷାଣ୍ଡ, ସରପଞ୍ଚ ସଙ୍ଘ ସଭାପତି ସୁଶୀଲ ଗୁରୁ, ସନ୍ତୋଷ ଭଇଁସାଲ, ସହକାରୀ ଯନ୍ତ୍ରୀ ରାଜକିଶୋର ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କରମା, ସମ୍ବଲପୁରୀ ଲୋକନୃତ୍ୟ ସହ ପାଲା, ସଙ୍କୀର୍ତ୍ତନ, ସମ୍ପ୍ରଦା, ଖଞ୍ଜଣି, ଘୁଡୁକା, ପଞ୍ଚ ବାଦ୍ୟ, ଦଣ୍ଡ ନୃତ୍ୟ, ରାମଲୀଳା, ବାହାଘର ଗୀତ, ଘୋଡ଼ା ନାଚ ଆଦି ବିଭିନ୍ନ ନାଚଗୀତ ପରିବେଷିତ ହୋଇଥିଲା। ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କନିଷ୍କ ବିଭାର ମଞ୍ଚ ପରିଚାଳନା କରିଥିଲେ। ଜିପିଡିଓ ପରମେଶ୍ୱର ନାଏକ, ଡବ୍ଲୁଇଓ ପ୍ରତୀକ୍ଷା ସାହୁ, ଯନ୍ତ୍ରୀ ସୂର୍ଯ୍ୟଭାନୁ ମେହେର, ଦୀପକ ବେହେରା, ମନୋଜ ସାହୁ, ରାମାନନ୍ଦ ବେହେରା ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

# ଲୋଇସିଂହା ବ୍ଲକ୍‌ସ୍ତରୀୟ ଲୋକଉତ୍ସବକୁ ନେଇ ଅସନ୍ତୋଷ

- କଳା ପ୍ରଦର୍ଶନରୁ ବଞ୍ଚିତ ହେଲେ ଅନେକ କଳାକାର
- ଭିଡ଼ ପାଇଁ ଏସ୍‌ଏଚ୍‌ଜି ମହିଳା ଓ ଅଙ୍ଗନବାଡି କର୍ମୀଙ୍କୁ ଡାକରା
- କାର୍ଯ୍ୟକ୍ରମ ଆୟୋଜନକୁ ନେଇ ଅସନ୍ତୁଷ୍ଟ କଳାକାର, ସରପଞ୍ଚ

ବଲାଙ୍ଗିର,୮।୧(ସମିସ): ବଲାଙ୍ଗିର ଜିଲ୍ଲାସ୍ତରୀୟ ଲୋକଉତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହିକ୍ରମରେ ଜିଲ୍ଲାର ସମସ୍ତ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ବ୍ଲକସ୍ତରୀୟ ଲୋକ ଉତ୍ସବ ଆୟୋଜନ କରାଯାଇଥାଏ। ବ୍ଲକ ପ୍ରଶାସନ ଦ୍ୱାରା ଆୟୋଜିତ ହେଉଥିବା ଏହି ଲୋକ ଉତ୍ସବରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ କଳାକାରମାନେ ଆସି ନିଜ କଳା ପ୍ରଦର୍ଶନ କରିଥାନ୍ତି। ଉତ୍ତମ ପ୍ରଦର୍ଶନ କରିଥିବା କଳାକାରମାନେ ପ୍ରଥମେ ଉପଖଣ୍ଡ ଓ ପରେ ଜିଲ୍ଲାସ୍ତରୀୟ ଉତ୍ସବରେ କଳା ପ୍ରଦର୍ଶନ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି କଳାକାରମାନଙ୍କ ପାଇଁ ବ୍ଲକସ୍ତରୀୟ ଲୋକ ଉତ୍ସବ ଅନେକ ଗୁରୁତ୍ୱ ବହନ କରିଥାଏ; କିନ୍ତୁ ଲୋଇସିଂହା ବ୍ଲକ ଅଧିକାରୀମାନଙ୍କ ମନମୁଖୀ କାରବାର ଯୋଗୁ ଅନେକ କଳାକାର ବ୍ଲକ ଉତ୍ସବରେ କଳା ପ୍ରଦର୍ଶନ କରିବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ବ୍ଲକ୍ ପ୍ରଶାସନର ମୁଖ୍ୟଙ୍କ ମନମୁଖୀ କାରବାର କଳାକାରଙ୍କୁ ଲୋକ ଉତ୍ସବରେ ଭାଗ ନେବାରୁ ବଞ୍ଚିତ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କ ଏହିଭଳି ମନୋଭାବକୁ ଉଭୟ କଳାକାର ଓ ସରପଞ୍ଚମାନେ ନାପସନ୍ଦ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି। ୨ ଦିନ ତଳେ ଲୋଇସିଂହା ସାପ୍ତାହିକ ବଜାରରେ ଆୟୋଜିତ ହୋଇଥିବା ଲୋକଉତ୍ସବ ବହୁ ଆଡମ୍ବର ଲଘୁକ୍ରିୟାରେ ପରିଣତ ହୋଇଥିବା କଳାକାରମାନେ ଅଭିଯୋଗ କରିଛନ୍ତି। ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ଏସଏଚଜି ମହିଳା, ଅଙ୍ଗନବାଡି କର୍ମୀଙ୍କ ଭିଡ ଦେଖିବାକୁ ମିଳିଥିଲା। ଏହି ଉତ୍ସବରେ କିନ୍ତୁ କଳାକାରଙ୍କୁ ଦେଖିବାକୁ ମିଳି ନ ଥିଲା। ଏହାକୁ ନେଇ ପ୍ରଥମରୁ ହିଁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଲୋକ ଉତ୍ସବରେ ପାରମ୍ପରିକ ଲୋକନୃତ୍ୟ, ଲୋକବାଦ୍ୟ, ଲୋକ ସଙ୍ଗୀତ, ଲୋକନାଟକକୁ ନେଇ ପ୍ରତିଯୋଗିତା ହୋଇଥାଏ। ଏଥିରେ ବ୍ଲକର ଗାଁ ଗହଳିର କଳାକାରମାନେ ଆସି ଭାଗ ନେଇଥାନ୍ତି। ଗତ ବର୍ଷ ଲୋକ ଉତ୍ସବ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋଇସିଂହା ବ୍ଲକ୍ ଅଫିସରେ ଆୟୋଜିତ ହୋଇଥିଲା; କିନ୍ତୁ ଚଳିତ ବର୍ଷ ଏହି ସବୁ ପ୍ରତିଯୋଗିତା ପାଇଁ ହାତଗଣତି କିଛି କଳାକାର ଆସିଥିବା ଦେଖିବାକୁ ମିଳିଥିଲା। ବ୍ଲକ କଳାକାର ସଂଘ ସଭାପତି ତଥା ବିକେଏସଏସ ଉପସଭାପତି ସରୋଜ ବିଶ୍ୱାଳଙ୍କ କହିବା ଅନୁସାରେ ଲୋକ ଉତ୍ସବକୁ ନେଇ ବ୍ଲକ୍ ପ୍ରଶାସନିକ ମୁଖ୍ୟଙ୍କ ମନମୁଖୀ ଆଭିମୁଖ୍ୟ ରହିଆସିଛି। ନିଜ ଇଚ୍ଛାରେ ସେ ପ୍ରଥମେ ପୌଷପୂର୍ଣ୍ଣିମା ସମୟରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ ପ୍ରତିବାଦ କରିବା ପରେ ତାରିଖ ପରିବର୍ତ୍ତନ ହୋଇଥିଲା; କିନ୍ତୁ ଗତ କିଛି ଦିନ ତଳେ ସେ ସରପଞ୍ଚମାନଙ୍କୁ ଦଳୀୟ ପ୍ରତିଯୋଗିତାରେ ପଞ୍ଚାୟତ ପ୍ରତି ଗୋଟିଏ ଦଳ ଓ ଏକକ ପ୍ରତିଯୋଗିତାରେ ପଞ୍ଚାୟତ ପ୍ରତି ୨ଟି ପ୍ରତିଯୋଗୀଙ୍କୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ସରପଞ୍ଚ ଓ କଳାକାରମାନେ ପ୍ରଶ୍ନ ଉଠାଇଥିଲେ। ଏହାକୁ ପ୍ରତିବାଦ କରି ଦୁଇ ଦିନ ତଳେ କଳାକାରମାନେ ଅତିରିକ୍ତ ବିଡିଓଙ୍କୁ ଭେଟିଥିଲେ। ତଥାପି ବ୍ଲକ୍ ପ୍ରଶାସନ ଗୁରୁତ୍ୱ ଦେଇ ନ ଥିଲା। ଏହାକୁ ନେଇ ଅସନ୍ତୋଷ ହୋଇ କଳାକାରମାନେ ଆସି ନ ଥିଲେ। କିଛି କଳାକାରଙ୍କୁ ଭତ୍ତା କାଟିଦେବା ଭୟ ଦେଖାଇ କାର୍ଯ୍ୟକ୍ରମକୁ ଡକାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏହି ଆୟୋଜନକୁ ନେଇ ସରପଞ୍ଚମାନେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ବ୍ଲକ୍ ପ୍ରଶାସନିକ ମୁଖ୍ୟଙ୍କ ମନମୁଖୀ ଯୋଗୁଁ କଳାକାର ଆସି ନ ଥିବା ବେଳେ କଳାକାରଙ୍କ ଠାରୁ ଅଧିକ ଏସଏଚଜି ମହିଳା ଓ ଅଙ୍ଗନବାଡି କର୍ମୀଙ୍କ ଉପସ୍ଥିତି ରହିଥିବା ସରପଞ୍ଚମାନେ ଅଭିଯୋଗ କରିଛନ୍ତି।

**SBI**
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ
**ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/17**

| ପୋଷ୍ଟର ନାମ | ମୂଳ ଖାଲି ପଦବୀ | ଅତିରିକ୍ତ ଖାଲି ପଦବୀ ଅନ୍ତର୍ଭୁକ୍ତ | ଅନ୍ତିମ ଖାଲି ପଦବୀ |
|---|---|---|---|
| ଭିପି ଓ୍ୱେଲ୍ଥ (ଏସଆରଏମ) | 506 | 76 | 582 |
| ଏଭିପି ଓ୍ୱେଲ୍ଥ (ଆରଏମ) | 206 | 31 | 237 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 | 43 | 327 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ଓ୍ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ଓ୍ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 10.01.2026* ପର୍ଯ୍ୟନ୍ତ ।**

*23.12.2025 ରୁ 10.01.2026 ପର୍ଯ୍ୟନ୍ତ ବୃଦ୍ଧି ମଂଜୁର କରାଯାଇଛି

**ସ୍ଥାନ:** ମୁମ୍ବାଇ
**ତାରିଖ:** 31.12.2025
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

# ସମ୍ପାଦକୀୟ



ହୃଦୟର ଆହ୍ୱାନରେ ନିଜ ପସନ୍ଦ ମୁତାବକ କାର୍ଯ୍ୟ କଲେ ଉତ୍କର୍ଷ ଅବଶ୍ୟମ୍ଭାବୀ।
-ସୁନ୍ଦର ପିଚାଇ

ସକାଳ
THE SAKALA

## ଗଣତନ୍ତ୍ର ପାଇଁ ଶୁଭସଙ୍କେତ

ଆମ ଗଣତନ୍ତ୍ରର ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାର ତୃଣମୂଳସ୍ତରରେ ନିକଟରେ ଏଭଳି ଦୁଇଟି ଘଟଣା ଘଟିଛି, ଯାହା ବିଭେଦ ଓ ବିଦ୍ୱେଷ ରାଜନୀତିର ଭିତ୍ତିକୁ ଦୋହଲାଇ ଦେବାର କ୍ଷମତା ରଖିଛି। ତେଣୁ ସ୍ୱାଭାବିକ ଭାବେ ଜାତୀୟସ୍ତରରେ ମୃଦୁ କମ୍ପନ ସୃଷ୍ଟି ହୋଇଛି। ଅହି-ନକୁଳ ସମ୍ପର୍କ ଥିବା ବିଜେପି ଓ କଂଗ୍ରେସ ଦଳର ପ୍ରାର୍ଥୀମାନେ ମହାରାଷ୍ଟ୍ରର ଥାନେ ଜିଲ୍ଲାର ଅମ୍ବରନାଥ ପୌରପରିଷଦ ନିର୍ବାଚନରେ ଏବଂ ଆସାଦୁଦ୍ଦିନ ଓୱେସୀଙ୍କ ଏଆଇଏମ୍ଆଇଏମ୍ ପ୍ରାର୍ଥୀଙ୍କ ସହିତ ବିଜେପି ପ୍ରାର୍ଥୀ ଅକୋଟ ପୌରପରିଷଦ ନିର୍ବାଚନରେ ଆପୋସ ବୁଝାମଣା କରିଛନ୍ତି। ଭାରତର ସାମ୍ପ୍ରତିକ ମେଣ୍ଟ ରାଜନୀତି ଦୃଷ୍ଟିକୋଣରୁ ଉପରୋକ୍ତ ଦୁଇଘଟଣାରେ ସେଭଳି କୌଣସି ଅସ୍ୱାଭାବିକତା ନାହିଁ। କିନ୍ତୁ ଏହା ଚମକ୍ପ୍ରଦ ଓ ଚର୍ଚ୍ଚିତ ଆଖ୍ୟା ପାଇବା ପଛର କାରଣ ହେଉଛି ଏହି ମେଣ୍ଟ ବା ନିର୍ବାଚନୀ ବୁଝାମଣାରେ ଜାତୀୟ ଦଳ ବିଜେପି ଓ କଂଗ୍ରେସ ହାଇକମାଣ୍ଡମାନଙ୍କୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଛି ବା ସେମାନଙ୍କ ଅଜ୍ଞାତସାରରେ ହୋଇଛି। ଗତାନୁଗତିକ ରୀତିରେ ହାଇକମାଣ୍ଡମାନେ ଏହା ଜାଣିବା ପରେ ଉତ୍କ୍ଷିପ୍ତ ଓ ବିବ୍ରତ ହୋଇପଡ଼ି ସମ୍ପୃକ୍ତ କର୍ପୋରେଟର ଓ ପ୍ରାର୍ଥୀମାନଙ୍କ ବିରୋଧରେ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ମାମୁଲି ଲାଗୁଥିଲେ ମଧ୍ୟ ସାମଗ୍ରିକ ଘଟଣାକ୍ରମ ଆପାତତଃ ଗଣତନ୍ତ୍ର ପ୍ରତି ଏକ ଭିନ୍ନ ସନ୍ଦେଶ ଦେଇଛି। ବୋଧହୁଏ ପୌରପରିଷଦ ନିର୍ବାଚନରେ ଲଢୁଥିବା ପ୍ରାର୍ଥୀମାନେ ଆଞ୍ଚଳିକ, ରାଜ୍ୟ ଓ ଜାତୀୟ ରାଜନୀତିକୁ ଏହି ବାର୍ତ୍ତା ଦେବାକୁ ଚାହିଁଛନ୍ତି ଯେ 'ଯଦି ହାଇକମାଣ୍ଡମାନେ ଉପରସ୍ତରରେ ଲୋକଲୋଚନ ଆଢୁଆଳରେ ଏବଂ ତୃଣମୂଳସ୍ତରର ସମର୍ପିତ କର୍ମୀଙ୍କ ଭାବାବେଗକୁ ଉପେକ୍ଷା କରି ନିଜ ନିଜ ସ୍ୱାର୍ଥସାଧନ ପାଇଁ କାନ୍ଧରେ କାନ୍ଧ ଓ ହାତରେ ହାତ ମିଳାଇ ପାରୁଛନ୍ତି, ତୃଣମୂଳସ୍ତରରେ ତାହା କାହିଁକି ସମ୍ଭବ ନ ହେବ?' ଏପରିକି ଏଥିପାଇଁ ସେମାନେ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ଭ୍ରୂକ୍ଷେପ କରିନାହାନ୍ତି। ୧୮୫୭ ମସିହାରେ କାର୍ଟିଜ୍‌ର ଆବରଣକୁ ଦାନ୍ତରେ ଛିଡ଼ାଇବା ପାଇଁ ମନା କରିବା ଭଳି ମାମୁଲି ଘଟଣା ବ୍ରିଟିଶ୍ ଶାସନ ବିରୋଧୀ ସିପାହୀ ବିଦ୍ରୋହ ବା ସ୍ୱାଧୀନତା ସଂଗ୍ରାମର ଭିତ୍ତି ସ୍ଥାପନ କରିଥିଲା। ୧୮୯୩ ମସିହାର ସେହି ଶୀତରାତିରେ ଯଦି ଜଣେ ଭାରତୀୟ ବାରିଷ୍ଟରଙ୍କୁ ଦକ୍ଷିଣ ଆଫ୍ରିକାର ଏକ ରେଳଷ୍ଟେସନ୍‌ରେ ପ୍ରଥମ ଶ୍ରେଣୀ ବଗିରୁ ଗୋରାମାନେ ତଡ଼ି ଦେଇ ନ ଥା'ନ୍ତେ ତେବେ ଜଣେ 'ମୋହନ ଦାସ' 'ମହାତ୍ମା'ରେ ପରିବର୍ତ୍ତନ ହୋଇ ନ ଥା'ନ୍ତେ କି ଦକ୍ଷିଣ ଆଫ୍ରିକାରୁ ବ୍ରିଟିଶ୍ ଉପନିବେଶବାଦ ବିଲୋପର ଭିତ୍ତି ପଡ଼ି ନ ଥା'ନ୍ତା। ୧୯୪୬ରେ ରୟାଲ୍ ଇଣ୍ଡିଆନ୍ ନେଭିର ବମ୍ବେ ଡକ୍‌ୟାର୍ଡରେ କାର୍ଯ୍ୟରତ ମାତ୍ର ଆଠଜଣ କର୍ମଚାରୀ ବାସି ରୁଟି ଖାଇବାକୁ ମନା କରି ଯେଉଁ ବିକ୍ଷୋଭର ସୂତ୍ରପାତ କରିଥିଲେ ତାହାର ନିଆଁ ଅଚିରେ କ୍ୟାପ୍‌ଟେନ୍, ସେନା ଓ ନାଗରିକଙ୍କ ମଧ୍ୟରେ ବ୍ୟାପି ଯାଇଥିଲା। ଐତିହାସିକଙ୍କ ମତରେ ଏହି ଘଟଣା ହିଁ ଭାରତରେ ବ୍ରିଟିଶ୍ ସାମ୍ରାଜ୍ୟର ପତନ ପାଇଁ ନିର୍ଣ୍ଣାୟକ ଥିଲା। ତେଣୁ ମହାରାଷ୍ଟ୍ର ପୌରପରିଷଦ ନିର୍ବାଚନୀ ବୁଝାମଣା ଘଟଣା ମାମୁଲି ଲାଗୁଥିଲେ ମଧ୍ୟ ତା'ଭିତରେ ଥିବା ଗୂଢ଼ସଂକେତ ଆଜିର ଅବକ୍ଷୟମୁଖୀ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଏକ ସତର୍କ ଘଣ୍ଟି। କାରଣ ଗୋଟିଏ ମୁହୂର୍ତ୍ତ ଗୋଟିଏ ମାମୁଲି ଘଟଣା ମଧ୍ୟ ଇତିହାସ ବଦଳାଇ ଦେଇପାରେ।

ଦଳୀୟ ନୀତି ଓ ଆଦର୍ଶ ଆଧାରରେ ଆରୋପ-ପ୍ରତ୍ୟାରୋପ ଓ ବିଷୋଦ୍‌ଗାରର ସର୍ବାଧିକ ଉଦାହରଣ ଦେଖାଯାଏ ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ସଂସଦରେ। ଅଥଚ ପ୍ରତି ଅଧିବେଶନ ପରବର୍ତ୍ତୀ ଚା'ଭୋଜିରେ ସମ୍ପୂର୍ଣ୍ଣ ବିପରୀତ ଦୃଶ୍ୟ ଦେଖିବାକୁ ମିଳେ। ପୁଣି ଆଜି ଯାହା ବିରୋଧରେ ବିଷୋଦ୍‌ଗାର କରାଯାଉଛି, ଆଇନକାନୁନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ଆସନ୍ତା କାଲି ନିର୍ବାଚନୀ ରଣନୀତିରେ ତାକୁ ପୁଣି କୋଳେଇ ନିଆଯାଉଛି। କ୍ଷମତା ରାଜନୀତିରେ ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ବାଘ-ମିରିଗ ଗୋଟିଏ ଘାଟରେ ପାଣି ପିଉଥିବାର ଏଭଳି ଦୃଶ୍ୟ ଦେଖି ଦେଖି ଜନତା ଜଳକା ହୋଇସାରିଲେଣି। ଅଥଚ ତୃଣମୂଳସ୍ତରରେ ଦଳୀୟ ନୀତି-ଆଦର୍ଶର ସପକ୍ଷ-ବିପକ୍ଷବାଦୀ ବା ଦଳୀୟ କର୍ମୀମାନଙ୍କ ଆଚରଣ ଓ ଉଚ୍ଚାରଣଗତ ବିଦ୍ୱେଷ, ଘୃଣା ଓ ହିଂସାର ମାତ୍ରା କେତେ ଉଗ୍ର ହେଲାଣି ତାହା ସାମାଜିକ ଗଣମାଧ୍ୟମରେ ପୋଷ୍ଟ ହେଉଥିବା ପ୍ରତିକ୍ରିୟା, ମନ୍ତବ୍ୟ, କୁସ୍ୱାରଟନାର ଅତିନିମ୍ନମାନର ଓ ଅଶାଳୀନ ଭାଷା ପ୍ରୟୋଗରୁ ଅନୁମେୟ। ଶୀର୍ଷସ୍ତରରେ ଥିବା ନେତାମାନେ ତୃଣମୂଳସ୍ତର କର୍ମୀଙ୍କୁ ଚିହ୍ନିବା ଜାଣିବା କଳ୍ପନାତୀତ। ଅଥଚ ସେହି ଶୀର୍ଷନେତାଙ୍କ ପାଇଁ ତୃଣମୂଳସ୍ତରରେ ସାହି-ପଡ଼ିଶା, ଭାଇ-ଭାଇ, ବାପା-ପୁଅଙ୍କ ମଧ୍ୟରେ ବିବାଦ, ବଚସା, ବିଦ୍ୱେଷ, ଘୃଣାର ପରିସମାପ୍ତି ହିଂସାରେ ଘଟୁଛି।

ଆମ ଗଣତନ୍ତ୍ରର ତୃଣମୂଳସ୍ତରର ଏହି ଅନ୍ଧତ୍ୱ ଓ ମୂର୍ଖାମୀର ପରିସୀମା ଓ ସ୍ତର ଯେତେ ବଢ଼ିଚାଲିଥିବ ତାହାର ସେତେ ଅଧିକ ଫାଇଦା ଶୀର୍ଷସ୍ତରୀୟ ନେତୃତ୍ୱ ନେଇ ଚାଲିଥିବେ। ଏହା ହିଁ ତ କ୍ଷମତା ରାଜନୀତିର ରହସ୍ୟ ଓ ସଫଳ-ମନ୍ତ୍ର। କିନ୍ତୁ ଯେଉଁଦିନଠାରୁ ତୃଣମୂଳସ୍ତର ମୂର୍ଖାମୀ ଦୂର ହୋଇ ଦଳୀୟକର୍ମୀମାନେ ସଚେତନ-ଚକ୍ଷୁଷ୍ମାନ ହେବେ ସେହିଦିନ ଚା'ଦୋକାନରେ କିମ୍ବା ସାହି ଛକ ବଜାରରେ କଟୁ-ତିକ୍ତ ପରିବେଶର ବିନାଶ ଘଟି ଭ୍ରାତୃତ୍ୱ ଓ ଶାନ୍ତିର ବାତାବରଣ ସୃଷ୍ଟି ହେବ। ବିବାଦ-ବିଭେଦ-ବିଦ୍ୱେଷର ରାଜନୀତିର ବିଲୋପ ଘଟି ଶାନ୍ତି ଓ ସୌହାର୍ଦ୍ଦ୍ୟର ଗଣତନ୍ତ୍ରର ନବଉନ୍ମେଷର ଯୁଗ ଆରମ୍ଭ ହେବ। ଗଣତାନ୍ତ୍ରିକ ମୂଲ୍ୟବୋଧର ପୁନଃ ଆସ୍ଥା ସ୍ଥାପନା ପାଇଁ ଏହା ହିଁ ଆଜିର ଅପରିହାର୍ଯ୍ୟ ଆବଶ୍ୟକତା। ଏହାର ପରୋକ୍ଷ ଅଥଚ ସ୍ପଷ୍ଟ ବାର୍ତ୍ତା ମହାରାଷ୍ଟ୍ର ପୌରନିର୍ବଚାନର ତୃଣମୂଳସ୍ତରୀୟ ବୁଝାମଣାରୁ ମିଳୁନାହିଁ କି?

ମହାରାଷ୍ଟ୍ର ପୌର-ରାଜନୀତିରୁ ଆଉ ଏକ ଆପ୍ତବାକ୍ୟ ପୁଣି ଥରେ ପ୍ରମାଣିତ ହୋଇଛି - ରାଜନୀତିରେ ସବୁ କିଛି ସମ୍ଭବ ଏବଂ କେହି ପର କିମ୍ବା ଆପଣାର ନୁହନ୍ତି। ଭିଟାମାଟି ବା ମୂଳ ଶିବସେନା ଛାଡ଼ି ଏକନାଥ ସିନ୍ଦେ କ୍ଷମତା ଲୋଭରେ ଯେଉଁମାନଙ୍କର ହାତ ଧରିଥିଲେ ଏବେ ସେମାନେ ହିଁ ଏକନାଥଙ୍କୁ ଏକଘରିକିଆ କରିବାର ସୁଯୋଗ ହାତଛଡ଼ା କରିନାହାନ୍ତି। ଏଥିରୁ ଏକନାଥ ନିଜ ଭୁଲ୍ ସୁଧାରି ଘରବାହୁଡ଼ା କରିବେ କି ନାହିଁ ତାହା ତାଙ୍କ ବିବେକ, ବିଚାର ଓ କ୍ଷମତା ଲକ୍ଷ୍ୟ ଉପରେ ନିର୍ଭର କରେ; କିନ୍ତୁ ପର କେବେ ଘର ହୋଇପାରିବ ନାହିଁ ଏହି ଶିକ୍ଷା ପୁଣି ଥରେ ରାଜନୀତିକୁ ସାହାରା କରିଥିବା ବ୍ୟକ୍ତିବିଶେଷଙ୍କୁ ମିଳିଛି। କ୍ଷମତାକୈନ୍ଦ୍ରିକ ସ୍ୱାର୍ଥସର୍ବସ୍ୱ ଗୋଳମାଳିଆ ମେଣ୍ଟ ରାଜନୀତିର ପରିସମାପ୍ତି ପାଇଁ ଏହା ମଧ୍ୟ ଆଉ ଏକ ବଡ଼ ସୁଯୋଗ ଆଣିଛି, ଯାହା ସାମଗ୍ରିକ ଭାବେ ଗଣତନ୍ତ୍ର ପାଇଁ ଏକ ଶୁଭସୂଚନା।

## ଡୋନ୍‌ରୋ ଡକ୍‌ଟ୍ରାଇନ୍ ଓ ଭେନେଜୁଏଲା

ଡାକ୍ତର ରାଜକିଶୋର ପଣ୍ଡା

ଗତ ୩ ତାରିଖରେ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଭେନେଜୁଏଲା ଆକ୍ରମଣ କରି ଏହି ଲାଟିନ ଆମେରିକୀୟ ଦେଶର ରାଷ୍ଟ୍ରମୁଖ୍ୟ ନିକୋଲାସ୍ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ବନ୍ଦୀ କରିଛନ୍ତି। ନ୍ୟୁୟର୍କର ଏକ ଅଦାଲତରେ ସେମାନଙ୍କର ବିଚାର ଚାଲିଛି। ଏହି ଆଲେଖ୍ୟଟି ଲେଖିବା ବେଳକୁ ଖବର ମିଳୁଛି କି, ସୈନ୍ୟ ଅଭିଯାନରେ ମାଦୁରୋଙ୍କ ପତ୍ନୀ ଗୁରୁତର ଆହତ ହୋଇଛନ୍ତି। ଆମେରିକାର ସୈନ୍ୟମାନେ ତାଙ୍କୁ ଘୋଷାଡ଼ି ନେବାବେଳେ ଆଘାତ ଲାଗି ତାଙ୍କର ପିଞ୍ଜରା ହାଡ଼ ଭାଙ୍ଗିଯାଇଛି। ଜଣେ ରାଷ୍ଟ୍ରମୁଖ୍ୟଙ୍କ ପତ୍ନୀଙ୍କୁ ଏପରି ବ୍ୟବହାର ବାସ୍ତବିକ ଦୁଃଖଦାୟକ।

ଟ୍ରମ୍ପଙ୍କ ଅଭିଯୋଗ ହେଉଛି, ମାଦୁରୋ ଦୀର୍ଘ ବର୍ଷ ଧରି ଭେନେଜୁଏଲାରେ ଏକ ଭ୍ରଷ୍ଟାଚାର ସରକାରର ନେତୃତ୍ୱ ନେବା ସହ ଏକଛତ୍ରବାଦ ଏବଂ ନିଶା ସାମ୍ରାଜ୍ୟ ଗଢ଼ିବାରେ ଲିପ୍ତ ରହିଛନ୍ତି। ମାଦୁରୋଙ୍କ ପରିବାର ସଦସ୍ୟ ଓ କିଛି ଘନିଷ୍ଠ ସହଯୋଗୀ ଅସତ୍ ଉପାୟରେ ବିପୁଳ ଅର୍ଥ ଉପାର୍ଜନ କରିବା ସହିତ ଭେନେଜୁଏଲା ମାଟିକୁ ନିଶା ବା ଡ୍ରଗ୍ସ ପ୍ରସ୍ତୁତିର କେନ୍ଦ୍ରସ୍ଥଳ କରି ଆମେରିକାକୁ ବ୍ୟାପକ ପରିମାଣରେ ଡ୍ରଗ୍ସ ଚୋରାଚାଲାଣ କରୁଛନ୍ତି। ମାଦୁରୋଙ୍କ ବିରୁଦ୍ଧରେ ଅଣାଯାଇଥିବା ଅଭିଯୋଗ ପଛରେ ସତ୍ୟତା କେତେ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ। କିନ୍ତୁ ଆନ୍ତର୍ଜାତିକ ନିୟମ ଅନୁସାରେ ବିନା କାରଣରେ କୌଣସି ଦେଶକୁ ଆକ୍ରମଣ କରି ଏହାର ଶାସକଙ୍କୁ ବନ୍ଦୀ କରିବା, ସେଠାରେ ଅସ୍ଥିରତା ସୃଷ୍ଟି କରିବା ଏବଂ ସେଠାରେ ନିର୍ବାଚିତ ସରକାରକୁ ବିତାଡ଼ିତ କରି ନିଜ ସୁବିଧା ମୁତାବକ ଅନ୍ୟ ଏକ ସରକାର ଗଠନ କରିବା ଆନ୍ତର୍ଜାତିକ ସମ୍ବିଧାନର ଖୋଲା ଉଲ୍ଲଙ୍ଘନ।

ଅନ୍ୟ ଦେଶ ଉପରେ ଅନଧିକୃତ ଭାବରେ ସାମରିକ ଅଭିଯାନ କରିବା ଆମେରିକା ପକ୍ଷରେ ନୂଆ କଥା ନୁହେଁ। ପୂର୍ବରୁ ଆମେରିକା କ୍ୟୁବା, ମେକ୍ସିକୋ, ପାନାମା, ହାଇତି, ଡୋମିନିକା ଗଣତନ୍ତ୍ର ଓ ନିକାରାଗୁଆ ଆଦି ଦେଶ ବିରୁଦ୍ଧରେ ସାମରିକ ଅଭିଯାନ କରିଛି। ୧୯୫୪ ମସିହାରେ ଗ୍ୱାଟେମାଲା ଓ ୧୯୭୩ ମସିହାରେ ଚିଲି ବିରୁଦ୍ଧରେ ଛଦ୍ମ ସାମରିକ ଅଭିଯାନରେ ଆମେରିକାର ଗୁଇନ୍ଦା ସଂସ୍ଥା ସି.ଆଇ.ଏ ସଂପୃକ୍ତ ଥିବାର ପ୍ରମାଣ ମିଳିଛି। ୧୯୮୯ ମସିହାରେ ରାଷ୍ଟ୍ରପତି ଜର୍ଜ ବୁଶ (ସିନିଅର), ପାନାମା ଉପରେ ଆକ୍ରମଣ କରି ଏହାର ଶାସକ ମାନୁଏଲ ନରିଗାଙ୍କୁ କ୍ଷମତାରୁ ଅପସାରିତ କରିଥିଲେ। ମାଦୁରୋଙ୍କ ଭଳି ନରିଗାଙ୍କୁ ମଧ୍ୟ ଅବୈଧ ନିଶା କାରବାରରେ ସଂପୃକ୍ତ ବୋଲି ଦର୍ଶାଯାଇଥିଲା। ୨୦୦୩ ମସିହାରେ ଇରାକ୍ ଏବଂ ୨୦୧୧ ମସିହାରେ ଲିବ୍ୟା ଉପରେ ଆକ୍ରମଣ କରି ଯୁକ୍ତରାଷ୍ଟ୍ର ଆମେରିକା ଯଥାକ୍ରମେ ଏହି ଦୁଇଦେଶର ଶାସକ ସଦ୍ଦାମ ହୁସେନ ଓ ଗଦ୍ଦାଫିଙ୍କୁ ଗାଦିରୁ ହଟାଇଥିଲା। ଡଲାରରେ ତେଲ ବିକ୍ରି କରିବା ପାଇଁ ଅନିଚ୍ଛୁକ ହେବାରୁ ଆମେରିକା ଉପରୋକ୍ତ ଦୁଇଦେଶ ଉପରେ ଆକ୍ରମଣ କରିଥିଲା। କିନ୍ତୁ ଗୋଟିଏ ବିଶେଷ କଥା ଏଠାରେ ପରିଲକ୍ଷିତ ହୁଏ ଯେ, ଇରାକ୍ ଓ ଲିବ୍ୟାର ଆକ୍ରମଣ ସମୟରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଯଥାକ୍ରମେ ବୁଶ ଓ ଓବାମା ମିଳିତ ଜାତିସଂଘର ନିରାପତ୍ତା ପରିଷଦ ଓ ନାଟୋର ପରାମର୍ଶ ନେଇଥିଲେ। କିନ୍ତୁ ଭେନେଜୁଏଲା କ୍ଷେତ୍ରରେ ଟ୍ରମ୍ପ୍ ନିଜ ଦେଶର ରାଜନେତାମାନଙ୍କ ସହିତ ମଧ୍ୟ ପରାମର୍ଶ କରିବାକୁ ଉଚିତ୍ ମନେକରିନାହାନ୍ତି, ଯାହା ତାଙ୍କର ରାଜନୈତିକ ଅଦୂରଦର୍ଶିତା ଓ ଏକଛତ୍ରବାଦୀ ମାନସିକତାର ପରିଚାୟକ।

ଆମେରିକାର ଏହି ଦମନନୀତି ମୁଖ୍ୟତଃ ଏକ ବିଶିଷ୍ଟ ମତବାଦ ଉପରେ ପର୍ଯ୍ୟବସିତ। ଏହାର ନାମ ହେଉଛି 'ମୋନ୍‌ରୋ ଡକ୍‌ଟ୍ରାଇନ'। ୧୮୨୩, ଡିସେମ୍ବର ୨ ତାରିଖରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜେମ୍‌ସ ମୋନ୍‌ରୋ ଏହି ନୀତି ପ୍ରଣୟନ କରିଥିଲେ। ଏହି ନୀତି ୟୁରୋପୀୟ ଦେଶଗୁଡ଼ିକୁ ଦକ୍ଷିଣ ଆମେରିକାରେ ଉପନିବେଶ ସ୍ଥାପନ କରିବା ବା ଏଥିରେ ଥିବା ଦେଶଗୁଡ଼ିକର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାକୁ ବିରୋଧ କରେ। ପଶ୍ଚିମ-ଗୋଲାର୍ଦ୍ଧରେ ଆମେରିକାର ସର୍ବବ୍ୟାପୀ ପ୍ରଭାବକୁ ମଧ୍ୟ ଏହା ଗୁରୁତ୍ୱ ଦେଇଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ନୀତିଟିର ଆମେରିକା ବହୁଳ ଉପଯୋଗ କରିଥିଲା। ଯଦିଓ ନବେ ଦଶକରେ ଏହା ପ୍ରଭାବହୀନ ହୋଇ ପଡ଼ିଥିଲା, ବର୍ତ୍ତମାନ ରାଷ୍ଟ୍ରପତି ଟ୍ରମ୍ପ୍ ପୁନଶ୍ଚ ଏହି 'ମୋନ୍‌ରୋ ଡକ୍‌ଟ୍ରାଇନ୍'କୁ ଆନ୍ତର୍ଜାତିକ ରାଜନୀତିର ମୁଖ୍ୟସ୍ରୋତକୁ ଆଣିବା ସହିତ ଏହାର ନୂତନ ନାମକରଣ ନିଜ ନାମ ଅନୁଯାୟୀ କରିଛନ୍ତି 'ଡୋନ୍‌ରୋ ଡକ୍‌ଟ୍ରାଇନ୍'। ଟ୍ରମ୍ପ୍ କହିଛନ୍ତି ଯେ ଭେନେଜୁଏଲା ଆକ୍ରମଣ ପରେ ପଶ୍ଚିମ-ଗୋଲାର୍ଦ୍ଧ ଓ ଦକ୍ଷିଣ-ଆମେରିକୀୟ ଅଞ୍ଚଳରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଭୁତ୍ୱକୁ ଆଉ କୌଣସି ଦେଶ ପ୍ରଶ୍ନ କରିବେ ନାହିଁ।

ବିଶ୍ୱବ୍ୟାପୀ ଆଠଟି ସଂଘର୍ଷ ବନ୍ଦ କରିଥିବା କଥା କହି ବାହୁସ୍ଫୋଟ ମାରୁଥିବା ଡୋନାଲଡ୍ ଟ୍ରମ୍ପ୍ ନିଜକୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ସବୁଠାରୁ ଉପଯୁକ୍ତ ପ୍ରାର୍ଥୀ ଭାବରେ ଉପସ୍ଥାପିତ କରିଥିଲେ। ପୁରସ୍କାର ନ ମିଳିବାରୁ ବର୍ତ୍ତମାନ ସେ ଯୁଦ୍ଧ ଆଡ଼କୁ ମନ ବଳାଇଛନ୍ତି। ଦୀର୍ଘ ଚାରିବର୍ଷ ଧରି ଚାଲିଥିବା ରୁଷ୍-ୟୁକ୍ରେନ ଯୁଦ୍ଧକୁ ବିଭିନ୍ନ ସ୍ତରରେ ଆଲୋଚନା କରି ବନ୍ଦ କରିବାରେ ସେ ବିଫଳ ହେଲେ। ଭାରତ ଓ ପାକିସ୍ତାନ ମଧ୍ୟରେ 'ଅପରେସନ ସିନ୍ଦୂର' ସମୟରେ ହୋଇଥିବା ସଂଘର୍ଷକୁ ବନ୍ଦ କରିବାରେ ଟ୍ରମ୍ପଙ୍କର କୌଣସି ଭୂମିକା ନଥିଲେ ମଧ୍ୟ ଯୁଦ୍ଧକୁ ସେ ବନ୍ଦ କରିଛନ୍ତି ବୋଲି ବାରମ୍ବାର ବୃଥା ଆସ୍ଫାଳନ କରିଆସୁଛନ୍ତି। ବର୍ତ୍ତମାନ ଟ୍ରମ୍ପ୍ ଶାନ୍ତିପ୍ରିୟ ରାଷ୍ଟ୍ରପତିରୁ ଯୁଦ୍ଧପ୍ରିୟ ରାଷ୍ଟ୍ରପତିରେ ପରିଣତ ହେବା ସହ ଦେଶର ପ୍ରତିରକ୍ଷା ବିଭାଗକୁ ଯୁଦ୍ଧ ବିଭାଗରେ ପରିବର୍ତ୍ତିତ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ।

ମାଦୁରୋଙ୍କୁ ଗିରଫ ପରେ ଟ୍ରମ୍ପ୍ ସାମ୍ବାଦିକ ସମ୍ମିଳନୀରେ ଆମେରିକାର ତୈଳ କମ୍ପାନୀମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ ସେମାନେ ଭେନେଜୁଏଲାର ବୃହତ୍ ତୈଳ ଖଣିମାନଙ୍କୁ ଅକ୍ତିଆର କରି ପ୍ରଚୁର ତୈଳ ଉତ୍ପାଦନ କରନ୍ତୁ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ପାଇଁ ପ୍ରଚୁର ପୁଞ୍ଜି ସୃଷ୍ଟି କରନ୍ତୁ। ବିଶ୍ୱର ବୃହତ୍ତମ ତୈଳ ଖଣିଗୁଡ଼ିକ ଭେନେଜୁଏଲାରେ ଅବସ୍ଥିତ। ଚାଇନା ଭେନେଜୁଏଲା ଉପରେ ଲାଗିଥିବା ପ୍ରତିବନ୍ଧକକୁ ଖାତିର୍ ନକରି ଏହାଠାରୁ ବିପୁଳ ପରିମାଣର ଅଶୋଧିତ ତୈଳ କ୍ରୟ କରେ। ଚୀନଠାରୁ ଭେନେଜୁଏଲା କରିଥିବା ବିପୁଳ ପରିମାଣର ଋଣକୁ ତୈଳ ମାଧ୍ୟମରେ ହିଁ ପରିଶୋଧ କରିଥାଏ। ତେବେ ବର୍ତ୍ତମାନ ପରିସ୍ଥିତିରେ ଟ୍ରମ୍ପ୍ ଭେନେଜୁଏଲାର ତୈଳ ଖଣିଗୁଡ଼ିକୁ ଅଧିକାର କରି ଆମେରିକାର ସ୍ୱାର୍ଥ ଅନୁସାରେ ସେଗୁଡ଼ିକୁ ପରିଚାଳିତ କରିବେ।

ଏହାମଧ୍ୟରେ ପୂର୍ବରୁ ଉପରାଷ୍ଟ୍ରପତି ଥିବା ଡେଲ୍‌ସି ରୋଡ୍ରିଗେଜ୍ ବର୍ତ୍ତମାନ ଭେନେଜୁଏଲାର ଅନ୍ତରୀଣ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଛନ୍ତି। ଦେଶର ବିରୋଧୀଦଳ ନେତ୍ରୀ ତଥା ୨୦୨୫ର ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ମାରିଆ କୋରିନା ମାଚାଡୋ ଟ୍ରମ୍ପଙ୍କ ପଦକ୍ଷେପକୁ ଦୃଢ଼ ପ୍ରଶଂସା କରିଛନ୍ତି। ଦୀର୍ଘଦିନ ଧରି ମାଦୁରୋଙ୍କର ଏକଛତ୍ରବାଦ ଶାସନକୁ ବିରୋଧ କରି ମାରିଆ ବିଶ୍ୱବ୍ୟାପୀ ଚର୍ଚ୍ଚାରେ ରହିଆସିଛନ୍ତି। ନିକୋଲାସ୍ ମାଦୁରୋଙ୍କ ଗିରଫ ପ୍ରକ୍ରିୟା ପରେ ଅନୁମାନ କରାଯାଉଥିଲା ଯେ ରାଷ୍ଟ୍ରପତି ଭାବେ ମାରିଆ ଆସୀନ ହୋଇପାରନ୍ତି। କିନ୍ତୁ ସମସ୍ତ ଅନୁମାନକୁ ଭୁଲ ସାବ୍ୟସ୍ତ କରି ଟ୍ରମ୍ପଙ୍କ ନିର୍ଦ୍ଦେଶାନୁଯାୟୀ ବିତାଡ଼ିତ ରାଷ୍ଟ୍ରମୁଖ୍ୟଙ୍କ ଘନିଷ୍ଠ ସହଯୋଗୀ ହିଁ ପରବର୍ତ୍ତୀ ରାଷ୍ଟ୍ରପତି ହେଲେ।

ଟ୍ରମ୍ପଙ୍କ ଏତାଦୃଶ ବ୍ୟବହାରରେ ଘୋର ଆପତ୍ତି ଉଠାଇଛନ୍ତି ଦକ୍ଷିଣ ଆମେରିକୀୟ ଦେଶ କଲମ୍ବିଆର ରାଷ୍ଟ୍ରପତି ଗୁଷ୍ଟାଭୋ ପେଟ୍ରୋ। ତାଙ୍କୁ ମଧ୍ୟ ଗିରଫ କରିବା ପାଇଁ ସେ ଟ୍ରମ୍ପଙ୍କୁ ଆହ୍ୱାନ କରିଛନ୍ତି। ଅନ୍ୟପକ୍ଷରେ ଆଗାମୀ ଦିନରେ ଗ୍ରୀନ୍‌ଲ୍ୟାଣ୍ଡ ଉପରେ ଆକ୍ରମଣ କରି ଏହାକୁ କବ୍‌ଜା କରିବା କଥା କହି ଟ୍ରମ୍ପ୍ ଏକ ନୂତନ ବିବାଦ ସୃଷ୍ଟି କରିଛନ୍ତି। ଟ୍ରମ୍ପଙ୍କ ମନ୍ତବ୍ୟର ଦୃଢ଼ ବିରୋଧ କରି ଡେନ୍‌ମାର୍କର ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡାରିକସନ୍ କହିଛନ୍ତି ଯେ ଯଦି ଆମେରିକା ଗ୍ରୀନଲ୍ୟାଣ୍ଡ ଆକ୍ରମଣ କରେ ସମ୍ପୂର୍ଣ୍ଣ 'ନାଟୋ' ସାମରିକ ମେଣ୍ଟର ଅବସାନ ଘଟିବ। ପ୍ରକାଶ ଥାଉ କି ଏହି ଗ୍ରୀନଲ୍ୟାଣ୍ଡ ହେଉଛି ଡେନ୍‌ମାର୍କର ଏକ ସ୍ୱାୟତ୍ତ ଶାସିତ ଅଞ୍ଚଳ।

ଏକଦା ମଧ୍ୟଯୁଗରେ ସ୍ପେନର ଯୁଦ୍ଧଜାହାଜ ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିଲା। ସମୟ ଆସିଲା ସ୍ପେନ୍ ବିଶ୍ୱ ରାଜନୀତିରୁ ବିସ୍ମୃତ ହୋଇଗଲା। ଊନବିଂଶ ଓ ବିଂଶ ଶତାବ୍ଦୀରେ ସୂର୍ଯ୍ୟାସ୍ତ ହେଉନଥିବା ଏବଂ ବିଶ୍ୱବ୍ୟାପୀ ଉପନିବେଶବାଦୀ ଅତ୍ୟାଚାର ଚଳାଇଥିବା ଦେଶ ବ୍ରିଟେନର ମଧ୍ୟ ପତନ ଘଟିଲା। ଆଜି ବିଶ୍ୱବ୍ୟାପୀ ଏକଛତ୍ରବାଦ ଓ ଡଲାର ବଳରେ ବଳୀୟାନ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଦିନେ ସମୟର ସ୍ରୋତରେ ହଜିଯିବ। ବିଖ୍ୟାତ ଇଂରାଜୀ କବି ଶେଲିଙ୍କ 'ଓଜିମାଣ୍ଡିଆସ' କାବ୍ୟର ଏହା ହିଁ ତ ନିର୍ଯ୍ୟାସ ଯେ, ଯେତେ ପ୍ରତାପୀ ରାଜା ବା ଦେଶ ହେଉ ସମୟର ସୁଅରେ ସମସ୍ତଙ୍କର ପତନ ସୁନିଶ୍ଚିତ।

(ଓଡ଼ିଶା ସ୍ୱାସ୍ଥ୍ୟ ସେବା)

ଭୁବନେଶ୍ୱର, ମୋ: ୮୧୪୪୦୪୨୯୯୭

## ଆମେ ତ ହତଭାଗ୍ୟ ପିଲାରେ!

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଏକଦା ପ୍ରାଥମିକ ଶ୍ରେଣୀରେ ପଢ଼ାଯାଉଥିବା କବିତାଟିଏ ଥିଲା 'ଆମେ ତ ଭାଗ୍ୟବାନ ପିଲା ରେ...'। ତହିଁରେ ସୂଚୀତ କରାଯାଇଥିଲା କିପରି ଆଧୁନିକ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ଫଳରେ ଉନ୍ନତ ହୋଇପାରିଛି ସେମାନଙ୍କ ଜୀବନଧାରଣର ମାନ। ତେବେ ମାତ୍ର କେତୋଟି ଦଶକ ପରେ ଏହା ଆହୁରି ବିକଶିତ ହୋଇ ପରିବେଶକୁ କିପରି ବିପର୍ଯ୍ୟସ୍ତ କରିଛି ଏବଂ ଶିଶୁମାନଙ୍କ ଉପରେ ତାହାର କିପ୍ରକାର କୁପ୍ରଭାବ ପଡୁଛି ସେ କଥା ବିଚାରକୁ ନେଲେ ସେମାନେ ନିଶ୍ଚୟ ନିଜକୁ ହତଭାଗ୍ୟ ବୋଲି ମନେ କରିବେ। ଏହାର ଏକ ଜ୍ୱଳନ୍ତ ଉଦାହରଣ ରୂପେ ପରିବେଶବିତ୍‌ମାନେ ଉପସ୍ଥାପିତ କଲେଣି ଦିଲ୍ଲୀରେ ପ୍ରଦୂଷିତ ବାୟୁର ସେମାନଙ୍କ ଉପରେ ପ୍ରଭାବ। ଆମ ରାଜ୍ୟ ସମେତ ଦେଶର ବହୁସ୍ଥାନ ପାଇଁ ମଧ୍ୟ ତାହା ପ୍ରଯୁଜ୍ୟ।

ସର୍ବୋଚ୍ଚ ପ୍ରଦୂଷିତ ରାଜଧାନୀ ରୂପେ ବିଶ୍ୱରେ କୁଖ୍ୟାତି ଅର୍ଜନ କରିଥିବା ଦିଲ୍ଲୀର ଅଧିବାସୀମାନେ ବାୟୁପ୍ରଦୂଷଣ ଜନିତ ବିବିଧ ଯନ୍ତ୍ରଣା ଭୋଗ କରୁଛନ୍ତି। ୨୦୨୪ ମସିହାରେ ଅନୁଷ୍ଠିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ପ୍ରଦୂଷଣ ଯୋଗୁଁ ଶିଶୁମାନଙ୍କର ୭.୬ ରୁ ୧୦ ବର୍ଷ ପର୍ଯ୍ୟନ୍ତ ହାରାହାରି ଆୟୁ କ୍ଷୟ ଘଟୁଛି ଏବଂ ବିବିଧ ରୋଗବ୍ୟାଧି ଓ ବହୁସଂଖ୍ୟକ ଅକାଳମୃତ୍ୟୁର କାରଣ ହେଉଛି। ବିଶେଷକରି ଦୀର୍ଘସମୟ ଧରି ବାୟୁରେ ଭାସମାନ ସୂକ୍ଷ୍ମକଣିକା ବା ପାର୍ଟିକୁଲେଟ୍‌ମାଟର(ପିଏମ୍) ଉନ୍ମୁକ୍ତ ହୋଇ ରହିବା ଫଳରେ ତାହା ଶ୍ୱାସକ୍ରିୟା ଜନିତ ରୋଗଠାରୁ ଆରମ୍ଭ କରି ନିମୋନିଆ ଆଦିର କାରଣ ହେଉଛି। ଦିଲ୍ଲୀର ବାୟୁରେ ଏହି କଣିକାର ମାତ୍ରା ଅନେକ ସମୟରେ ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା ଦ୍ୱାରା ନିର୍ଦ୍ଧାରିତ ନିରାପଦ ମାତ୍ରାଠାରୁ ୫୦ ଗୁଣ ପର୍ଯ୍ୟନ୍ତ ଅଧିକ ହୋଇଯାଉଛି।

ଉପରୋକ୍ତ ଅଧ୍ୟୟନ ଅନୁଯାୟୀ ଯଦି କେହି ଜଣେ ସେଠାରେ ୫ ବର୍ଷ ପୂର୍ବେ ଜନ୍ମ ହୋଇଥିବ ଆଜିର ଦିନରେ ପ୍ରାୟ ୮୩୦ ରୁ ୮୫୦ ଦିନ, ଅର୍ଥାତ୍ ଜୀବନକାଳର ଅଧାସମୟ ଅତି ଖରାପ କିମ୍ବା ତହିଁରୁ ନିମ୍ନମାନର ବାୟୁ ସେବନ କରିବାକୁ ପଡ଼ିଥିବ। ସେଥିରୁ ପ୍ରାୟ ୮୧ ଦିନ 'ଗମ୍ଭୀର' ଭାବେ ପ୍ରଦୂଷିତ ବାୟୁ। ଏହାର ବିଷାକ୍ତ ପ୍ରଭାବ ଜୀବନଘାତକ। ଏଣୁ 'ସେଣ୍ଟର ଫର ସାଇନସ ଆଣ୍ଡ ଏନଭାର୍ଣ୍ଣମେଣ୍ଟ' ଦ୍ୱାରା ପ୍ରଦତ୍ତ ସୂଚନା ଅନୁସାରେ 'ବାୟୁ ପ୍ରଦୂଷଣ ଏବେ ଏକ ଜାତୀୟ ଆପତ୍‌କାଳୀନ ପରିସ୍ଥିତି ସୃଷ୍ଟି କରିଛି, ଯାହାକି ପ୍ରତିବର୍ଷ ଭାରତରେ ୫ ବର୍ଷରୁ କମ୍ ବୟସ୍କ ପ୍ରାୟ ଲକ୍ଷେ ଶିଶୁଙ୍କର ଅକାଳ ମୃତ୍ୟୁର କାରଣ ହେଉଛି।'

ବର୍ତ୍ତମାନ ଏହା ପ୍ରମାଣିତ ହୋଇସାରିଲାଣି ଯେ, ଦୂଷିତ ବାୟୁ ମସ୍ତିଷ୍କର ବିକାଶକୁ ବାଧା ପହଞ୍ଚାଏ। ବାଲ୍ୟକାଳରେ ଦୀର୍ଘ ସମୟ ଧରି ବାୟୁରେ ଭାସମାନ ସୂକ୍ଷ୍ମ କଣିକା ଓ ନାଇଟ୍ରିକ୍ ଅକ୍ସାଇଡ୍ ଆଘ୍ରାଣ କଲେ ମସ୍ତିଷ୍କର ଗାଠନିକ ପରିବର୍ତ୍ତନ ଆସେ ଏବଂ ବୋଧଶକ୍ତିର ଅବକ୍ଷୟ ଘଟେ ବୋଲି ସୂଚୀତ କରାଯାଇଥିଲା 'ଲାନସେଟ ହେଲ୍‌ଥ' ପତ୍ରିକାରେ (୨୦୧୫)। ୨୦୧୭ ମସିହାରେ ୟୁନିସେଫ୍ ସତର୍କବାଣୀ ଶୁଣାଇଥିଲା ଯେ ବିଶ୍ୱର ପ୍ରାୟ ୧୭ ନିୟୁତରୁ ଅଧିକ ଶିଶୁ ନିରାପଦ ମାତ୍ରାଠାରୁ ୬ ଗୁଣ ବା ତତୋଧିକ ପ୍ରଦୂଷିତ ବାୟୁ ଥିବା ସ୍ଥାନମାନଙ୍କରେ ବାସ କରୁଛନ୍ତି। ଅତଏବ ସେମାନଙ୍କର ମସ୍ତିଷ୍କର ବିକାଶ ବାଧାପ୍ରାପ୍ତ ହେଉଛି। ଅନ୍ୟପକ୍ଷରେ, ଜନ୍ମପୂର୍ବରୁ ମା' ଏଥିପ୍ରତି ଉନ୍ମୁକ୍ତ ରହିଲେ ଶିଶୁର ମେଧାଶକ୍ତି (ଆଇକ୍ୟୁ) କମ୍ ହୁଏ ଏବଂ ପରବର୍ତ୍ତୀ ଅବସ୍ଥାରେ ସ୍ମୃତି ଶକ୍ତି ବିଶେଷ କାମ କରେ ନାହିଁ ବୋଲି ଦର୍ଶାଯାଇଥିଲା ୨୦୧୯ ମସିହାରେ 'ଏନ୍‌ଭାର୍ଣ୍ଣମେଣ୍ଟାଲ ହେଲଥ୍' ରେ ପ୍ରକାଶିତ ଏକ ନିବନ୍ଧରେ। ସେହିପରି ୨୦୨୪ ମସିହାରେ ଆମେରିକାରେ ଅନୁଷ୍ଠିତ ଅଧ୍ୟୟନରୁ ଦୀର୍ଘକାଳ ଧରି ଦୂଷିତ ବାୟୁର ସମ୍ମୁଖୀନ ହେଲେ ଶିଶୁମାନଙ୍କର ଶିକ୍ଷା କରିବା ଶକ୍ତି, ସ୍ମୃତି ଶକ୍ତି ଏବଂ ଧ୍ୟାନ ଶକ୍ତି ହ୍ରାସ ପାଏ ବୋଲି ଜଣାପଡ଼ିଥିଲା। ଏହାକୁ ନେଇ 'କେକ୍ ସ୍କୁଲ୍ ଅଫ୍ ମେଡିସିନ୍'ର ଡକ୍ଟର ମେଗାନ ହର୍ଟ୍ ମତ ଦେଇଥିଲେ ଯେ ବାୟୁରେ ଭାସମାନ ସୂକ୍ଷ୍ମ କଣିକାଗୁଡ଼ିକର ଏଥିରେ ବିଶେଷ ଭୂମିକା ଥିବାର ମନେ ହୁଏ। ଏଣୁ ଏହାର ଉତ୍ସ ଓ ରାସାୟନିକ ସଂରଚନା ସହିତ ଦୀର୍ଘସ୍ଥାୟୀ ମସ୍ତିଷ୍କ ସମ୍ବନ୍ଧୀୟ ବୋଧଶକ୍ତିର ସଂପର୍କକୁ ନେଇ ଫୁଙ୍କାନୁଫୁଙ୍କ ଗବେଷଣା ଦରକାର।

ଅଦ୍ୟାବଧି ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ କୌଣସି ସ୍ଥାନର ବାୟୁରେ ଭାସମାନ ସୂକ୍ଷ୍ମ କଣିକା ପ୍ରତି ଘନମିଟରରେ ୧୦ ଗ୍ରାମ ବୃଦ୍ଧି ଶିଶୁମାନଙ୍କ ମଧ୍ୟରେ ଶ୍ୱାସରୋଗ, ଶ୍ୱାସନଳୀରେ ପ୍ରଦାହ, ନିମୋନିଆ ଆଦି ବୃଦ୍ଧି କରାଇଥାଏ। ଫଳରେ ଦିଲ୍ଲୀର ଡାକ୍ତରଖାନାମାନଙ୍କରେ ଶିଶୁମାନଙ୍କ ଚିକିତ୍ସା ଲାଗି ସ୍ଥାନାଭାବ ଘଟିଲାଣି। ପୁନଶ୍ଚ ସେମାନେ ଅଧିକକାଳ ଲାଗି ଚିକିତ୍ସା ଆବଶ୍ୟକ କରୁଛନ୍ତି। ଗତବର୍ଷ 'ଏମ୍ସ'ର ଡାକ୍ତରମାନେ ସୂଚନା ଦେଇଛନ୍ତି ଯେ ଏ ସମୟରେ ଶ୍ୱାସରୋଗୀ ସଂଖ୍ୟା ୨୦/୨୫ ପ୍ରତିଶତ ବୃଦ୍ଧି ପାଉଛି। ଏଥିପୂର୍ବରୁ ପୃଥିବୀର ବିଭିନ୍ନ ସ୍ଥାନରେ ବହୁଳଭାବେ ହୋଇଥିବା ସର୍ବେକ୍ଷଣରୁ ଜଣାପଡ଼ିଥିଲା ଯେ ଦୀର୍ଘସମୟ ଧରି ଶିଶୁମାନେ ପ୍ରଦୂଷିତ ବାୟୁର ସମ୍ମୁଖୀନ ହେବା ତାଙ୍କର ବିଦ୍ୟାଳୟରେ କମ ନମ୍ବର ରଖିବା ଏବଂ ବୋଧଶକ୍ତିର ହ୍ରାସ ସହିତ ସଂପୃକ୍ତ(ଆମେରିକାନ୍ ଇକୋନୋମିକ ଜର୍ଣ୍ଣାଲ୍: ଆପ୍ଲାଏଡ ଇକୋନୋମିକସ୍ ୨୦୨୧)। ୨୦୨୪ରେ ଅନୁଷ୍ଠିତ ସର୍ବେକ୍ଷଣରୁ ମଧ୍ୟ ଏହାକୁ ସମର୍ଥନ ମିଳିଥିଲା। ଶିଶୁମାନଙ୍କର ସ୍ମରଣଶକ୍ତି ହ୍ରାସ ଘଟିବା ସଂଗେ ସଂଗେ ସେମାନେ ଖୁବଶୀଘ୍ର ଦୁର୍ବଳ ଅନୁଭବ କରିବା ଏବଂ ଅସୁସ୍ଥତା ହେତୁ ବିଦ୍ୟାଳୟରେ ଅନୁପସ୍ଥିତ ରହିବା ଆଦିକୁ ଏହାର କାରଣ ରୂପେ ଦର୍ଶାଯାଇଥିଲା।

ପ୍ରାୟ ୫ ବର୍ଷ ତଳେ ଦିଲ୍ଲୀର କେତେକ ଶିଶୁ ବିଶୁଦ୍ଧ ବାୟୁ ଯୋଗାଇ ଦେବାକୁ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରିଥିଲେ। ସେ ସମୟର ସରକାର ତାଙ୍କୁ ସେଥିପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ରକ୍ଷା କରିବା ତ ଦୂରର କଥା, ବରଂ ପରିସ୍ଥିତି ଅଧିକରୁ ଅଧିକ ବିଗିଡ଼ିବାରେ ଲାଗିଛି। ସେଠାରେ ବାୟୁମାନ ସୂଚକାଙ୍କ ୩୦୦ ରୁ ୪୦୦ ଅର୍ଥାତ୍ 'ଅତିଶୟ ଖରାପ' ଏବଂ ବେଳେ ବେଳେ ୪୦୦ ରୁ ଅଧିକ ଅର୍ଥାତ୍ 'ଭୟଙ୍କର' ସ୍ତରରେ ପହଞ୍ଚିଯାଉଛି। ଦେଶର ଅନେକସ୍ଥାନରେ ଏହି ସ୍ଥିତି ସୃଷ୍ଟି ହେଲାଣି। ଓଡ଼ିଶାର ୭/୮ ଟି ସହରରେ ବାୟୁମାନ ସୂଚକାଙ୍କ ୩୦୦ ଅତିକ୍ରମ କରିଯାଉଛି। ଅତଏବ ଜନସାଧାରଣ, ବିଶେଷକରି ଶିଶୁମାନେ, ଏହାର କୁପରିଣାମ ଭୋଗୁଛନ୍ତି। ସେଥିରେ ହଜି ଯାଉଛି ସେମାନଙ୍କର ବର୍ତ୍ତମାନ ଓ ଭବିଷ୍ୟତ। ଏସବୁର ମୂଳରେ ରହିଛି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଣନିୟନ୍ତ୍ରିତ ଅଗ୍ରଗତି ହେତୁ ଶିଳ୍ପର ପ୍ରସାର, ସହରୀକରଣ, ଯାନବାହନ ସଂଖ୍ୟାବୃଦ୍ଧି ଏବଂ ସେଥିପାଇଁ ଆବଶ୍ୟକ ପଡୁଥିବା ବୃକ୍ଷଛେଦନ ଇତ୍ୟାଦି। ଏପରିସ୍ଥଳେ, ବର୍ତ୍ତମାନର ଶିଶୁମାନେ ନିଜକୁ ହତଭାଗ୍ୟ ବୋଲି ମନେ କରିବା ସ୍ୱାଭାବିକ।

ଭୁବନେଶ୍ୱର, ମୋ: ୯୯୩୭୩୦୧୪୭୦

## ନାଗନୀ ମାତା ମନ୍ଦିର

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଭାରତର ବିଭିନ୍ନ ଅଞ୍ଚଳରେ ଥିବା ବିଚ୍ଛା ମନ୍ଦିର ସମ୍ପର୍କରେ ଆମେ ଗତ ଦୁଇ ସପ୍ତାହର ଦୁଇଟି ଅଧ୍ୟାୟରେ ଆଲୋଚନା କରି ଆସୁଛେ। ସେଥିମଧ୍ୟରୁ କିଛି ଲୋକଲୋଚନକୁ ଆସିଛି ଏବଂ ଅନେକ ଅନାଲୋଚିତ ହୋଇ ରହିଯାଇଛି। କିନ୍ତୁ ଏହି ମନ୍ଦିର ଯେ ଭାରତୀୟ ଧର୍ମଧାରଣା, ଆସ୍ଥା ଓ ବିଶ୍ୱାସର ମୂଳଦୁଆ ଉପରେ ଗଢ଼ିଉଠିଛି ତାହା ଅନସ୍ୱୀକାର୍ଯ୍ୟ। ଏହି ଆସ୍ଥା ଓ ବିଶ୍ୱାସର ପ୍ରତିଦାନରେ ଉକ୍ତ ମନ୍ଦିରର ଚମତ୍କାରୀ ଶକ୍ତି ଓ ଅଲୌକିକତାର ଧାରା ଏବେ ମଧ୍ୟ ଜନକଲ୍ୟାଣ ପାଇଁ ଜାରି ରହିଛି। ସେହିଧାରାରେ ଆଜି ଭାରତବର୍ଷର ଆଉ କିଛି ବିଚ୍ଛା ମନ୍ଦିର ବିଷୟରେ ଆଲୋଚନା କରିବା

ହିମାଚଳ ପ୍ରଦେଶ ଓ ପଞ୍ଜାବ ସୀମାବର୍ତ୍ତୀ ଅଞ୍ଚଳରେ ନାଗନୀ ମାତା ନାମକ ଗୋଟିଏ ଚମତ୍କାରୀ ମନ୍ଦିର ଅଛି। ବିଶ୍ୱାସ ରହିଛି ଯେ, ଏହି ମନ୍ଦିରର ମାଟିକୁ ଘରେ ଆଣି ରଖିବା ଦ୍ୱାରା ବିଚ୍ଛା ଓ ସାପ ଭଳି ବିଷାକ୍ତ ପ୍ରାଣୀ ଘରକୁ ଆସିନଥା'ନ୍ତି। ଯଦି କୌଣସି ବ୍ୟକ୍ତିକୁ ବିଚ୍ଛା କିମ୍ବା ସର୍ପଦଂଶନ କରିଥାଏ, ତେବେ ଏହି ମନ୍ଦିରର ମାଟିକୁ ଲେପ ଦେଲେ ବିଷ କ୍ଷୟ ହୋଇ ରୋଗୀର ପ୍ରାଣ ରକ୍ଷା ହୁଏ। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ୨ ମାସ ଧରି ଏଠାରେ ଏକ ବିଶେଷ ମେଳାର ଆୟୋଜନ ହୋଇଥାଏ। ଦେବୀଙ୍କର ବିଶେଷ ପୂଜାର୍ଚ୍ଚନା ପରେ ଭକ୍ତମାନେ ମନ୍ଦିରର ମାଟିକୁ ନେଇ ଘରେ ରଖିଥା'ନ୍ତି।

ଲୋକକଥା ଅନୁଯାୟୀ, ଏକଦା ଜଣେ ଗୋରଖ ବାବା ଏହି ସ୍ଥାନକୁ ନିଜର ତପୋଭୂମି ଭାବେ ବାଛି ନେଇଥିଲେ। ଘନ ଜଙ୍ଗଲରେ ପରିପୂର୍ଣ୍ଣ ଏହି ସ୍ଥାନରେ ଗୋରଖ ବାବା ବର୍ଷ ବର୍ଷ ଧରି ତପସ୍ୟା କରୁଥିବା ସମୟରେ ଥରେ ଗ୍ରାମବାସୀ ଦେଖିବାକୁ ପାଇଲେ ଯେ, ବାବାଙ୍କ ମସ୍ତକ ଉପରେ ଗୋଟିଏ ସୁବର୍ଣ୍ଣ ନାଗ ଶୋଭା ପାଉଛି। ଏହାର ରହସ୍ୟ ଗ୍ରାମବାସୀମାନେ ପଚାରିବା ପରେ ଗୋରଖ ବାବା କହିଥିଲେ ଯେ, ସେହି ପବିତ୍ର ଭୂମି ହେଉଛି ନାଗନୀ ମାତାଙ୍କର। ତେଣୁ ଏଠାରେ ସେ ତପସ୍ୟା କରିବା ପାଇଁ ଆସିଛନ୍ତି। ପରବର୍ତ୍ତି ସମୟରେ ଏହି ସ୍ଥାନରେ ନାଗନୀ ମାତାଙ୍କ ମନ୍ଦିର ସ୍ଥାପନା କରାଯାଇଛି। ଏହି ମନ୍ଦିର ନିର୍ମାଣ ସମ୍ପର୍କରେ ଆଉ କେତେକ ଜନଶ୍ରୁତି, କିମ୍ବଦନ୍ତୀ ଓ ଦନ୍ତକଥା ମଧ୍ୟ ରହିଛି। ଏସବୁକୁ ବାଦ୍ ଦେଲେ ଲୋକମାନଙ୍କର ଅତୁଟ ବିଶ୍ୱାସ କାହିଁ କେଉଁ କାଳରୁ ନାଗମୀ ମାତାଙ୍କ ଉପରେ ରହିଆସିଛି। ଏବେ ମଧ୍ୟ ବିଚ୍ଛା, ସାପ ଓ ଅନ୍ୟ ବିଷାକ୍ତ କୀଟଦଂଶନ କରିଥିବା ବ୍ୟକ୍ତିଙ୍କୁ ମନ୍ଦିରର ମାଟି ଲେପନ କରାଯାଉଛି। ଦେବୀ ମା'ଙ୍କ କୃପାରୁ ପୀଡ଼ିତ ବ୍ୟକ୍ତି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରୁଛି। ଏତିକି କୁହାଯାଇପାରେ ଯେ, ବିଜ୍ଞାନ ଯୁଗରେ ମଧ୍ୟ ଦୈବୀକୃପାର ବିଶ୍ୱାସ ବିଜୟୀ ହୋଇଛି ଏବଂ ଆଗାମୀ ଦିନରେ ମଧ୍ୟ ଏହି ବିଶ୍ୱାସର ଧାରା ଅକ୍ଷୁଣ୍ଣ ରହିବ।(ସମାପ୍ତ)



ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବାପା ନା ସୈତାନ

# ଶିଶୁକନ୍ୟାକୁ ପୋଖରୀରେ ଫିଙ୍ଗିଲା

ଯାଜପୁର, ୮।୧(ସମିସ): ବାପା ନା ସୈତାନ। ନବଜାତ ଶିଶୁକନ୍ୟାକୁ ଆଣି ରାସ୍ତାକଡ଼ ପୋଖରୀରେ ଫିଙ୍ଗିଦେଲା। ଯାଜପୁର ଜିଲ୍ଲା ଚଣ୍ଡିଖୋଲ-ଦୁବୁରୀ ୫୩ ନଂ. ଜାତୀୟ ରାଜପଥର କଳିଙ୍ଗନଗର ଥାନା ଅନ୍ତର୍ଗତ ଗୋଲାଗାଁ ନିକଟରେ ଆଜି ସଂଧ୍ୟାରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ସ୍ଥାନୀୟ ଲୋକ ଉକ୍ତ ଯୁବକକୁ କାବୁ କରି ପୁଲିସ ଜିମା ଦେଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଉକ୍ତ ଯୁବକକୁ ପୁଲିସ ଅଟକ ରଖି ପଚରାଉଚୁରା କରୁଛି।

ସୂଚନାନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ବେଳେ କିଛି ଯୁବକ ତାକୁ ଅଟକାଇ ପଚରାଉଚରା କରିବାରୁ ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିଥିଲା। ମେଡ଼ିକାଲରୁ ସେ ଏକ ନିଜର ନବଜାତ ଶିଶୁକନ୍ୟାକୁ ଆଣି ରାସ୍ତାକଡ଼ରେ ଥିବା ଏକ ପୋଖରୀରେ ଫିଙ୍ଗି ଦେଇଥିବା କହିଥିଲା। ଯୁବକଜଣଙ୍କ ସୁକିନ୍ଦା ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ କାହିଁକି ଏବଂ କେଉଁ ପରିସ୍ଥିତିରେ ସେ ନିଜ ଜନ୍ମ କଲା ଶିଶୁକନ୍ୟାକୁ ପୋଖରୀରେ ଫିଙ୍ଗିଲା, ସେନେଇ ପୁଲିସ ତଦନ୍ତ ଚଳାଇଛି।

# ଶିମିଳିପାଳରେ ଶୀତ ଲହରୀ ଜାରି



### ଉପର ବରକାମୁଡ଼ାରେ ଶୂନ୍ ଡିଗ୍ରୀ

ବାରିପଦା, ୮।୧(ସମିସ): ରାଜ୍ୟରେ ଚାଲିଥିବା ଶୀତ ଲହରୀ ଯୋଗୁଁ ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ପାରଦ ଅତ୍ୟନ୍ତ ନିମ୍ନସ୍ତରକୁ ଖସିଛି। ଗତ ୨୪ଘଣ୍ଟାରେ ରେକର୍ଡ ହୋଇଥିବା ନ୍ୟୂନତମ ତାପମାତ୍ରା ଅନୁଯାୟୀ, କୋର୍ ଏରିଆରେ ଥିବା ଉପର ବରକାମୁଡା (ୟୁବିକେ)ଠାରେ ପୂର୍ବଦିନର ରେକର୍ଡ ୦ ଡିଗ୍ରୀ ସେଲସିୟସ୍ ଅପରିବର୍ତ୍ତିତ ରହିଛି। ସେହିପରି ଚାହାଲାରେ ୨ ଡିଗ୍ରୀ, ଗୁଡଗୁଡିଆରେ ୩ଡିଗ୍ରୀ, ରାମତୀର୍ଥରେ ୯ଡିଗ୍ରୀ, କିଆଝରିରେ ୧୧ ଡିଗ୍ରୀ ଓ ସାତକୋଶିଆରେ ୧୦ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। ବନ୍ୟଜନ୍ତୁ ଶୀତରେ କଲବଲ ହେଉଛନ୍ତି। ଶୀତରେ ପର୍ଯ୍ୟଟକଙ୍କୁ ସାବଧାନତା ଅବଲମ୍ବନ କରିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ରାଜ୍ୟର ୩ ଜିଲ୍ଲା ଅଦାଲତକୁ ବୋମା ଧମକ

# ରାଜ୍ୟରେ ଗୃହ ବିଭାଗ ସଂପୂର୍ଣ୍ଣ ଅଚଳ: ବିଜେଡି

■ ବିଭିନ୍ନ କୋର୍ଟରେ ଭୟର ବାତାବରଣ

■ ପୂର୍ବରୁ ଜନୈକ ସାମ୍ବାଦିକଙ୍କୁ ଏଭଳି ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା, ଗୃହ ବିଭାଗ ପାଇ ନ ଥିଲା କୌଣସି ସୁରାକ

ଭୁବନେଶ୍ୱର, ୮।୧ (ସମିସ): ରାଜ୍ୟର ୩ ଜିଲ୍ଲା ଅଦାଲତକୁ ବୋମାରେ ଉଡ଼ାଇ ଦେବାକୁ ଧମକ ମିଳିବା ପରେ ସବୁଆଡ଼େ ଭୟର ବାତାବରଣ ସୃଷ୍ଟି କରିଛି। କୋର୍ଟକୁ ବୋମା ଧମକ ଦର୍ଶାଉଛି ଯେ ଗୃହ ବିଭାଗ ଅସହାୟ ହୋଇଯାଇଛି। ବିଜେପି ଦଳ ଓଡ଼ିଶାରେ ଶାସନ ଭାର ଗ୍ରହଣ କରିବା ଦିନଠୁ ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଅଭିଯୋଗ କରିଛି ବିଜେଡି।

ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, କୋର୍ଟକୁ ବୋମା ଧମକ ଓଡ଼ିଶା ଇତିହାସରେ ପ୍ରଥମ ଘଟଣା। ଏହାକୁ ନେଇ ରାଜ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅପରାଧୀମାନେ ବିଜେପି ସରକାରକୁ ଡରିବା ତ ଦୂରର କଥା, ଓଲଟା ଇ-ମେଲ୍‌ରେ ଧମକ ଦେଇଛନ୍ତି। ଆମ ନ୍ୟାୟିକ ପ୍ରତିଷ୍ଠାନଗୁଡ଼ିକ ସମେତ ବିଚାରପତି, ଓକିଲ, ମକଦ୍ଦମାକାରୀ, କୋର୍ଟ କର୍ମଚାରୀ ତଥା ସାଧାରଣଲୋକଙ୍କ ସୁରକ୍ଷା ସର୍ବୋପରି। ଭାରପ୍ରାପ୍ତ ଅଧିକାରୀମାନେ ମିଳିଥିବା ଧମକର ତ୍ୱରିତ, ପୁଙ୍ଖାନୁପୁଙ୍ଖ ଏବଂ ଉପଯୁକ୍ତ ଯାଞ୍ଚ କରନ୍ତୁ। ଧମକ କେଉଁଠୁ ଆସିଲା ଏବଂ ଏଥିରେ କେଉଁମାନେ ସମ୍ପୃକ୍ତ, ସେମାନଙ୍କୁ ତୁରନ୍ତ ଠାବ କରି ଏହାର ନିଷ୍କର୍ଷ ସର୍ବସମ୍ମୁଖକୁ ଆଣନ୍ତୁ ବୋଲି ବିଜେଡି ଦାବି କରିଛି। କିଛି ଦିନ ପୂର୍ବରୁ ମଧ୍ୟ ରାଜ୍ୟର ଜଣେ ସାମ୍ବାଦିକଙ୍କୁ ଏଭଳି ଇ-ମେଲ୍ ଜରିଆରେ ଧମକ ଦିଆଯାଇଥିଲା। ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ କି ଏ ସଂପର୍କରେ ସ୍ପଷ୍ଟତା ଦେଲେ ନାହିଁ। ଏଥିରୁ ସ୍ପଷ୍ଟ ବାରି ହେଉଛି, ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବାରେ ଗୃହ ବିଭାଗ ସଂପୂର୍ଣ୍ଣ ବିଫଳ ହୋଇଛି। ଡ. ମହାନ୍ତି ଆହୁରି ମଧ୍ୟ କହିଥିଲେ ଯେ ପୁଲିସ ପ୍ରଶାସନ ମଧ୍ୟ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇପଡ଼ିଛି। ନିକଟରେ ଡିଜିପି ବିଜେଡି ପ୍ରତିନିଧିଙ୍କୁ ଭେଟିବାକୁ ଅସହଜ ମନେ କରିଥିଲେ। ଏଥିପାଇଁ ପୁଲିସ ପ୍ରଶାସନ ଏବଂ ରାଜ୍ୟ ସରକାର ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ ହେବା ଦରକାର ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ ଉପରେ...

ନେଟୱର୍କ ଉପରେ କଠୋର କଟକଣା ଲଗାଇବାକୁ ପ୍ରସ୍ତାବ ଦିଆଯାଇଛି। ଏହା ସହିତ ରୁଷକୁ କଟକଣାରୁ ବର୍ତ୍ତିବାରେ ସହାୟତା କରୁଥିବା ଦେଶ, କମ୍ପାନୀ କିମ୍ବା ବ୍ୟାଙ୍କ ଉପରେ ମଧ୍ୟ କଟକଣା ଲଗାଇବାର ବ୍ୟବସ୍ଥା ରହିଛି। କହିବାକୁ କଲେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ରୁଷ ସହ କାରବାର କରୁଥିବା ଦେଶ କିମ୍ବା କମ୍ପାନୀ ଆମେରିକା କଟକଣାର ଶିକାର ହେବ।

ଏହି ବିଲ୍‌ରେ ଆମେରିକାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଜବତ ରୁଷ ସମ୍ପତ୍ତିକୁ ୟୁକ୍ରେନର ପୁନଃ ନିର୍ମାଣରେ ବ୍ୟବହାର କରିବାକୁ କୁହାଯାଇଛି। ଏହା ଦ୍ୱାରା ଯୁଦ୍ଧ ଜନିତ କ୍ଷତିର ମଧ୍ୟ ଭରଣା ହୋଇପାରିବ। ରୁଷ ଉପରେ କଟକଣା ଲଗାଇବା ପାଇଁ ଟ୍ରମ୍ପ ଜାରି କରିଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକୁ ଏହା ମାଧ୍ୟମରେ ବିଲ୍‌ରେ ପରିଣତ କରାଯିବ। ଭବିଷ୍ୟତରେ ଯେପରି କୌଣସି ଆମେରିକୀୟ ରାଷ୍ଟ୍ରପତି ଏହି କଟକଣାକୁ ନ ହଟାଇପାରିବେ ସେଭଳି ବ୍ୟବସ୍ଥା କରିବାକୁ ଟ୍ରମ୍ପ ଚାହୁଁଛନ୍ତି। କୌଣସି ପ୍ରକାରର ଆଶ୍ୱସ୍ତି ପାଇଁ କଂଗ୍ରେସର ମଞ୍ଜୁରି ନେବାକୁ ହେବ। ବିଲ୍‌ରେ ରାଷ୍ଟ୍ରପତିଙ୍କୁ ସ୍ୱତନ୍ତ୍ର ଅଧିକାର ଦେବାର ନିୟମ ରହିଛି। ରୁଷ୍ ଉପରେ କଟକଣା ପାଇଁ ଅଣା ଯାଇଥିବା ଏହି ବିଲକୁ ଉଭୟ ଶାସକ ଏବଂ ବିରୋଧୀ ଦଳର ସାଂସଦ ଆଣିଛନ୍ତି। ଲିଣ୍ଡସେଙ୍କ ସହିତ ଡେମୋକ୍ରାଟ ସିନେଟର ରିଚାର୍ଡ ବ୍ଲୁମେନଥଲ ଏହାକୁ ଉପସ୍ଥାପନ କରିଛନ୍ତି। ସିନେଟର ୮୦ ପ୍ରତିଶତରୁ ଅଧିକ ସାଂସଦ ଏହା ସପକ୍ଷରେ ଥିବା ଲିଣ୍ଡସେ କହିଛନ୍ତି। ସୂଚନାଯୋଗ୍ୟ ଯେ ରୁଷଠାରୁ ଅଶୋଧିତ ତୈଳ ଆଣୁଥିବାରୁ ଭାରତ ଉପରେ ଆମେରିକା ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଇଛି। ଏହି ବିଲ୍ ପାରିତ ହେଲେ ଭାରତର ସମସ୍ୟା ବଢ଼ିବ। ଆମେରିକାରେ ନିଜ ସାମଗ୍ରୀ ବିକିବା ପାଇଁ ଭାରତ ପାଇଁ କାଠିକର ହେବ।

### କୋଲକାତାରେ ହାଇଡ୍ରାମା...

ବାହାରିଥିଲେ। ଏହିସବୁ ଫାଇଲକୁ ସେ ତାଙ୍କ କାର ପଛ ସିଟ୍‌ରେ ରଖି ପଳାଇଥିଲେ। ତାଙ୍କ ସହିତ ପୁଲିସ ଓ ସିଭିଲ ଅଧିକାରୀ ମଧ୍ୟ ଥିଲେ।

ଅନ୍ୟପକ୍ଷରେ ଇଡି ପକ୍ଷରୁ କୁହାଯାଇଛି ଯେ ମନି ଲଣ୍ଡରିଂ ମାମଲାରେ ଆଇପିଏସି ଅଫିସରେ ଚଢ଼ଉ କରାଯାଇଛି। ବେଙ୍ଗଲ କୋଇଲା ଖଣି ଦୁର୍ନୀତିରୁ ଆସିଥିବା ଅର୍ଥ ଆଇପିଏସିକୁ ମିଳିଛି। ୨୦୨୨ ଗୋଆ ନିର୍ବାଚନରେ ଏହି ଅର୍ଥକୁ ଖର୍ଚ୍ଚ କରାଯାଇଛି। ଆଇପିଏସି ଅଫିସରେ ଏହାର ଯାଞ୍ଚ କରାଯାଉଥିବା ବେଳେ ମମତା ବାନାର୍ଜୀ, ତାଙ୍କର ସହଯୋଗୀ ଏବଂ ପୁଲିସ ଅଧିକାରୀ ଏସଂକ୍ରାନ୍ତ ଫାଇଲ ଓ କଂପ୍ୟୁଟର ଡିସ୍କକୁ ଜୋରଜବରଦସ୍ତି ନେଇଯାଇଛନ୍ତି। ଇଡି ଅଧିକାରୀ କହିଛନ୍ତି ଯେ କୌଣସି ଦଳୀୟ ଅଫିସରେ ଚଢ଼ଉ କରାଯାଇ ନାହିଁ କି ଏହା ସହିତ ନିର୍ବାଚନର କୌଣସି ସଂପର୍କ ନାହିଁ।

ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଚଢ଼ଉ ଜାରି ରହିଛି। ତେବେ ମମତା ନେଇଯାଇଥିବା ଫାଇଲରେ କଣ ରହିଛି, ତାହା ଜଣାପଡ଼ି ନାହିଁ। ଇଡି ହାତରେ କି ଫାଇଲ ଲାଗିଛି, ତାହା ମଧ୍ୟ ଜଣାପଡ଼ି ନାହିଁ। ଇଡିର ଏହି ଚଢ଼ଉର ପ୍ରତିବାଦ କରି ମମତା ଆସନ୍ତାକାଲି କଲିକତାରେ ବିକ୍ଷୋଭ ରାଲି ବାହାର କରିବାକୁ ଘୋଷଣା କରିଛନ୍ତି। ତେବେ ମମତାଙ୍କ ଏଭଳି ଆଚରଣର ସମାଲୋଚନା କରିଛି ବିଜେପି। ମମତା ନେଇଯାଇଥିବା ଫାଇଲରେ ଦୁର୍ନୀତି ଓ ଦେଶ ବିରୋଧୀ ତଥ୍ୟ ରହିଛି ବୋଲି ବିଜେପି ଅଭିଯୋଗ କରିଛି।

### ହାଇକୋର୍ଟ ସମେତ...

ଅଦାଲତ ଖାଲି କରିଥିଲା। ଓଡ଼ିଶା ହାଇକୋର୍ଟ ପାଇଁ କୌଣସି ସିଧାସଳଖ ଧମକ ମିଳି ନଥିଲା, ତଥାପି ସୁରକ୍ଷା ଦୃଷ୍ଟିରୁ ହାଇକୋର୍ଟ ପରିସରକୁ ତୁରନ୍ତ ଖାଲି କରିଦିଆଯାଇଥିଲା।

ବିଚାରପତି, ଆଇନଜୀବୀ, ମହକିଲ ଓ କର୍ମଚାରୀମାନେ ଅଦାଲତ ବାହାରକୁ ଆସିବା ପରେ ସନ୍ଧାନୀ କୁକୁର ଏବଂ ବୋମା ନିଷ୍କ୍ରିୟକାରୀ ଦଳ, ବ୍ଲାକ୍ କମାଣ୍ଡୋ ଓ ଟାକ୍ଟିକାଲ ଟିମ୍ ସହାୟତାରେ କଟକର ଉଭୟ କୋର୍ଟ ପରିସରରେ ବ୍ୟାପକ ଯାଞ୍ଚ କରାଯାଇଥିଲେ ସୁଦ୍ଧା କୌଣସି ସନ୍ଦେହଜନକ ସାମଗ୍ରୀ ବା ବସ୍ତୁ ମିଳି ନଥିଲା। ଯାଞ୍ଚ ଶେଷ ପରେ ଅପରାହ୍ଣ ସାଢ଼େ ୨ଟା ସୁଦ୍ଧା ଅଦାଲତ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ନିଜେ ଅଦାଲତକୁ ଯାଇ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରି ଘଟଣା ଉପରେ ନଜର ରଖିଛନ୍ତି ବୋଲି କହିଥିଲେ। ଏହି ଘଟଣା ପରେ ହାଇକୋର୍ଟ ସମେତ ସମସ୍ତ ଅଦାଲତରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏହି ଧମକପୂର୍ଣ୍ଣ ଇ-ମେଲ୍‌ଟି ତାମିଲନାଡୁରୁ ଆସିଥିବା ଡିଜିପି କହିଛନ୍ତି।

ନିକଟରେ ପାଟନା ଓ କେରଳର ଅଦାଲତକୁ ମଧ୍ୟ ସମାନ ଧମକ ଆସିବା ପରେ ଅଦାଲତ ଖାଲି କରାଯାଇ ଯାଞ୍ଚ କରାଯାଇଥିଲା। ତେବେ ଜନସାଧାରଣ ଆତଙ୍କିତ ନହେବା ସହ ପୁଲିସକୁ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

ଅନ୍ୟପଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି। ସେ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କ ସହ ଆଲୋଚନା କରି ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମ୍ବେଦନଶୀଳ ଘଟଣାରେ କମିସନରେଟ୍ ପୁଲିସ ଓ କ୍ରାଇମବ୍ରାଞ୍ଚ ସାଇବର ସେଲ ମିଳିତ ତଦନ୍ତ କରୁଥିବା କହିଛନ୍ତି ପୁଲିସ କମିସନର ଏସ୍. ଦେବଦତ୍ତ ସିଂହ। ସାଇବର୍ ଏକ୍ସପର୍ଟମାନେ ଉକ୍ତ ଇ-ମେଲ୍‌ର ଉତ୍ସ (ଆଇପି ଆଡ୍ରେସ୍) ଖୋଜିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଦୋଷୀଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

### ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ...

ଅବଗତ ହେବା ପରେ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ଘଟଣାର ତଦନ୍ତ କରି ଏହାର ସତ୍ୟାସତ୍ୟ ଅନୁସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ପରିସ୍ଥିତି ଉପରେ ନଜର ରଖିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସାଧାରଣ ଲୋକଙ୍କ ଧନଜୀବନର ସୁରକ୍ଷା କ୍ଷେତ୍ରରେ କୌଣସି କୋହଳ ମନୋଭାବ ପୋଷଣ କରାଯାଇ ପାରିବ ନାହିଁ। ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ତଦନ୍ତ କରିବା ସହିତ ସମ୍ପୃକ୍ତ ସ୍ଥାନ ମାନଙ୍କୁ ଅଧିକାରୀମାନଙ୍କୁ ପଠାଇ ଏସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରି ଏଭଳି ଘଟଣାର ମୂଳ ଉଦ୍ଦେଶ୍ୟକୁ ଜାଣିବା ଅତ୍ୟନ୍ତ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

### ଚିନ୍ତା ପ୍ରକଟ...

ଅଧିକାରୀମାନେ ମିଳିଥିବା ଧମକର ତ୍ୱରିତ, ପୁଙ୍ଖାନୁପୁଙ୍ଖ ଏବଂ ଉପଯୁକ୍ତ ଯାଞ୍ଚ କରନ୍ତୁ। ଧମକ କେଉଁଠୁ ଆସିଲା ଏବଂ ଏଥିରେ କେଉଁମାନେ ସମ୍ପୃକ୍ତ ସେମାନଙ୍କୁ ତୁରନ୍ତ ଠାବ କରି ଏହାର ନିଷ୍କର୍ଷ ସର୍ବସମ୍ମୁଖକୁ ଆଣନ୍ତୁ। ଏପରି ସ୍ଥିତିରେ ଜନସାଧାରଣ ଶାନ୍ତ ରୁହନ୍ତୁ, ଗୁଜବ ପ୍ରଚାରରୁ ଦୂରେଇ ରୁହନ୍ତୁ ଏବଂ ସୁରକ୍ଷା ସଂସ୍ଥାଗୁଡ଼ିକୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

### ଆୟର ୭୫% ...

ଶୋକ ପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି। ୧୯୭୬ ଜୁନ୍ ୩ରେ ଜନ୍ମିତ ଅଗ୍ନିବେଶ ଜଣେ ଉତ୍ତମ ବ୍ୟକ୍ତି ଥିଲେ। ସେ ଆଜମେରର ମେୟୋ କଲେଜରୁ ପ୍ରାରମ୍ଭିକ ଶିକ୍ଷା ଆରମ୍ଭ କରିଥିଲେ। ସେ ବେଦାନ୍ତର କମ୍ପାନୀ ତଲୱଣ୍ଡି ସାବୋ ପାୱାର ଲିମିଟେଡ (ଟିଏସପିଏଲ)ର ବୋର୍ଡରେ ଥିଲେ। ୨୦୧୯ ପର୍ଯ୍ୟନ୍ତ ହିନ୍ଦୁସ୍ତାନ ଜିଙ୍କ ଲିମିଟେଡର ଅଧ୍ୟକ୍ଷ ମଧ୍ୟ ରହିଥିଲେ। ତାଙ୍କ ନେତୃତ୍ୱରେ ହିନ୍ଦୁସ୍ତାନ ଜିଙ୍କ ଖଣି ଜ୍ଞାନକୌଶଳକୁ ଆଧୁନିକ କରିଥିଲା। ଅଗ୍ନିବେଶ ଫୁଜୈରାହ ଗୋଲ୍ଡର ପ୍ରତିଷ୍ଠାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

### 'ଓମ୍‌ସା' ଆନ୍ଦୋଳନ...

ଆସନ୍ତା ୧୨ ତାରିଖରେ ସରକାର ଗଠନ କରିଥିବା ସଚିବସ୍ତରୀୟ କମିଟିର ବୈଠକ ଅନୁଷ୍ଠିତ ହେବ। ଏହାପରେ କେନ୍ଦ୍ରୀୟ ହାରରେ ଡିଏସିପି(ବେତନ) ପ୍ରଦାନର ରୂପରେଖ ସ୍ପଷ୍ଟ ହେବ। ସେହିପରି କେବିକେ ଅଞ୍ଚଳରେ ନିଯୁକ୍ତ ହୋଇଥିବା ଡାକ୍ତରମାନଙ୍କୁ ସେମାନଙ୍କ ନିଜ ଜିଲ୍ଲାକୁ ଆଣିବା ପାଇଁ ସରକାର ସବୁ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଇତିମଧ୍ୟରେ କ୍ୟାଡର ପୁନର୍ବିନ୍ୟାସ, ବିଶେଷଜ୍ଞ ଭତ୍ତାର ବୃଦ୍ଧି, ଶବ ବ୍ୟବଚ୍ଛେଦ ଭତ୍ତା ଏବଂ ଦନ୍ତ ଚିକିତ୍ସକ ମାନଙ୍କର ବିଶେଷଜ୍ଞ ଭତ୍ତା (ନୂଆକରି) ପ୍ରସ୍ତାବ ପାରିତ ହେଇସାରିଛି। ଅପରପକ୍ଷେ ବିଳମ୍ବରେ ହେଲେ ମଧ୍ୟ ଡାକ୍ତରମାନଙ୍କର ସ୍ୱାସ୍ଥ୍ୟବୀମା ନିଶ୍ଚୟ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ଡାକ୍ତର ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ୧୦ ଦଫା ଦାବି ନେଇ ଓମସା ପକ୍ଷରୁ ଗତ ୨୬ ତାରିଖରେ ପ୍ରଥମେ ୧ ଘଣ୍ଟିଆ ଓପିଡି ସେବା ବର୍ଜନ କରାଯାଇଥିଲା। ମାତ୍ର ସରକାର ଦାବିକୁ ଅଣଦେଖା କରିବାରୁ ସଂଘ ପକ୍ଷରୁ ଗତ ୫ ତାରିଖରୁ ୨ ଘଣ୍ଟିଆ ଓପିଡି ସେବା ବର୍ଜନ କରାଯାଇଥିଲା। ଆନ୍ଦୋଳନକୁ ଦମନ ପାଇଁ ଗତ ୬ ତାରିଖରେ ରାଜ୍ୟ ସରକାର ଆନ୍ଦୋଳନ ବିରୋଧରେ ୬ ମାସ ପାଇଁ ଏସ୍‌ମା ଲଗାଇଥିଲେ।

### ପୁରୀରେ ପର୍ଯ୍ୟଟକଙ୍କୁ...

ପାର୍କିଂ ସୁବିଧା ରହିଛି। ଯାତ୍ରୀ ନିବାସରେ ରହୁଥିବା ଯାତ୍ରୀ ସେଠାରେ ତାଙ୍କ ଗାଡ଼ି ପାର୍କିଂ କରିଥାନ୍ତି। ହେଲେ ଗତ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶରେ ଉନ୍ନୟନ ପ୍ରଶାସକ ଅଫିସ ନିର୍ଦ୍ଦେଶାନାମା ଜାରି କରିଛନ୍ତି। ଏଣିକି ଚାରିଚକିଆ ଯାନ ପିଛା ୫୦୦ ଟଙ୍କା ଆଦାୟ କରାଯିବ। ଏହି ୫୦୦ ଟଙ୍କା ମଧ୍ୟରେ ୧୮ ପ୍ରତିଶତ ଜିଏସ୍‌ଟି ଅନ୍ତର୍ଭୁକ୍ତ କରାଯାଇଛି। କୌଣସି ଭକ୍ତ ଯଦି ନିଜ ଚାରିଚକିଆ ଯାନ ୨୪ଘଣ୍ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନର ୪ଟି ଭକ୍ତ ନିବାସରେ ପାର୍କ କରୁଛନ୍ତି, ତେବେ ସେମାନଙ୍କୁ ୫୦୦ ଟଙ୍କା ଦେବାକୁ ପଡିବ। ସାଧାରଣତଃ ୨୪ଘଣ୍ଟା ଗାଡ଼ି ପାର୍କିଂ ନିମନ୍ତେ ୫୦ରୁ ୧୦୦ଟଙ୍କା ଭିତରେ ଆଦାୟ ହୋଇଥାଏ। ହେଲେ, ଏହି ପରିମାଣକୁ ୫୦୦ଟଙ୍କା କରାଯିବା ଯାତ୍ରୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏ ନିଷ୍ପତ୍ତି ସମ୍ପର୍କରେ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଭକ୍ତ ନିବାସ ଭଳି ସ୍ଥାନରୁ ଏତେ ପାର୍କିଂ ଫି' କୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

କେବଳ ଏହି ଗୋଟିଏ ସ୍ଥାନ ନୁହେଁ, ସହର ଉପକଣ୍ଠ ବେଲେଶ୍ୱର ପୀଠରେ ମଧ୍ୟ ପାର୍କିଂ ନାଁରେ ଭକ୍ତଙ୍କୁ ଶୋଷଣ କରାଯାଉଛି। ୩ଘଣ୍ଟା ପାଇଁ ବସ୍ ପିଛା ୨୦୦ ଟଙ୍କା, କାର୍ ୧୦୦ ଏବଂ ବାଇକ୍ ପାଇଁ ୨୦ଟଙ୍କା ଆଦାୟ କରାଯାଉଛି। ହେଲେ ପାର୍କିଂ ଫି' ଏତେ ଟଙ୍କା ନେଉଥିଲେ ବି ଦାୟିତ୍ୱ ସେମାନଙ୍କର ନୁହେଁ ବୋଲି ମନ୍ଦିର କମିଟି ରସିଦ୍ ଲେଖା ହିଁ ସ୍ପଷ୍ଟ କରୁଛି। କାରଣ ଟଙ୍କା ନେବା ପରେ ସେମାନେ ଯେଉଁ ପାର୍କିଂ ରସିଦ୍ ଦେଉଛନ୍ତି, ସେଥିରେ ଲେଖାଯାଇଛି 'ଡ୍ରାଇଭର୍ ଗାଡ଼ି ଛାଡ଼ି ଯାଆନ୍ତୁ ନାହିଁ। କୌଣସି କ୍ଷୟକ୍ଷତି କିମ୍ବା ଚୋରି ପାଇଁ ଆମେ ଦାୟୀ ନୁହେଁ। ଗାଡ଼ି ରଖିବାର ସମୟସୀମା ୩ଘଣ୍ଟା।' ଅର୍ଥାତ୍ ଯଦି କେହି ଅଧିକ ସମୟ ଗାଡ଼ି ରଖନ୍ତି, ତେବେ ତାଙ୍କୁ ଆହୁରି ଅଧିକ ଟଙ୍କା ଦେବାକୁ ପଡ଼ିପାରେ।

ଉପରୋକ୍ତ ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ପୁରୀରେ ଏମିତି ଏକାଧିକ ପାର୍କିଂରେ ଭକ୍ତ, ପର୍ଯ୍ୟଟକଙ୍କୁ ଆର୍ଥିକ ଶୋଷଣ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମେ ସବୁବେଳେ 'ଅତିଥି ଦେବୋ ଭବ'ର ନାରା ଦେଉଛେ। ହେଲେ ଶ୍ରୀକ୍ଷେତ୍ର ପୁରୀରେ ଯଦି ଅତିଥିମାନଙ୍କୁ ଏଭଳି ଶୋଷଣ ଜାରି ରୁହେ, ତେବେ ସେମାନେ କେଉଁପ୍ରକାର ଅନୁଭୂତି ନେଇ ଫେରୁଥିବେ? ସମୟ ଆସିବ, ଏଭଳି କିଛି ଘଟଣା ପାଇଁ ପୁରୀକୁ ଭକ୍ତ, ପର୍ଯ୍ୟଟକ ମୁହଁ ମୋଡ଼ିପାରନ୍ତି। ତେଣୁ ବେଳ ଥାଉଥାଉ ଏ ଦିଗରେ ପ୍ରଶାସନ ବିହିତ ପଦକ୍ଷେପ ନେବା ଦରକାର ବୋଲି ସାଧାରଣରେ ଦାବି ଉଠୁଛି।

### ଆହୁରି ୨...

ଜି. ଉଦୟଗିରିରେ ତାପମାତ୍ରା ୨.୫ ଡିଗ୍ରୀ ରେକର୍ଡ ହୋଇଛି। ଏହାସହିତ ସେମିଳିଗୁଡାରେ ପାରଦ ୩.୨କୁ ଖସିଥିବା ବେଳେ ୨୪ ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ ହୋଇଛି। ଏଥି ମଧ୍ୟରେ ଫୁଲବାଣୀରେ ତାପମାତ୍ର ୫ ଡିଗ୍ରୀ, ରାଉରକେଲା ୫.୪, ଝାରସୁଗୁଡ଼ା ୫.୮, ଦାରିଙ୍ଗବାଡ଼ିରେ ତାପମାତ୍ରା ୬ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ ତାପମାତ୍ରା ୯ ଡିଗ୍ରୀ ଛୁଇଁଛି। ଭୁବନେଶ୍ୱରରେ ପାରଦ ୯.୪ ଡିଗ୍ରୀ ଓ କଟକରେ ତାପମାତ୍ରା ୯.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଏଥିପାଇଁ ଦୁଇ ସହରରେ ପ୍ରବଳ ଶୀତ ଅନୁଭୂତ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା କମ୍ ଥିବାରୁ ପ୍ରବଳ ଶୀତ ଜାରି ରହିବ। ମାତ୍ର ୨ ଦିନ ପରେ ୨-୩ ଡିଗ୍ରୀ ବୃଦ୍ଧି କାରଣରୁ ଶୀତ କିଛି ମାତ୍ରାରେ କମିବ। ଶୁକ୍ରବାର ରାତିରୁ ଶନିବାର ସକାଳ ମଧ୍ୟରେ ଜଗତସିଂହପୁର, ଖୋର୍ଦ୍ଧା, ବାଲେଶ୍ୱର, ଅନୁଗୁଳ, କଳାହାଣ୍ଡି ଓ କନ୍ଧମାଳରେ ପ୍ରବଳ ଶୀତ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ସତର୍କତା ଜାରି କରିଛି।


**ହଜିଛି**

ମୁଁ ଶ୍ରୀ ହିତେଶ କୁମାର ବଗର୍ତ୍ତୀ, ପିତା: କୁଞ୍ଜବିହାରୀ ବଗର୍ତ୍ତୀ, ସା/ପୋ: ଖଡିଆଳ, ଆୟଗୁଡା, ଥାନା: ଖଡିଆଳ, ଜିଲ୍ଲା: ନୂଆପଡା, ଓଡ଼ିଶା ଘୋଷଣା କରୁଅଛି କି, ବିକ୍ରମ କେଶରୀ ପରିଡାଙ୍କ ଠାରୁ ଏକ ଜମି କ୍ରୟ କରିଥିଲି ଯାହାର ମୌଜା: ପାଣ୍ଡରା, ତହସିଲ: ଭୁବନେଶ୍ୱର, ଖାତା ନଂ.: ୧୩୩୦/୨୬୬୪, ପ୍ଲଟ୍ ନଂ.: ୧୦୩୫/୮୨୨୮, ଦଲିଲ୍ ନଂ.: ୧୧୦୮୧୦୧୮୪୭୫, ତା.୦୪.୦୮.୨୦୧୦, ଏହାର ଲିଙ୍କ୍ ଦଲିଲ୍ ନଂ.: ୬୫୧୬, ତା.୧୨.୦୯.୨୦୦୨ ଯାହାକି ମୋତେ ବିକ୍ରମ କେଶରୀ ପରଡା ରେଜିଷ୍ଟ୍ରେସନ୍ ସମୟରେ ଦେଇଥିଲେ। ତାହା ହାଇଟେକ୍ ଛକ, ରସୁଲଗଡ, ମଧ୍ୟରେ ମାର୍କେଟିଙ୍ଗ ସମୟରେ କେଉଁଠାରେ ହଜିଯାଇଛି। ଶତଚେଷ୍ଟା ସତ୍ତ୍ୱେ ମଧ୍ୟ ମିଳିପାରୁ ନାହିଁ। ଯଦି କୌଣସି ବ୍ୟକ୍ତି ଉପରୋକ୍ତ ଦଲିଲ୍ ପାଆନ୍ତି ତେବେ ଦୟାକରି ୯୬୭୮୦୨୮୯୨୭ ନମ୍ବରରେ ଯୋଗାଯୋଗ କରିବେ।

**AFFIDAVIT**

By virtue of an affidavit before the Executive Magistrate, Jajpur, dtd. 18.07.2025, I, Mutri Hembram, W/o- Late Madhu Sudan Hembram, Vill.: Patapur, PO.: Sansailo, PS.: Sukinda, Dist.: Jajpur hereby declare that my name has been incorrectly recorded as "Sutri Hembrom" in some records of Bihar Regiment Abhilekh Karyalaya. My correct name and surname is "Mutri Hembram", and my deceased husband's correct name is Late Madhu Sudan Hembram. Both names refer to one and the same person i.e. myself.

**FOR SALE**

1 Number of SCV – TATA INTRA V-30 Diesel / 2022, Registration No.: OD-01-AQ-9039 Model: 2022, ENGINE NO- 15CRAIL05NXXSG1989 CHASSIS NO- MAT535073N Yn54167. For Details, Contact- 8895997418, 9437577758, SUNDARAM FINANCE LTD. First Floor, Choudhury Complex, SAHADEVKHUNTA, BALASORE – 756001, PH. NO.: 06782-266657

**AFFIDAVIT**

By virtue of an affidavit, No.- 3518/2025 sworn before the Executive Magistrate Banpur, Khordha Dist., I Renny Baral, aged about 26 years (DOB- 15/03/2000), resident of Vill/P.O.- Pratap, P.S.- Banpur, Dist- Khordha, Odisha hereby declare that I have changed my name from **RENNY SASMAL to RENNY BARAL**. Henceforth I shall be known as Renny Baral for all purpose instated of Renny Sasmal. I am Swearing this affidavit for the correction of my Aadhaar card.

**RENNY BARAL**

**ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗଜପତି**

ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ତା. ୦୬.୦୧.୨୦୨୬ ରିଖ ଠାରୁ ତା. ୧୦.୦୧.୨୦୨୬ ରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗଜପତି ଷ୍ଟାଡିୟମ, ପାରଳାଖେମୁଣ୍ଡି ପରିସରରେ ଅନୁଷ୍ଠିତ ହେଉଅଛି । ଉକ୍ତ ମେଳାରେ କୃଷି ପାଠଶାଳା, ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ସହିତ ରିହାତି ଦରରେ ବିକ୍ରିର ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ସମସ୍ତ ଚାଷୀ ଭାଇ ଓ ଭଉଣୀ, କୃଷି ଉଦ୍ୟୋଗୀ, ଡିଲର ମାନଙ୍କୁ ବହୁ ସଂଖ୍ୟାରେ ଯୋଗଦାନ କରିବା ପାଇଁ ଅନୁରୋଧ।

**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଗଜପତି**

**ସର୍ବସାଧାରଣ ବିଜ୍ଞପ୍ତି**

ଏହି ଦ୍ୱାରା ସୂଚନା ଦିଆଯାଉଛି ଯେ, ଶ୍ରୀ ରବିଶଙ୍କର ରାଉତ (ଏହିରାପରେ ମୋର୍ଟଗେଜର/ବୋର୍ରୋଅର କୁହାଯାଇଛନ୍ତି) ନିମ୍ନଲିଖିତ ସିଦ୍ଧ ସମ୍ପତ୍ତିର ମୋର୍ଟଗେଜ ଆମ କ୍ଲାଇଣ୍ଟ IDFC FIRST Bank Limited - ଶାଖା ଠିକାଣା IDFC ଫରସ୍ଟ ବ୍ୟାଙ୍କ ଲିମିଟେଡ୍, ଜୟପୁର ଶାଖା, ପ୍ଲଟ ନଂ 1221, ଏମଜି ରୋଡ, ଜୟପୁର, ପିନ-764001, ଜିଲ୍ଲା-କୋରାପୁଟ ସ୍ଥିତ ବ୍ୟାଙ୍କର ସପକ୍ଷରେ ସୃଷ୍ଟି କରିଛନ୍ତି ।ଉକ୍ତ ମୋର୍ଟଗେଜରଙ୍କର ଅରିଜିନାଲ ଦଲିଲ ଯଥା ରେଜିଷ୍ଟ୍ରେଡ ସାଲ ଡୀଡ (R S D) ଡକୁମେଣ୍ଟ ନଂ 1541/1987, ବିନୋଦ କୁମାର ମହାନ୍ତି ନାମରେ 1987 ସାଲରୁ ରେକୋର୍ଡ ହୋଇଛି, ହରାଇ ଯାଇଛି / ନିଖୋଜ ହୋଇଛି ଏବଂ ମିଳୁନାହିଁ । ଯଦି ଉପରୋକ୍ତ ଅରିଜିନାଲ ଦଲିଲ ଏବଂ ROR ଦଲିଲ କେହି ପାଇଥାନ୍ତି, ତେବେ ତାହା ନିମ୍ନ ଠିକାଣାରେ ହସ୍ତାନ୍ତର କରିବା ହେବେ । ଏହା ସହିତ, ଯଦି କେହି ବ୍ୟକ୍ତି, ସଂସ୍ଥା, ସଂଗଠନ ଉକ୍ତ ସମ୍ପତ୍ତି ସମ୍ବନ୍ଧରେ କୌଣସି ଦାବି, ଆପତ୍ତି କିମ୍ବା ସମ୍ପର୍କ ରଖିଥାନ୍ତି ତେବେ ସେମାନେ ଏହି ନୋଟିସ ପ୍ରକାଶନର 14 ଦିନ ମଧ୍ୟରେ ଦସ୍ତାବିଜେକ ପ୍ରମାଣ ସହ ନିମ୍ନ ଠିକାଣାରେ ସୂଚନା ଦିଅନ୍ତୁ, ନ ହେଲେ ସେମାନଙ୍କ ଦାବି ପରିତ୍ୟକ୍ତ ଏବଂ ତ୍ୟାଗ କରାଯାଇଛି ବୋଲି ଗଣାଯିବ । 14 ଦିନ ପରେ ଉଠାଯାଇଥିବା କୋନସି ଆପତ୍ତି ଉକ୍ତ ସମ୍ପତ୍ତି ବା ମୋର କ୍ଲାଇଣ୍ଟ ଉପରେ ବାଧତା ସୃଷ୍ଟି କରିବ ନାହିଁ।

ସମ୍ପତ୍ତିର ବିବରଣୀ:ଖାତା ନଂ 342/341, ପ୍ଲଟ ନଂ 1499/3232,
ମୌଜା-ବୋଇପାରିଗୁଡା, ତହସିଲ-ବୋଇପାରିଗୁଡା, ଜିଲ୍ଲା-କୋରାପୁଟ
ସ୍ଥାନ: ଜୟପୁର ତାରିଖ: 26 ଡିସେମ୍ବର 2025
ପ୍ୟାନେଲ ଆବେଦକ ନାମ ଏବଂ ଠିକଣା: ମେନ ରୋଡ,
ଜୟପୁର, କୋରାପୁଟ-764001
ଶ୍ରୀ ସୁବାଶ ଚନ୍ଦ୍ର ପଣ୍ଡା, ମୋବାଇଲ: 9437234264

**OFFICE OF THE MORADA PANCHAYAT SAMITI: CHITRADA** i-466

At/P.O.- Chitrada, Dist.- Mayurbhanj, Odisha, Pin-757018
E-Mail: ori-morada@gramsaf.nic.in
Advt. No. 01/PSM/2026, Dt: 07/01/2026

**TENDER CALL NOTICE**

Sealed tenders (Percentage rate) are invited from the interested "C & D" Class Contractors registered with the Govt. for execution of Civil work under Panchayat Samiti, Morada, Mayurbhanj. The eligible criteria and the details of the tender documents which can be downloaded from the website **www.mayurbhanj.odisha.gov.in**

Interested bidders fulfilling the eligibility criteria may submit their proposals to the O/o: BDO Morada. Proposal(s) complete in all respect should reach the undersigned on or before **29.01.2026 up to 05.00 PM** through Regd. & Speed Post and the same will be opened on **30.01.2026 at 11.00 A.M.** in the Conference Hall of the Panchayat Samiti, Morada.

The undersigned reserves the right to reject any or all the tender(s) without assigning any reason thereof.

**Sd/- Block Development Officer, Morada**
**Mayurbhanj**
OIPR-

**ସର୍ବସାଧାରଣ ବିଜ୍ଞପ୍ତି**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସଇଆଇଏଏ) ଓଡିଶା, ପତ୍ର ସଂଖ୍ୟା. **535466/35-MINB/05-2025**, ତା. **07.01.2026**ରିଖ ଦ୍ୱାରା ଗ୍ରାମ ଜଲଡିହି ଏବଂ କେନସରା, ତହସିଲ୍-ବଣାଇ ଜିଲ୍ଲା-ସୁନ୍ଦରଗଡ଼ରେ ଅବସ୍ଥିତ ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ୍‌ର ୧୦୦.୪୩୯ ହେକ୍ଟର ଖନନ ଲିଜରେ ଉପସ୍ଥିତ କେଡେଶାଲା ଉତ୍ତର-ପୂର୍ବ ଲୁହା ପଥର ବ୍ଲକରେ ୧.୨୧ ନିୟୁତ ଟିପିଏ ଆରଓଏମ ଲୁହାପଥର (ମୋଟ ୧୯୯୧୧୨୦ ଟିପିଏ ଖନନ: ଆରଓଏମ ଲୁହାପଥର ୧୨୧୦୦୦୦ ଟିପିଏ + ଓବି / ବର୍ଜ୍ୟ ବସ୍ତୁ ୭୮୧୧୨୦ ଟିପିଏ) ଉତ୍ପାଦନ ପାଇଁ ଇଆଇଏ ବିଜ୍ଞପ୍ତି ୨୦୦୬ ଏବଂ ଏହାର ପରବର୍ତ୍ତୀ ସଂଶୋଧନର ପ୍ରାବଧାନ ଅନୁଯାଇ ପୂର୍ବ ପରିବେଶିୟ ମଞ୍ଜୁରୀ ପ୍ରଦାନ କରାଯାଇଛି। ଉକ୍ତ ପରିବେଶିୟ ମଞ୍ଜୁରୀର ଏକ ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଏବଂ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟର ୱେବସାଇଟ୍ http://envfor.nic.in ରେ ଉପଲବ୍ଧ।

**GOVERNMENT OF ODISHA** O-1949

**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH.**
E-mail Id – eerw_deogarh@yahoo.co.in
**E-Procurement Notice**
**BID.IDENTIFICATION NO. SERWDGH-Online- 12/2025-26**

1. **No of Road works** :- (03 Nos)
2. **Estimated cost:-** Approx. Rs.8.47 lakh to Rs.45.34 Lakhs each
3. **Mode of submission of tender:-**Tender shall be submitted online in www.tendersodisha.gov.in
4. **Availability of tender for online bidding:–08.01.2026, 10.00 A.M to 17.01.2026 up to 5.00 P.M**
5. **Date and time of opening of tender: –19.01.2026, 11.00 A.M**
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

**Superintending Engineer**
**R.W. Division, Deogarh**
OIPR-

**BRAINWAVE EDUCATIONAL INSTITUTION**

REG. NO - 41772500172
At-Kasturibahal, P.O.-Raniakata, P.S.- Kishorenagar,
Dist-Angul, Pin-759126

**WALK-IN-INTERVIEW**

Applications are invited from trained and experienced teachers.
- Subjects – Odia, English, Math, Science, Social Science, Hindi, Sanskrit and Computer.
- Good packages for efficient teachers.
- Accommodation for out-station teachers.
- Freshers can also apply.
- Apply before 20.01.2026 by WhatsApp no- 9777961605

**Interview Date: 28.01.2026, Time: 11.00 A.M. to 1.00 P.M.**
**Venue: Brainwave Hostel, Jhampuli**

For more information please contact - **9348489320, 9777961605**

GOVERNMENT OF ODISHA O-1972
OFFICE OF THE SUPERINTENDING ENGINEER
RURAL WORKS DIVISION, SUNABEDA
e-Procurement Notice for Road Works
Identification No. Online Tender / 10 / RWD-SBD/2025-26
Email: eerw_sunabeda@yahoo.co.in

Letter No. 125 Date 07.01.2026

01. Name of the work :: Road works Semiliguda, Nandapur, Pottangi Laxmipur, Bandhugaon, Narayanpatna, Lamtaput block
02. Total Number of works :: 9 nos works
03. Estimated cost :: 7.00 to 45.00 lakhs
04. Class of Contractor :: "B", "C" & "D" Class
05. Period of Completion :: 02 months
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Sunabeda | Online Tender/10/ RWD-SBD /2025-26 | 09.01.2026 at 11:00 a.m | 20.01.2026 upto 05:00 p.m |

Further details can be seen from the website www.tendersorissa.gov.in

Superintending Engineer
Rural Works Division : Sunabeda
OIPR-

## ଭାଲୁ ଆକ୍ରମଣରେ ବନ କର୍ମଚାରୀ ଗୁରୁତର

ବୌଦ୍ଧ/ପଲଶାଗୋରା/କଣ୍ଟାମାଳ,୮ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବନାଞ୍ଚଳ ବଘିଆବାହାଲ ଗ୍ରାମର ହାଟପଦା ପଛରେ ଥିବା ଏକ ବୁଦାମୂଳେ ଗୋଟିଏ ଭାଲୁ ଆକ୍ରମଣରେ ଜଣେ ବନ କର୍ମଚାରୀ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଚାଷୀ ଭାଲୁଟିକୁ ଘରପାଖରେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନରକ୍ଷୀ ଜ୍ୟୋତିରଞ୍ଜନ ବାରିକ ଓ ବନ ବିଭାଗ ଦ୍ୱାରା ନିୟୋଜିତ କର୍ମଚାରୀ କ୍ଷମାନିଧି ଗିଭିଲା ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଉଭୟ ଭାଲୁଟିକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ଏତିକିବେଳେ ହଠାତ ଭାଲୁଟି ବୁଦାମୂଳରୁ ବାହାରି କର୍ମଚାରୀ କ୍ଷମାନିଧିଙ୍କୁ ଆକ୍ରମଣ କରିଥିଲା। ତାଙ୍କୁ ଉଦ୍ଧାର କରି ସୋନପୁର ହସ୍ପିଟାଲ ନିଆଯାଇଥିଲା। ଖବର ପାଇ ଘଟଣା ସ୍ଥଳରେ ରେଞ୍ଜର ଜୟକୃଷ୍ଣ ପଟନାୟକ, ଫରେଷ୍ଟର ବୁଲି ବେହେରା ପହଞ୍ଚି ଥିଲେ। ତେବେ ଏହି ଗାଁ ଓ ଆଖପାଖ ଗ୍ରାମରେ ୫ଟି ଭାଲୁ ରହୁଛନ୍ତି। ସନ୍ଧ୍ୟା ହେଲେ ଲୋକମାନେ ଭାଲୁ ଆତଙ୍କରେ ଘରୁ ବାହାରୁ ନାହାନ୍ତି। ଭାଲୁ ପ୍ରତିଦିନ ରାତିରେ ପଲଶାଗୋରା ମୁଖ୍ୟ ରାସ୍ତାରେ ଯାତାୟାତ କରୁଛି। କିଛି ଦିନ ପୂର୍ବରୁ ଚିତ୍ତ ପ୍ରଧାନ, ସୁଶୀଲ ଦଳବେହେରା ଗୁରୁତର ଆହତ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ଚିକିତ୍ସାଧୀନ ଅଛନ୍ତି। ଆଗକୁ ଏହି ଅଞ୍ଚଳର ପ୍ରସିଦ୍ଧ ମକର ଯାତ୍ରା ପାଇଁ ବହୁ ଲୋକଙ୍କ ଭିଡ଼ ହେବ। ଯେଉଁ ସ୍ଥାନରେ ଭାଲୁ ରହୁଛନ୍ତି ସେ ସ୍ଥାନକୁ ଲୋକମାନେ ସ୍ନାନ, ଶୌଚ ପାଇଁ ଯାଆନ୍ତି। ଅନ୍ୟ ସ୍ଥାନରୁ ଲୋକେ ଯାତ୍ରା ଦେଖି ଆସିଲେ ସେହି ସ୍ଥାନରେ ଭାଲୁଥିବା ଜାଣିବେ ନାହିଁ। ତେଣୁ ଭାଲୁ ଆକ୍ରମଣର ଶିକାର ହେବା ଆଶଙ୍କା ଦେଖା ଦେଇଛି। ବହୁଦିନ ଧରି ଭାଲୁ ଏହି ଅଞ୍ଚଳରେ ରହୁଥିଲେ ମଧ୍ୟ ବନ ବିଭାଗ ପଦକ୍ଷେପ ନେଉନି। ଏଣୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

## ଧାନ ବୋଝେଇ ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ବୌଦ୍ଧ/ଜହ୍ନାପଙ୍କ,୮ ।୧(ସମିସ): ବୌଦ୍ଧ ଥାନା କୃଷ୍ଣପାଲି ଛକ ନିକଟରେ ଗୋଟିଏ ଧାନ ବୋଝେଇ ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ବ୍ୟକ୍ତି ଜଣକ ହେଲେ ନାଗପାଲି ଗ୍ରାମର ଯଶୋବନ୍ତ ଅମାତ। ସେ ରେଢାଖୋଲରେ ପଢୁଥିବା ତାଙ୍କ ଝିଅକୁ ରେଢାଖୋଲ ଛାଡି ନେଉଥିଲେ। ଏହି ସମୟରେ ଜହ୍ନାପଙ୍କ-ଖଲିଆପାଲି ରାସ୍ତାର କୃଷ୍ଣପାଲି ଛକ ନିକଟରେ ଧାନ ବୋଝେଇ କରି ସାମ୍ନାରୁ ଆସୁଥିବା ଏକ ଟ୍ରକ ଧକ୍କା ଦେଇଥିଲା। ଏହାଫଳରେ ବାଇକ୍ ଚାଳକ ଯଶୋବନ୍ତ ଗୁରୁତର ଆହତ ହୋଇଥିଲେ। ପଛରେ ବସିଥିବା ତାଙ୍କ ଝିଅ ସାମାନ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଦ୍ଧାର କରି ଉଭୟଙ୍କୁ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବୌଦ୍ଧ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

● ସରସରା ଡାକଘରୁ ଟଙ୍କା ହଡ଼ପ ଘଟଣା

## ଜମାକାରୀଙ୍କ ରାସ୍ତାରୋକ



ବୌଦ୍ଧ,୮ ।୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ସରସରା ଡାକଘରୁ ଟଙ୍କା ହଡ଼ପ ପ୍ରତିବାଦରେ କ୍ଷତିଗ୍ରସ୍ତ ଜମାକାରୀ ସରସରାରେ ରାସ୍ତାରୋକ କରିଛନ୍ତି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ତହସିଲଦାର ବଳଦେବ ବେହେରା, ବିଡ଼ିଓ ବିଜୟ ପ୍ରଧାନ, ବୌଦ୍ଧ ଥାନା ଆଇଆଇସି ନଳିନୀ କାନ୍ତ ଦାସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରାଇବା ପରେ ରାସ୍ତା ରୋକ ପ୍ରତ୍ୟାହାର ହୋଇଥିଲା। ସେମାନଙ୍କ ଅଭିଯୋଗ ଅନୁଯାୟୀ ସେମାନେ ନିଜର କଷ୍ଟ ଉପାର୍ଜିତ ଟଙ୍କା ସରସରା ଡାକ ଘରେ ଜମା ରଖିଥିଲେ। ପୋଷ୍ଟମାଷ୍ଟର ପ୍ରାୟ ୨ କୋଟିରୁ ଅଧିକ ଟଙ୍କା ହଡ଼ପ କରିଛନ୍ତି। ତେବେ ୩ ଦିନ ମଧ୍ୟରେ ଏହି ଘଟଣାର ସମାଧାନ ଲାଗି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହାର ହୋଇଛି।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା କେବଳ ପ୍ରହସନ

**ଆବେଦନର ୫ ବର୍ଷ ପରେ ମଧ୍ୟ ମିଳୁନି ବିବାହ ସହାୟତା**

**ମିଳୁନି ଶ୍ରମିକ କାର୍ଡ, ବର୍ଷେ ପରେ ମଧ୍ୟ ହେଉନି ନବୀକରଣ**

ଶଗଡା,୮ ।୧(ସମିସ)

ସରକାର ନିର୍ମାଣ ଶ୍ରମିକଙ୍କ ନିମନ୍ତେ ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରି ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଶ୍ରମିକଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚି ପାରୁନି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅଞ୍ଚଳରୁ ଏଭଳି ଅଭିଯୋଗ ଆସିଛି। ଖଟଖଟିଆ ପଞ୍ଚାୟତ ତୁବୁଡା ଗ୍ରାମର କୁମଦିନୀ କମ୍ପ ଓ ମୁରଲୀ ଖେତି ଏବଂ ମନମୁଣ୍ଡା ପଞ୍ଚାୟତ ନୁର୍ପା ଗ୍ରାମର କୃପାସିନ୍ଧୁ ତରିଆ ଝିଅର ବିବାହ ସହାୟତା ପାଇଁ ୨୦୨୦ ମସିହାରେ ଆବଶ୍ୟକ କାଗଜପତ୍ର ସହ ଅନଲାଇନ ମାଧ୍ୟମରେ ଆବେଦନ କରିଥିଲେ। ସେହିପରି ବିଳାସପୁର ପଞ୍ଚାୟତ ଅଧୀନ କଦମପାଲ ଗ୍ରାମର ମଧୁବନ ବେହେରା ଓ ବୌଦ୍ଧ ବ୍ଲକ ତାଳସରଡା ପଞ୍ଚାୟତ ଅଧୀନ ମାନେଶ୍ୱର ଗ୍ରାମର ସଂଯୁକ୍ତା ଲୁହା ଝିଅର ବିବାହ ସହାୟତା ପାଇଁ ୨୦୨୧ ମସିହାରେ ଆବଶ୍ୟକ କାଗଜପତ୍ର ସହ ଅନଲାଇନ ଆବେଦନ କରିଥିଲେ। ଶୁଣ୍ଠିପଦର ଗ୍ରାମର ପ୍ରମିଳା ପ୍ରଧାନ ୨୦୨୩ ମସିହାରେ ଓ ଧନେଶ୍ୱରୀ ପ୍ରଧାନ ୫ ମାସ ପୂର୍ବେ ଝିଅର ବିବାହ ସହାୟତା ପାଇଁ ଅନଲାଇନ ଆବେଦନ କରିଥିଲେ; ହେଲେ ବିଭାଗୀୟ ଅଧିକାରୀଙ୍କ ଚରମ ଅବହେଳା ଯୋଗୁଁ ଏମାନେ ସମସ୍ତ ସରକାରୀ ଯୋଜନାର ସୁଫଳରୁ ବଞ୍ଚିତ ହୋଇଛନ୍ତି। ସେହିଭଳି ଦପଲା ପଞ୍ଚାୟତ ମୃତ୍ୟୁଞ୍ଜୟପୁର ଗ୍ରାମର ରମେଶ କଲତା ଶ୍ରମିକ କାର୍ଡ ନବୀକରଣ ପାଇଁ ୨୦୨୪ ମସିହାରେ ଆବେଦନ କରି ଆବଶ୍ୟକ ଦେୟ ପ୍ରଦାନ କରିଥିଲେ। ବର୍ତ୍ତମାନ ସୁଦ୍ଧା କାର୍ଡ ନବୀକରଣ ହୋଇ ନ ଥିବା ସେ ଅଭିଯୋଗ କରିଛନ୍ତି। ୫ ମାସ ପୂର୍ବେ ଶୁଣ୍ଠିପଦର ପଞ୍ଚାୟତରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଏକ ନିର୍ମାଣ ଶ୍ରମିକ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଶ୍ରମିକଙ୍କୁ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ସରକାରୀ ଯୋଜନା କିଭଳି ଶ୍ରମିକଙ୍କ ନିକଟରେ ପହଞ୍ଚିବ ସେ ବାବଦରେ ଅଧିକାରୀଗଣ ଅବଗତ କରିଥିଲେ। ଶିବିରରେ ଜିଲ୍ଲା ଶ୍ରମ ଅଧିକାରୀ ୧୧ଜଣ ଶ୍ରମିକଙ୍କ ନିକଟରୁ ପଞ୍ଜିକରଣ ପାଇଁ ଆବଶ୍ୟକ ଫର୍ମ ସହ କାଗଜପତ୍ର ଆଣିଥିଲେ। ୧୫ ଦିନ ପରେ କାର୍ଡ ଅନଲାଇନ ମାଧ୍ୟମରେ ମିଳି ପାରିବ ବୋଲି କହିଥିଲେ; ହେଲେ ଇତି ମଧ୍ୟରେ ୫ ମାସରୁ ଅଧିକ ସମୟ ବିତି ଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ଶୁଣ୍ଠିପଦର ଗ୍ରାମର ଦୀପାଞ୍ଜଳି ପ୍ରଧାନ, ଶୋଭା ପ୍ରଧାନ, ବିଶ୍ୱନାଥ ତଣ୍ଡିଆ ଓ ଦୀପାଞ୍ଜଳି ହାତୀ ପ୍ରମୁଖ ଶ୍ରମିକଙ୍କୁ କାର୍ଡ ମିଳି ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଶ୍ରମିକମାନେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ସମସ୍ତ ଡକ୍ୟୁମେଣ୍ଟ ଦେବାର ୫ ମାସରୁ ଅଧିକ ସମୟ ବିତି ଯାଇଥିଲେ ସୁଦ୍ଧା ନ ମିଳିବା ପରିତାପର ବିଷୟ ବୋଲି କହିଛନ୍ତି। ଆବେଦନକାରୀ ଆବଶ୍ୟକ କାଗଜପତ୍ର ସହ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟକୁ ଅନେକ ଥର ଯାଇ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଆର୍ଥିକ ସହାୟତା ମଧ୍ୟ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ଶ୍ରମିକମାନେ ଅନେକ ଥର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏହାର କୌଣସି ସମାଧାନ ହୋଇ ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ତେବେ ଜିଲ୍ଲା ଶ୍ରମ ଅଧିକାରୀ ଅନେକ ସମୟରେ ଜିଲ୍ଲାର ଅନେକ ଉପାନ୍ତ, ଆଭ୍ୟନ୍ତରୀଣ ଅଞ୍ଚଳ ଗସ୍ତ କରି ଶ୍ରମିକଙ୍କ ସମସ୍ତ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି।

ଦଲାଲମାନଙ୍କ ଶିକାର ନ ହେବା ପାଇଁ ପରାମର୍ଶ ଦେଉଛନ୍ତି; ହେଲେ କଣ୍ଟାମାଳ ବ୍ଲକର ବିଭିନ୍ନ ପଞ୍ଚାୟତର ଏଭଳି ଘଟଣାକୁ ଦେଖିଲେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ପ୍ରତିଶ୍ରୁତି କେତେ କାର୍ଯ୍ୟକାରୀ ହେଉଛି ତାହା ସ୍ପଷ୍ଟ। ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସହ ସମସ୍ତ ସରକାରୀ ଯୋଜନା ଯେମିତି ଠିକ ଭାବେ ଲୋକଙ୍କ ନିକଟରେ ପହଞ୍ଚିବ ସେ ନେଇ ତାଗିଦ କରିଥିଲେ; ହେଲେ ଜିଲ୍ଲାରେ ସବୁ କେବଳ ପ୍ରତିଶ୍ରୁତିରେ ଚାଲୁଛି। ଘଟଣା ସମ୍ପର୍କରେ ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ କନ୍ୟା କୁମାରୀ ସାହୁଙ୍କୁ ପଚାରିବାରୁ ସମସ୍ତ ଆବେଦନ ନାମ ଯାଞ୍ଚ କରିବେ ବୋଲି କହିଛନ୍ତି।

## ଜଳର ସଂରକ୍ଷଣ ଓ ସଦୁପଯୋଗ ନ ହେଲେ ଯୁଦ୍ଧ ପରିସ୍ଥିତି



ମନମୁଣ୍ଡା,୮ ।୧(ସମିସ): ଜଳ ବହୁଳେ ଓ ବିହୁନେ ସୃଷ୍ଟି ନାଶ। ଜଳ ହିଁ ଜୀବନ। ଭାରତ ବର୍ଷ ଏକ କୃଷି ପ୍ରଧାନ ଦେଶ। କୃଷି ପାଇଁ ଜଳର ନିହାତି ଆବଶ୍ୟକ। କେବଳ ବର୍ଷା ଜଳକୁ ଚାହିଁ ଚାଷ କଲେ ବର୍ତ୍ତମାନର ଭୌଗୋଳିକ ପାଣିପାଗ ପରିବର୍ତ୍ତନରେ ବିଫଳ ହେବାକୁ ପଡୁଛି। ଜଳ ସଂରକ୍ଷଣ ଓ ଏହାର ସଦୁପଯୋଗ ନେଇ ଜଳ ସମ୍ପଦ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି। ଦେଉଳି (ମନମୁଣ୍ଡା) ସ୍ଥିତ ହୀରାକୁଦ ବନ୍ଧ ଜଳସ୍ତର ମାପକ କାର୍ଯ୍ୟାଳୟରେ ବୌଦ୍ଧ ଜଳସେଚନ ବିଭାଜନ ଏବଂ ବୃହତ ଉଠାଜଳସେଚନ ପ୍ରକଳ୍ପ ବିଭାଜନ ମିଳିତ ଉଦ୍ୟମରେ ବିଭାଜନସ୍ତରୀୟ ଏହି ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଥିଲା। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ପଦ୍ମାଳୟା ପ୍ରଧାନ, ଚାଷୀ ନବୀନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମନମୁଣ୍ଡା ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଜିତେନ୍ଦ୍ରୀୟ ହୋତା ସଂଯୋଜନା କରିଥିବାବେଳେ ନିର୍ବାହୀ ଯନ୍ତ୍ରୀ ନରେଶ ବାରିକ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଅବସରରେ ବିଭାଗ ତରଫରୁ କରାଯାଇଥିବା କୁଇଜ୍, ବକ୍ତୃତା, ଚିତ୍ରାଙ୍କନ ଇତ୍ୟାଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କ ପୁରସ୍କୃତ କରାଯାଇଥିଲା। ବ୍ଲକସ୍ତରରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଛି। ଶେଷରେ ଏ ଇଇ ବିଷ୍ଣୁପ୍ରିୟା ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କ ବିୟୋଗରେ ଶୋକସଭା



ବିନିକା,୮ ।୧(ସମିସ): ଏକ ପ୍ରମୁଖ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କ ସଡ଼କ ଦୁର୍ଘଟଣାରେ ପରଲୋକ ଘଟଣା ସାମ୍ବାଦିକ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ଆଜି ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ବିନିକା ଅଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକଙ୍କ ତରଫରୁ ସ୍ଥାନୀୟ ଦୁର୍ଗା ମଣ୍ଡପ ସଭାଗୃହ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ଦଧିବାମନ ନାୟକଙ୍କ ସଂଯୋଜନାରେ ଏହି ଶୋକ ସଭାରେ ବିନିକା ଏନ୍‌ଏସି ଅଧକ୍ଷ ସୁବାସ ଚନ୍ଦ୍ର ଭୋଇ, କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇଙ୍କ ସମେତ ସାମ୍ବାଦିକମାନେ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକସଭା



ବୀରମହାରାଜପୁର,୮ ।୧(ସମିସ): ବରିଷ୍ଠ ନାଗରିକ ସଂଗଠନ, ବୀରମହାରାଜପୁରର ବୟୋଜ୍ୟେଷ୍ଠ ସଦସ୍ୟ ପଦ୍ମନାଭ ପଧାନଙ୍କ ତିରୋଧାନରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ ଏ ସଂକ୍ରାନ୍ତରେ ଏକ ଶୋକ ପ୍ରସ୍ତାବ ଆଣିଥିଲେ। ସ୍ୱର୍ଗତ ପଧାନଙ୍କ ଅମରଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକସଭାରେ ଅନୁଷ୍ଠାନର ସଦସ୍ୟ ଦ୍ୱିତୀକୃଷ୍ଣ ପଣ୍ଡା, ଦୟାନିଧି ହୋତା, ଶିବ ଖମାରୀ, ନାରାୟଣ ନାୟକ, ସନ୍ତୋଷ ଷଡ଼ଙ୍ଗୀ, ସୌମିତ୍ରୀ ମେହେର, ,ଶ୍ୟାମ ସେଠୀ,ଅକୃର ଦନ୍ତା, ଚମରା ମହାକୁର, ଦିଲୀପ ତ୍ରିପାଠୀ, ବଳରାମ କାଣ୍ଡ , ହୌମିସ୍ତ୍ରୀ ମେହେର, ରାଧେଶ୍ୟାମ ପୁରୋହିତ, ରାଧେଶ୍ୟାମ ରାଏ, ବାସୁ ରଥ, ଭୂଷଣ ପାତ୍ର , ସୁରୁ ସାହୁ, କୃଷ୍ଣଚନ୍ଦ୍ର ପାଢୀ, ନିମାଇଁ ପଣ୍ଡା , ଜ୍ଞାନେନ୍ଦ୍ର ତ୍ରିପାଠୀ, ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ତରଭା ବାଳିକା ହାଇସ୍କୁଲରେ ପରୀକ୍ଷା ପାଇଁ କର୍ମଶାଳା




ତରଭା,୮ ।୧(ସମିସ): ତରଭା ସରକାରୀ ବାଳିକା ହାଇସ୍କୁଲରେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷା ଓ ମୂଲ୍ୟାଙ୍କନକୁ ନେଇ ଏକ କର୍ମଶାଳା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ତରଭା ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଯୋଗ ଦେଇଥିଲେ। କର୍ମଶାଳାକୁ ସୋନପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ମେହେର ଉଦ୍‌ଘାଟନ କରିଥିଲେ। ଶ୍ରୀ ମେହେର ପ୍ରଧାନ ଶିକ୍ଷକମାନଙ୍କୁ ନିଷ୍ଠାପର ଭାବରେ ପରୀକ୍ଷା କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେବାସହ ପରୀକ୍ଷା ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟ ନାରାୟଣ ମହାପାତ୍ର ଉଦ୍ଦେଶ୍ୟଜ୍ଞାପନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ବରେଇ ମଞ୍ଚାସିନ ଥିଲେ। ପ୍ରଥମ ଅଧିବେଶନରେ ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲ ପ୍ରଧାନଶିକ୍ଷକ ଓ ଦ୍ୱିତୀୟ ଆଧିବେଶନରେ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ସିଆରସିସି ଧନେଶ୍ୱର ଅମାତ, ଶଙ୍କର ମହଲା, ଜୟନ୍ତ ମେହେର, ସଞ୍ଜୀବ ସେଠୀ କର୍ମଶାଳାକୁ ପରିଚାଳନା କରିଥିଲେ। ଏହି କର୍ମଶାଳା ସୁଚାରୁରୂପେ ସମ୍ପାଦନ ପାଇଁ ସମସ୍ତ ସିଆରସିସି, ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।

## ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

ବୌଦ୍ଧ, ୮ ।୧( ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ସେକ୍ସନ ଅଧୀନ ଘଣ୍ଟାପଡ଼ା ଫିଡର୍‌ର ମସିଣାଗୋରା ଗ୍ରାମ ନିକଟରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ମୁକୁଳା ହୋଇ ପଡ଼ିଛି। ଫ୍ୟୁଜ ବାକ୍ସ ମଧ୍ୟ ନିମ୍ନ ଉଚ୍ଚତାରେ ଥିବା ବେଳେ ଖୋଲା ମେଲାରେ ପଡ଼ି ରହିଛି। ଏହା ପାଖକୁ ଲାଗି ବିଦ୍ୟାଳୟ ରହିଥିବାରୁ ଛାତ୍ରଛାତ୍ରୀ ବିପଦଜନକ ଅବସ୍ଥାରେ ଯିବା ଆସିବା କରୁଛନ୍ତି। ଏହା ଚାରିପାଖେ ସୁରକ୍ଷା ବାଡ଼ ଦେବାକୁ ଗ୍ରାମବାସୀ ଦାବି କରି ଆସୁଛନ୍ତି। ବିଭାଗୀୟ ଅଧିକାରୀ ଏହା ଜାଣିଥିଲେ ହେଁ ସମାଧାନ କରାଯାଉନି। ଏଣୁ ଅସନ୍ତୋଷ ପ୍ରକାଶ ପାଉଛି। ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ତାର ବାଡ଼ ଦିଆଯାଇ ନ ଥିବାରୁ ଭିତରକୁ ଅବାଧରେ ଗୋରୁଗାଈ ପ୍ରବେଶ କରୁଛନ୍ତି।

## ୧୪୦ ଫୁଟ ଟାୱାର ଚଢ଼ିଗଲା ପ୍ରେମ ପାଗଳ

ତରଭା,୮ ।୧(ସମିସ)



ତରଭା ସହରରେ ଗୁରୁବାର ଅପରାହ୍ନରେ ଏକ ରୋଚକ ଘଟଣା ଘଟିଛି। ଜଣେ ଯୁବକ ଗୋଟିଏ ମୋବାଇଲ୍ ଟାୱାରକୁ ଚଢ଼ି ଯାଇଥିବା ଦେଖିବାକୁ ମିଳିଥିଲା। ଯେତେ ଡାକିଲେ ମଧ୍ୟ ତଳକୁ ଆସୁନଥିଲେ।

ଏହି ଖବର ପ୍ରଚାରିତ ହେବାମାତ୍ରେ ଲୋକ ତରଭା ମାରୱାଡି ଧର୍ମଶାଳା ପଛପଟେ ଥିବା ମୋବାଇଲ ଟାୱାର ନିକଟକୁ ଦୌଡ଼ିଥିଲେ। ୪ଟାରେ ଅଗ୍ନିଶମ କର୍ମଚାରୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଯୁବକଜଣକ ତରଭା ସୁନାରୀପଡାର ସୁମିତ ସାହୁ (୨୬)। ସୁମିତ ମୋବାଇଲ ଧରି ଟାୱାରକୁ ଚଢ଼ି ଯାଇଥିଲେ। ପ୍ରେମିକାକୁ ଡାକିଲେ ଓହ୍ଲାଇବେ ବୋଲି ଜିଦ୍ କରିଥିଲେ। ଶେଷରେ ପୁଲିସ ତାଙ୍କ ପ୍ରେମିକା ସହିତ କଥା କରାଇବାପରେ ସେ ତଳକୁ ଓହ୍ଲାଇବାକୁ ରାଜି ହୋଇଥିଲେ। ଫାୟାର ଅଫିସର ଅନୀଲ ମିଶ୍ରଙ୍କ ତତ୍ୱାବଧାନରେ ମୁଖ୍ୟ ଆଗ୍ନିକ ସାହେବ ଭୋଇ, ଆଗ୍ନିକ ସୁଶାନ୍ତ ବାରିକ ୧୪୦ ଫୁଟ

● ପ୍ରେମିକା ସହ କଥା ହେବା ପରେ ଓହ୍ଲାଇଲା
● ପୁଲିସ, ଅଗ୍ନିଶମ ବାହିନୀ ନାକେଦମ

ଟାୱାର ଉପରକୁ ଚଢ଼ି ସୁମିତକୁ ଉଦ୍ଧାର କରି ତଳକୁ ଆଣିଥିଲେ। ଏହାପରେ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ଉଦ୍ଧାର କାର୍ଯ୍ୟରେ ଆଗ୍ନିକ ଡ୍ରାଇଭର ହାବିଲଦାର ରତ୍ନାକର ପରିଡା, ଆଗ୍ନିକ ସଚିଦା ସାଇ, ଖଗେଶ୍ୱର ଦୀପ, ମନବୋଧ ସେଠ, ଲକ୍ଷ୍ମୀକାନ୍ତ ବାଗ, ପୁଲିସ ଏସ୍‌ଆଇ ରବୀନ୍ଦ୍ର ସାହୁ, ଏଏସ୍‌ଆଇ ସୁଧୀର ଜେନା, କନଷ୍ଟେବଳ କୈଳାସ ଭୋଇ, ସାନନ୍ଦ ମଲ୍ଲିକ ସାମିଲ ଥିଲେ।

## ଲଛିପୁର ଥାନାର ନୂତନ ଆଇଆଇସି

ଲଛିପୁର,୮ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଲଛିପୁର ଥାନାର ଆଇଆଇସି ଭାବେ ଯଯାତି କେଶରୀ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ମଙ୍ଗଳବାର ଶ୍ରୀ ସାହୁ ପହଞ୍ଚିବାପରେ



ପୁଲିସ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। "ସକାଳ"କୁ ଏକ ସାକ୍ଷାତକାରରେ ଲଛିପୁର ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଚୋରି ଡକାୟତି ଉପରେ ଲଗାମ ଲଗାଇବା ମୋର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ଶ୍ରୀ ସାହୁ କହିଥିଲେ। ଏହା ପୂର୍ବରୁ ସେ ତରଭା ଓ ସମ୍ବଲପୁର ଅଇଁଠାପାଲି ଥାନାରେ ସବ୍‌ଇନ୍ସପେକ୍ଟର ଭାବେ ଦକ୍ଷତାର ସହ କର୍ତ୍ତବ୍ୟ ସମ୍ପାଦନ କରି ପ୍ରଶଂସିତ ହୋଇଥିଲେ। ଏହା ପୂର୍ବରୁ ଅବସ୍ଥାପିତ ଆଇଆଇସି ଭୋଜରାଜ ସା ଙ୍କ ବଲାଙ୍ଗିରକୁ ବଦଳି ହୋଇଥିବା ଜଣାଯାଇଛି।

## ମା’ ମାହେଶ୍ୱରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



ବୀରମହାରାଜପୁର,୮ ।୧(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଅଧୀନ ବିକଳପୁର ଖେଳ ପଡ଼ିଆରେ ୧୮ ତମ ମା’ମାହେଶ୍ୱରୀ କ୍ରିକେଟ ‘ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ପୁଲ ଏ’ର ପ୍ରଥମ ସେମି ଫାଇନାଲ ମ୍ୟାଚ ଏଫଏଫସିସି ବଲାଙ୍ଗିର ଏବଂ ଜେସିସି ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ପ୍ରଥମ ଫର୍ମାଟରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯/୧୨୬ ରନ ସଂଗ୍ରହ କରିଥିବା ବେଳେ, ଜବାବରେ ବଲାଙ୍ଗିର ୮/୧୨୧ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସେହିପରି ୫ ଓଭର ବିଶିଷ୍ଟ ଦ୍ୱତୀୟ ଫର୍ମାଟରେ ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ୫)୬୯ ରନ୍ ସଂଗ୍ରହ କରିଥିବାବେଳେ ଜବାବରେ ବଲାଙ୍ଗିର ୧/୫୪ ରନ ସଂଗ୍ରହକରି ପରାଜିତ ହୋଇଥିଲା। ଦୁଇଟି ଫର୍ମାଟରେ ସମ୍ବଲପୁର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅମ୍ପାୟାର ପ୍ରଶାନ୍ତ ମିଶ୍ର ଏବଂ ସୁରେଶ ବିଶି ମେଚକୁ ପରିଚାଳନା କରିଥିବାବେଳେ, ପରକ୍ଷିତ କର୍ଣ୍ଣ ଅନଲାଇନ ସ୍କୋରିଙ୍ଗ ଏବଂ ଚନ୍ଦ୍ରଶେଖର ପଧାନ ଅଫଲାଇନ ସ୍କୋରିଙ୍ଗ ଦାୟିତ୍ୱ ନିର୍ଭର କରିଥିଲେ। ଟୁଟୁ ରାଓ ଏବଂ ଦେବେନ୍ଦ୍ରଭୋଇ ଧାରା ବିବରଣୀ ପ୍ରଦାନ କରିଥିବାବେଳେ ସଭାପତି ରାମପ୍ରସାଦ କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା କୃଷକ ସଂଗଠନର ଉପ ସଭାପତି ଧରଣୀଧର ପାଢ଼ୀ ଯୋଗଦେଇଥିଲେ।

## ସୁବଳୟା ବ୍ରିଗେଡ୍ ସ୍କୁଲ୍‌ର ଅଷ୍ଟମ ବାର୍ଷିକ କ୍ରୀଡ଼ା

ବୀରମହାରାଜପୁର,୮ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଷ୍ଟେଟ ବ୍ରିଗେଡ୍ ସ୍କୁଲ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଅଷ୍ଟମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରମରେ



ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସ୍କୁଲ ଟ୍ରଷ୍ଟ ବୋର୍ଡର ଅଧକ୍ଷ ଅଶୋକ କୁମର ଦାସ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ, ସୁବଳୟା ସିଆରସିସି ମୋନାଲିସା ନନ୍ଦ, ପିତାମହୁଲ ସିଆରସିସି କୌସ୍ତୁଭମଣି ଦାସ ଏବଂ ବରିଷ୍ଠ ସାମ୍ବାଦିକ ରାଜେଶ କୁମାର ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ସ୍କୁଲର ଅଧକ୍ଷା ମିନତିବାଳା ଆଚାର୍ଯ୍ୟାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉତ୍ସବରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ରେମ୍ପ ସୋ’ର ଆୟୋଜନ ହୋଇଥିବା ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ପୂର୍ବକ, କ୍ରୀଡା ଧ୍ୱଜକୁ ଅବତରଣ କରିଥିଲେ। ବରିଷ୍ଠ ବର୍ଗରେ ଆୟୁଷ୍ମାନ ଥାନାପତି ଏବଂ କନିଷ୍ଠ ବର୍ଗରେ ବିଶ୍ୱଜିତ ବାଘ ଚାମ୍ପିଅନ ହୋଇଛନ୍ତି।

# ସାଇକଲ୍ ଆରୋହୀଙ୍କୁ ଧକ୍କା ଦେଲା ସ୍କୁଲ ବସ୍

**ନୂଆପଡ଼ା, ୮ ।୧(ସମିସ):** ସ୍ଥାନୀୟ ଚନାମୁଣ୍ଡାରୁ ଖଇରାନୀ ଗାଁରାସ୍ତାରେ ମହାମାୟା ସ୍କୁଲର ଏକ ବସ୍ ଭାରସାମ୍ୟ ହରାଇ ଜଣେ ସାଇକଲ ଆରୋହୀ ବୃଦ୍ଧାଙ୍କୁ ଧକ୍କା ଦେଇ ଡ୍ରାଇଭର ଭୟରେ ବସକୁ ଛାଡି କୁଆଡେ ଫେରାର ମାରିଥିଲେ। ବୃଦ୍ଧାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସ୍କୁଲ ବସ୍ ଭିତରେ ଛାତ୍ରଛାତ୍ରୀ ଥିଲେ ହେଲେ ଡ୍ରାଇଭର ଜଣକ ଭୟରେ ପଳାୟନ କରିଥିବାରୁ ଅଭିଭାବକ ମାନେ ଖବର ପାଇ ନିଜ ନିଜର ପିଲାଙ୍କୁ ଆସି ନେଇଯାଇଥିଲେ।



## ଗଛରେ ପିଟି ହେଲା କୋଇଲା ବୋଝେଇ ଟ୍ରକ୍, ଚାଳକ ମୃତ

# ୫ ଘଣ୍ଟା ପରେ ଉଦ୍ଧାର ହେଲା ଶବ

**ଲାଞ୍ଜିଗଡ଼, ୮ ।୧(ସମିସ)**

ଭବାନୀପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ ବୋରଗୁଡା ଛକ ନିକଟରେ ଭାରସାମ୍ୟ ହରାଇ ଓଡି୦୫ଏସି-୭୧୬୧ନଂ କୋଇଲା ବୋଝେଇ ଟ୍ରକ୍ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଚାଳକ ଜଣକ ଟ୍ରକ୍‌ରେ ଚାପି ହୋଇ ମୃତ୍ୟୁ ଘଟିଛି। ଗୁରୁବାର ସକାଳ ପ୍ରାୟ ୯ଟା ସମୟରେ ତାଳଚେରରୁ କୋଇଲା ବୋଝେଇ କରି ଟିକିରିକୁ ଯାଉଥିବା ବେଳେ ବୋରଗୁଡା ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ଟ୍ରକ ଚଳାଉଥିବା ଜଗନ୍ନାଥ ମିଶ୍ର (୩୫) ଟ୍ରକ୍ ଭିତରେ ଚାପି ହୋଇ ପ୍ରାଣ ହରାଇଥିଲେ। ଖବର ପାଇ ବିଶ୍ୱନାଥପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିବା ବେଳେ ଅଗ୍ନିଶମ ବିଭାଗର ସହାୟତାରେ ଦୀର୍ଘ ପାଞ୍ଚଘଣ୍ଟା ପରେ ଶବ ଉଦ୍ଧାର କରାଯାଇଥିଲା। ମୃତ ଜଗନ୍ନାଥ ହିଁ ଟ୍ରକର ମାଲିକ ଓ ତାଙ୍କ ଘର କଟକ ଜିଲ୍ଲା ନରସିଂହପୁର ବୋଲି ଜଣାପଡ଼ିଛି। ପରିବାର ଲୋକେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ ଓ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।



# ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

**କେସିଙ୍ଗା, ୮ ।୧ (ସମିସ):** କେସିଙ୍ଗା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ପ୍ରତିଭା'ପାଳିତ ହୋଇଯାଇଛି ।ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି ଯୋଗଦେଇ ପିଏମ୍‌ଶ୍ରୀ ବିଦ୍ୟାଳୟ ସ୍ଥାପନର ମହତ୍ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ପୂର୍ବତନ ନଗରପାଳ ଡାକ୍ତର ହେମସାଗର ସାହା ବିଦ୍ୟାଳୟର ପ୍ରାରମ୍ଭିକ ଅବସ୍ଥାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ମୃତିଚାରଣ କରି ବିଦ୍ୟାଳୟର ଗାରିମା ବଖାଣି ଥିଲେ। ମୁଖ୍ୟବକ୍ତା ଭାବରେ ବିଜ୍ଞାନର ବିଭିନ୍ନ ଦିଗ ବିଷୟରେ ରୋଚକ ଢଙ୍ଗରେ ଉପସ୍ଥାପନ କରିଥିଲେ ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟ, ନର୍ଲାର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସନ୍ତୋଷ କର। ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ, କେସିଙ୍ଗା ଆନନ୍ଦ କୁମାର ବେହେରା, ପ୍ରଧାନଶିକ୍ଷକ, ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ, କୁଣ୍ଡାବନ୍ଧ ସନ୍ତୋଷ କୁମାର ରଥ, ପୁରାତନ ଛାତ୍ର ଓ ଅଧକ୍ଷ ପ୍ରାରମ୍ଭ ଇଂରାଜୀ ମାଧମ ବିଦ୍ୟାଳୟର ସଞ୍ଜୀବ ଜୈନ ଉଦ୍‌ବୋଧନ ଦେଇଥିଲେ। ଦୁଇଦିନ ଧରି ଆୟୋଜିତ ବିଦ୍ୟାଳୟର ବାର୍ଷିକ କ୍ରୀଡା ମହୋତ୍ସବକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ଥାନୀୟ ବୁଢ଼ାରଜା ମନ୍ଦିରରୁ ପୂଜାର୍ଚ୍ଚନା କରି ବିଦ୍ୟାଳୟର ଏନ୍ ସି ସି ବାହିନୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ମଶାଲ ଯାତ୍ରାର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ବିଭାଗରେ ପାରଦର୍ଶିତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ବିଦ୍ୟାଳୟର ଶିକ୍ଷକ ଅନନ୍ତ ବାଗ ଓ ଶିକ୍ଷୟିତ୍ରୀ ରଶ୍ମିତା ପାଣିଗ୍ରାହୀ। ଶେଷରେ ବରିଷ୍ଠ ଶିକ୍ଷକ ହେମନ୍ତ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।




# ନ୍ୟାସନାଲ ମହାବିଦ୍ୟାଳୟର ଶୀତକାଳୀନ ଶିବିର ଉଦ୍‌ଘାଟିତ

**ନୂଆପଡ଼ା, ୮ ।୧(ସମିସ):** ନ୍ୟାସନାଲ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା କୋ- ୟୁନିଟ ତରଫରୁ ଶୀତକାଳୀନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ହିତେଶ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଡ.ଚିତ୍ତରଞ୍ଜନ ଝୁଣ୍ଟିଆ ଜାତୀୟ ସେବା ଯୋଜନା ସଂଯୋଜକ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା ମୁଖ୍ୟ ଅତିଥି, ପ୍ରାଧ୍ୟାପକ ବିଧାନ ମିଶ୍ର, ଅଧ୍ୟାପକ ବୈଦ୍ୟନାଥ ଗଡ଼ତିଆ, ପ୍ରକାଶ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଅତିଥିମାନେ ଜାତୀୟ ସେବା ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ସେବା ବିଷୟରେ ଆଲୋଚନା କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ହେମାଲ ସା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଜଗନ୍ନାଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସାପ୍ତାହିକ ଶୀତ କାଳୀନ ଶିବିର ପାଇଁ ସିଲଦା ଗ୍ରାମକୁ ପୋଷ୍ୟ ଗ୍ରାମ ଭାବରେ ନିଆଯାଇଛି। ଶିବିରରେ ସଡ଼କ ସୁରକ୍ଷା, ପ୍ରାଥମିକ ଚିକିତ୍ସା, ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ, ସ୍ୱଚ୍ଛତା ଅଭିଯାନ ଓ ଦାଦନ ଶ୍ରମିକ ଉପରେ ସଚେତନତା କାର୍ଯ୍ୟକ୍ରମ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।



# ୯୩ ବର୍ଷୀୟ ବୃଦ୍ଧଙ୍କୁ ମିଳୁଛି ୧୦୦୦ ଟଙ୍କା ଭତ୍ତା

**କୋମନା, ୮ ।୧(ସମିସ):** ବାର୍ଦ୍ଧକ୍ୟ ଅବସ୍ଥାରେ ସାହାରା ସାଜିବା ପରିବର୍ତ୍ତେ ସରକାରୀ ସହାୟତା ଏବେ ଚିନ୍ତାର କାରଣ ପାଲଟିଛି । ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଖଇରଭାଡି ଗ୍ରାମର ୯୩ ବର୍ଷୀୟ ବୃଦ୍ଧ ଲଖମଣ ମାଝୀଙ୍କ କ୍ଷେତ୍ରରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଲଖମଣ ମାଝୀ ଦୀର୍ଘ ଦିନ ହେବ ସରକାରଙ୍କ ପକ୍ଷରୁ ମାସିକ ୩୫୦୦ ଟଙ୍କା ଭତ୍ତା ପାଉଥିଲେ । ଏହି ଅର୍ଥରେ ସେ ନିଜର ଔଷଧ ଏବଂ ଦୈନନ୍ଦିନ ଖର୍ଚ୍ଚ ତୁଲାଉଥିଲେ । ମାତ୍ର ଅଭିଯୋଗ ଅନୁଯାୟୀ, ଗତ କିଛି ମାସ ହେବ ତାଙ୍କର ଭତ୍ତା କମିଯାଇଛି । ୩୫୦୦ ଟଙ୍କା ପରିବର୍ତ୍ତେ ତାଙ୍କୁ ଏବେ ମାତ୍ର ୧୦୦୦ ଟଙ୍କା ପ୍ରଦାନ କରାଯାଉଛି । ୯୩ ବର୍ଷ ବୟସରେ ଶାରୀରିକ ଅକ୍ଷମତା ଯୋଗୁଁ ସେ ଅନ୍ୟ ଉପରେ ନିର୍ଭରଶୀଳ । ଭତ୍ତା ଟଙ୍କା କମିଯିବା ଫଳରେ ତାଙ୍କର ଚିକିତ୍ସା ଓ ଖାଦ୍ୟପେୟରେ ବାଧା ସୃଷ୍ଟି ହୋଇଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀଙ୍କ କହିବା କଥା ଯେ, ଜଣେ ଅତି ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଏଭଳି ବୈଷୟିକ ତ୍ରୁଟି କିମ୍ବା ନିୟମ ପରିବର୍ତ୍ତନ ତାଙ୍କ ପାଇଁ ଅଭିଶାପ ସଦୃଶ । ପ୍ରଶାସନ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ଲଖମଣ ମାଝୀଙ୍କୁ ତାଙ୍କର ପ୍ରାପ୍ୟ ପୂର୍ଣ୍ଣ ଭତ୍ତା ପ୍ରଦାନ କରିବାକୁ ଦାବି ହେଉଛି ।



# ମାର୍ଚ୍ଚ ୨୭ରେ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ

**କୋକସରା, ୮ ।୧ (ସମିସ):** ଆସନ୍ତା ମାର୍ଚ୍ଚ ୨୭ରେ ଚାରବାହାଲସ୍ଥିତ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ହେବ। ମାର୍ଚ୍ଚ ୨୯ ରେ ଉଦଯାପିତ ହେବ। ଏନେଇ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍ସବ ପାଳନ କମିଟି ଗଠିତ ହୋଇଛି। କମିଟିର ଆବାହକ ଭାବେ ରବି ନାରାୟଣ ଚଲାନ, ସଭାପତି ଭାବେ ଆଦିତ୍ୟ କୁମାର ପଣ୍ଡା, ଉପ ସଭାପତି ଭାବେ ଜ୍ଞାନ ରଞ୍ଜନ ପଣ୍ଡା ଓ ସୁରେନ୍ଦ୍ର କର, ସମ୍ପାଦକ ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗଦୀଶ ପ୍ରସାଦ ସାହୁ, ସହ ସମ୍ପାଦକ ଭାବେ ପ୍ରସାଦ ଧଙ୍ଗଡ଼ାମାଝୀ ଓ ରଜନୀକାନ୍ତ ସମର୍ଲିଆ, କୋଷାଧକ୍ଷ ଭାବେ ଶିକ୍ଷକ ଭଜମନ ସାଗର ଓ ବୈଦ୍ୟନାଥ ନାଏକ ମୁଖ୍ୟ ପରାମର୍ଶ ଦାତା ଭାବେ ପ୍ରାଣ କିଶୋର ପଣ୍ଡା ଓ ରାମ ନାରାୟଣ ପଣ୍ଡା ଏବଂ ମୀନକେତନ ଦଳପତି ପ୍ରମୁଖ ରହିଛନ୍ତି। ଚାରବାହାଲ ସିଆରସିସି ଉମେଶ ନାଏକ ବୈଠକକୁ ପରିଚାଳନା କରିଥିଲେ। ୧୯୭୦ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟର ସମସ୍ତ ପୂରାତନ ଛାତ୍ର ଛାତ୍ରୀ ଉତ୍ସବ ପାଳନକୁ ସହଯୋଗ ପାଇଁ କମିଟି ତରଫରୁ ନିବେଦନ କରାଯାଇଛି। ବିଦ୍ୟାଳୟର ଶିକ୍ଷକ ନବ କିଶୋର ବଣିଆ, ମଛରା ରମେଶ, ଧର୍ମେନ୍ଦ୍ର ଶବର, ଶିକ୍ଷୟିତ୍ରୀ ରଶ୍ମି ରେଖା ଛତ୍ରପାଲ ଓ ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ଚହକାସ୍କୁଲର ପିଏମଶ୍ରୀ ଉତ୍ସବ

**ଧର୍ମଗଡ଼, ୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚହକା ପିଏମଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରେଶ କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପାଇକମାଲ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣି ଶୁଭଲକ୍ଷ୍ମୀ ନାୟକ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନବକିଶୋର ସାହୁ, ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ସଭ୍ୟ ଜୟସେନ ସାହୁ, ପ୍ରଶାନ୍ତ କୁମାର ନନ୍ଦ, ବୀରେନ୍ଦ୍ର ଆଚାର୍ଯ୍ୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ ଖମାରି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିନା ଦାସ ସମେତ ଅନ୍ୟାନ୍ୟ ଅତିଥି ମଞ୍ଚାସିନ ହୋଇଥିଲେ। କାର୍ଯ୍ୟକ୍ରମ କୁ ସହ ଶିକ୍ଷକ ମଳୟ କୁମାର ଦୁର୍ଗା ଓ ଉଛଳା ସିଆରସିସି ସ୍ୱରାଜ ବାଗ ପରିଚାଳନା କରିଥିବା ବେଳେ ଯେମନ୍ତ କୁମାର ସରାପ ଧନ୍ୟବାଦ ଅର୍ପଣ କରିଥିଲେ।



# କର୍ଲାପଡ଼ା ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ



**ଭବାନୀପାଟଣା/କର୍ଲାପଡ଼ା, ୮ ।୧ (ସମିସ):** କର୍ଲାପଡ଼ା ଫୁଟବଲ କ୍ଲବ୍ ଆନୁକୂଲ୍ୟରେ ପ୍ରଥମ ମରୁଆ କୁମାର ଓ ରଶ୍ମିତା ନାଏକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସରେ ସିହିନୀ ଏବଂ ବାଲିଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଏହି ମ୍ୟାଚରେ ବାଲିଗୁଡା ଦଳ ୩-୨ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ବିଶେଶ୍ୱର ପ୍ରଧାନ, ଚଞ୍ଚଳ ମାଝୀ, ରଶ୍ମିରଞ୍ଜନ ପ୍ରଧାନ ଏବଂ ନିର୍ମଳ ପ୍ରଧାନ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦ, ସମ୍ମାନିତ ଅତିଥି କର୍ଲାପଡ଼ା ମଣ୍ଡଳ ସଭାପତି ବିଜେପି ନୀଳମଣି ବାଗ, ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ନୀଳାମ୍ବର ସାହୁ, କର୍ଲାଗୁଡା ସରପଞ୍ଚ ଆଦିତ୍ୟ ନାଏକ, ଭୁବନେ ନାଏକଙ୍କ ସମେତ ସଭାପତି ଧ୍ରୁବଚରଣ ପ୍ରଧାନ, ସମ୍ପାଦକ କିଶୋର ଯୁଆଡ, ସଭ୍ୟ ଅଶ୍ୱିନ କୁମାର ପ୍ରଧାନ, ସ୍ୱରୂପ ପ୍ରଧାନ, ବୁଲୁ ଯୁଆଡ, ଅଶ୍ୱିନ ଭାଟି, ଗଜେନ୍ଦ୍ର କୁମାର, ମହେନ୍ଦ୍ର କୁମାର, ଅବକାଶ ଚନ୍ଦନ, ଗୋଲକ ବାରିକ, କାର୍ତ୍ତିକ ଚନ୍ଦନ, ରୋହନ ଯୁଆଡ, ରୋହନ ବାରିକ, ପ୍ରତୀକ ପ୍ରଧାନ, ଟୁନୁ ମାଝୀ, ସିପୁନ ପ୍ରଧାନ ପ୍ରମୁଖଙ୍କ ସହ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ରାଜୀବ ଲୋଚନ ଯୁଆଡ ଏବଂ ମିଳନ କୁମାର ଧାରା ବିବରଣୀ ପ୍ରଦାନ କରିଥିଲେ ।

# କୁଲିଆମାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୮ ।୧ (ସମିସ):** ସଦର ବ୍ଲକ କୁଲିଆମାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ କଅଁରଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ କୁଲିଆମାଲ୍ ସରପଞ୍ଚ ଯାମିନି ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୀର୍ତ୍ତିଚନ୍ଦ୍ର ଗୌଡ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ଉତ୍ସବକୁ ବରିଷ୍ଠ ଶିକ୍ଷକ ଅନିଲ କୁମାର ନାୟକ ସଭାକାର୍ଯ୍ୟପରିଚାଳନା କରିଥିଲେ । ଗତ ୭ ତାରିଖ ଦ୍ୱିତୀୟ ଦିନ ଉଦ୍‌ଯାପନୀ ଉତ୍ସବ ଏବଂ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପଞ୍ଚାୟତ ସମିତି ଉପାଧକ୍ଷ ଶ୍ରୀମତୀ ପୁଷ୍ପାଞ୍ଜଳି ସାହୁ, ବିଶିଷ୍ଟ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ଆଚାରି ଶବର, ମୁଖ୍ୟବକ୍ତା, ସମ୍ମାନିୟ ଅତିଥି ଭାବେ କୁଲିଆମାଲ ସରପଞ୍ଚ ଶ୍ରୀମତୀ ଯାମିନି ସାହୁ, ସିଆର୍‌ସିସି ବୈକୁଣ୍ଠ ବିମଲ, ଏସ୍‌ଏମ୍‌ସି ସଭାପତି କୀର୍ତ୍ତିଚନ୍ଦ୍ର ଗୌଡ଼, ସାମ୍ବାଦିକ ଦେବେନ୍ଦ୍ର ବିଶି ଏବଂଖଇରମାଲ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଲେକ୍ସ ଜେଣ୍ଡର ଫିଲପ୍ସ ଯୋଗଦେଇ ପ୍ରେରଣାଧର୍ମୀ ଭାଷଣ ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ତତ୍ ସହିତ ସ୍ୱର୍ଗତ ଶିକ୍ଷକ ବିପ୍ଳବ ବେହେରାଙ୍କ ସ୍ମୃତିରେ 'ବିପ୍ଳବ ବେହେରା ପାଠାଗାର' ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ମୁଖ୍ୟବକ୍ତା ଦାମୋଦର ବେହେରା ଗରିବ ଓ ଅସହାୟଙ୍କୁ ଶୀତବସ୍ତ୍ର ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଅଭିଧାନ ବଣ୍ଟନ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ଅମିତ୍ କୁମାର ନିଆଲ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଶିକ୍ଷକ ଶିଶିର କାନ୍ତ ସାହୁ ଅତିଥି ପରିଚୟ ସହ ସ୍ୱାଗତ ଜଣାଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପଠନ କରାଯାଇଥିଲା । ଶିକ୍ଷୟିତ୍ରୀ ସମ୍ବିତା କୁମାରୀ କୁନ୍ଦୁଲୁ ଏବଂ ମୀନକେତନ ସାହୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଶିକ୍ଷକ କେ. ଶିବ କୁମାର ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କ୍ରୀଡା ଉତ୍ସବକୁ କ୍ରୀଡା ଶିକ୍ଷକ ଅଶ୍ୱିନୀ କୁମାର ସାହୁ ଏବଂ ଶୁଭ୍ରାଂଶୁ ଶେଖର ବେହେରା ଆୟୋଜନ କରିଥିଲେ । ଶିକ୍ଷକ ଜୟରାମ କରୁଆଁ, କୁଞ୍ଜ ବିହାରୀ ଗୌଡ, ନୀଳକଣ୍ଠ ବେହେରା, ଘନଶ୍ୟାମ ଗୌଡ, ଅଶୋକ ବିଶି, ଶିକ୍ଷୟତ୍ରୀ ମୌସୁମୀ ଦାସ, ଶିକ୍ଷକ ଏସ୍ ଶ୍ରୀନିବାସ, ଗଜାନନ ନାୟକ ଏବଂ ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।



## ନ୍ୟାସନାଲ ହାଇସ୍କୁଲରେ ପିଏମଶ୍ରୀ ମେଳା

# ପଲିଥିନ୍ ମୁକ୍ତ ନୂଆପଡ଼ା ନାଟକ ମନ ମୋହିଲା

**ନୂଆପଡ଼ା, ୮ ।୧(ସମିସ)**

ସ୍ଥାନୀୟ ପିଏମଶ୍ରୀ ନ୍ୟାସନାଲ ହାଇସ୍କୁଲରେ ପିଏମଶ୍ରୀ ମେଳା ବହୁ ଆଡମ୍ବରରେ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ପଲିଥିନ ମୁକ୍ତ ନୂଆପଡ଼ା ଉପରେ ମଞ୍ଚସ୍ଥ ନାଟକ ସମସ୍ତ ଦର୍ଶକଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲାପ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ସରୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରକାଶ କୁମାର ସାହୁ, ମନୋଜ ଡାଗା ପ୍ରମୁଖ ଯୋଗ ଦେଇଥିଲେ ।କାର୍ଯ୍ୟକ୍ରମ ଜିତେନ୍ଦ୍ର କୁମାର ଖମାରୀ ମଞ୍ଚ ସଂଯୋଜନା କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ଅନୀତା ମୁଣ୍ଡ ଧନ୍ୟବାଦ ଜ୍ଞାପନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଅପରାହ୍ନରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଡ଼. ପ୍ରଶାନ୍ତ କୁମାର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି, ଶିକ୍ଷାବିତ ଡ଼. ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା, ପଦ୍ମଶ୍ରୀ ହଳଧର ନାଗ ବିଶେଷ ଅତିଥି ଏବଂ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଡ଼. ରେଶମ ଲାଲ ନାଏକ, ଅଧିବକ୍ତା ପ୍ରସନ୍ନ କୁମାର ପାଢ଼ୀ, ବ୍ଲକ ଶିକ୍ଷାଧିକାରୀ ଗୀତାରାଣୀ ଯୋଷୀ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁଞ୍ଜ ବିହାରୀ ବାଗ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଘନଶ୍ୟାମ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ପଦ୍ମଶ୍ରୀ ନାଗ ଶିକ୍ଷା ଏବଂ ବିଦ୍ୟା ଗ୍ରହଣ କିପରି ମାନବ ଜୀବନ ପାଇଁ ଉପାଦେୟ ରହିଛି। ମାତୃଭାଷାର ଗାରିମା ଉପରେ ମଧ ବିଶେଷ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ପଲିଥିନ ମୁକ୍ତ ନୂଆପଡ଼ା ଉପରେ ନାଟକ ମଞ୍ଚସ୍ଥ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁକାନ୍ତ ସତପଥିଙ୍କ ସହ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।




# ମାଣିକେଶ୍ୱରୀ ସେଲୁନ ସଂଘର କର୍ମକର୍ତ୍ତା ଚୟନ



**ଭବାନୀପାଟଣା, ୮ ।୧(ସମିସ):** ସ୍ଥାନୀୟ ମୁରଲୀଯୋର ନିକଟସ୍ଥ ଫାର୍ମ ହାଉସରେ କଳାହାଣ୍ଡି ଜିଲ୍ଲା ମା' ମାଣିକେଶ୍ୱରୀ ସେଲୁନ ସଂଘର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ସର୍ବସମ୍ମତିକ୍ରମେ ଅଜୟ ଡାକୁଆ ସଭାପତି, ଅରୁଣ କୁମାର ବାରିକ ଉପ ସଭାପତି ଶଙ୍କର ଡାକୁଆ ସାଧାରଣ ସମ୍ପାଦକ, ମନୁ ବେହେରା ସହ ସମ୍ପାଦକ ଓ ଚନ୍ଦନ ଡାକୁଆ କୋଷାଧକ୍ଷ ଭାବେ ମନୋନୀତ ହୋଇଥିବା ବେଳେ ଅମୀୟ ଡାକୁଆ ଓ କିଶୋର ଚନ୍ଦ୍ର ଡାକୁଆ ସମୀକ୍ଷକ ଭାବେ ମନୋନୀତ ହୋଇଛନ୍ତି । ସଂଘର ଆଇନ ପରାମର୍ଶ ଦାତା ଭାବେ ବରିଷ୍ଠ ଆଇନଜୀବୀ ଭବେନ୍ଦ୍ର ପଣ୍ଡାଙ୍କୁ ଚୟନ କରାଯାଇଛି ।ସେହିପରି ବସନ୍ତ ବାରିକ, ତୋଫାନ ଡାକୁଆ, ପ୍ରମୋଦ ବେହେରା, ହିତେଶ ବାରିକ, ଆକାଶ ବାରିକ, ଚିତ୍ତରଞ୍ଜନ ବେହେରା, ବୁଦ୍ଧିଆ ଡାକୁଆ, ସୁରେନ୍ଦ୍ର ଡାକୁଆ, ଭିମା ବାରିକ, କବିତା ବାରିକ ସମେତ ଶତାଧିକ ସଂଘ ସଦସ୍ୟ ଚୟନ ପ୍ରକ୍ରିୟାରେ ସାମିଲ ହୋଇଥିଲେ । ଆଇନଜୀବୀ ନିମାନ ନାଏକ, ଶିବରାମ ନାୟକ ଓ ପଦ୍ମନ ମହାଖୁଡ଼ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ସଂଘର ଆଗାମୀ କାର୍ଯ୍ୟକ୍ରମ ପରବର୍ତ୍ତୀ ବୈଠକ ରେ ନିଷ୍ପତି ନିଆଯିବ ବୋଲି ସଂଘର ନୂତନ ସଭାପତି ଅଜୟ ଡାକୁଆ ପ୍ରକାଶ କରିଛନ୍ତି ।

# ଜିଲ୍ଲା ନ୍ୟାୟାଳୟ ପରିସରରେ ବୋମା ଆତଙ୍କ

ଦେବଗଡ଼, ୮।୧(ସମିସ)



**କୋର୍ଟ ଆରମ୍ଭ ହେବା ପୂର୍ବରୁ ପରିସରକୁ ଜନଶୂନ୍ୟ କରାଗଲା**

**ସନ୍ଧାନୀ କୁକୁର ଓ ବୋମା ନିରୋଧ ଟିମ ସହାୟତାରେ ହେଲା ସର୍ଚ୍ଚ ଅପରେସନ**

ପ୍ରତିଦିନ ଭଳି ଗୁରୁବାର ମଧ ଜିଲ୍ଲା ନ୍ୟାୟାଳୟ ପରିସରକୁ ବିଚାର ବିଭାଗୀୟ ସମସ୍ତ ବିଚାରପତି ଆସିଥିଲେ। ଓକିଲ ମାନେ ମଧ ନିଜ ମହକିଲଙ୍କୁ ଧରି ଭିନ୍ନଭିନ୍ନ ଅଦାଲତରେ ପହଞ୍ଚିଥିଲେ। ଅଦାଲତରେ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଜିଲ୍ଲା ଜଜଙ୍କ କୋର୍ଟକୁ ବେନାମୀ ଇ-ମେଲ ଆସିଥିଲା। ଏଥିରେ କୋର୍ଟ ପରିସରରେ ଆରଡିଏକ୍ସ ବୋମା ଖଞ୍ଜା ଯାଇଥିବା ଏବଂ ମଧ୍ୟାହ୍ନ ୨ଟା୩୫ ସୁଦ୍ଧା କୋର୍ଟ ପରିସରରେ ଏଲଟିଟି ଆତ୍ମଘାତୀ ମାନବ ବୋମା ଦ୍ୱାରା ବିସ୍ଫୋରଣ କରିବାର ଧମକ ଦିଆଯାଇଥିଲା। ଏହି ଖବର ଜିଲ୍ଲା ଜଜଙ୍କ ନିକଟକୁ ପହଞ୍ଚିବା କ୍ଷଣି ଜିଲ୍ଲାଜଜଙ୍କ ନିର୍ଦ୍ଦେଶରେ ତୁରନ୍ତ କୋର୍ଟ ପରିସରକୁ ଖାଲି କରିବାକୁ ନିର୍ଦ୍ଦେଶ ଦିଆହୋଇଥିଲା। ଖବର ପ୍ରଚାର ହେବାରୁ ତୁରନ୍ତ ସମସ୍ତ ବିଚାରପତି, କର୍ମଚାରୀ, ଓକିଲ, ମହକିଲ, ବିଚାର ପାଇଁ ଆସିଥିବା ବନ୍ଦୀ ସମସ୍ତଙ୍କୁ ନ୍ୟାୟାଳୟ ପରିସରରୁ ବାହାର କରାଯାଇଥିଲା। ସୂଚନା ପାଇ ଦେବଗଡ଼ ଏସପି ଅନିଲ ମିଶ୍ର, ଅତିରିକ୍ତ ଏସପି ଧୀରଜ ଚୋପଦାର, ଏସଡିପିଓ ରମେଶ ମାହାନା ଓ ଥାନା ଅଧିକାରୀ ସବ୍ୟସାଚି ଶତପଥୀ ଜିଲ୍ଲା ପୁଲିସର ସନ୍ଧାନୀ କୁକୁର, ମେଟାଲ ଡିଟେକ୍ଟର ସହାୟତାରେ ବୋମା ନିଷ୍କ୍ରିୟକାରୀ ଦଳ ନ୍ୟାୟାଳୟ ପରିସରରେ ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ସେହିପରି ଅଗ୍ନିଶମ ବାହିନୀ ମଧ କୌଣସିଅଘଟଣଆଶଙ୍କାରେ କୋର୍ଟ ପରିସରରେ ପହଞ୍ଚିଥିଲା। ପୁଲିସର ଯାଞ୍ଚ ପରେ ମଧ କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନଥିଲା। ସେହିପରି ଧମକ ପୂର୍ଣ୍ଣ ମେଲରେ ଉଲ୍ଲିଖିତ ସମୟ ଅତିକ୍ରାନ୍ତ ହୋଇଯିବା ପରେ ବିଚାରପତି ମାନେ ନିଜନିଜ ପ୍ରକୋଷ୍ଠକୁ ଯାଇଥିଲେ। ହେଲେ ମଧ କୋର୍ଟ ପରିସର ଜନଶୂନ୍ୟ ଥିବାରୁ କୌଣସି କାର୍ଯ୍ୟ ହୋଇ ପାରି ନଥିଲା। ସେହିପରି ପୁଲିସ ପକ୍ଷରୁ କୋର୍ଟର ମୁଖ୍ୟଦ୍ୱାର ସମ୍ମୁଖରେ କଡା ପହରା ରହିଥିଲା। ବିନା କୌଣସି ପରିଚୟପତ୍ରରେ କୋର୍ଟ ପରିସରକୁ ଯିବାକୁ ବାରଣ କରାହୋଇଛି। ତେବେ କିଏ କାହିଁକି ଓ କେଉଁଠାରୁ ଧମକ ପୂର୍ଣ୍ଣ ମେଲ ପଠାଇଛି ସେ ନେଇ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ତଦନ୍ତ କରାଯାଉଥିବା ଏସପି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।

# ଦେବଗଡ଼ରେ ଥମୁନି ମାଙ୍କଡ଼ ଉପଦ୍ରବ

**ଦେବଗଡ଼, ୮।୧(ସମିସ):** ଦେବଗଡ଼ ପୌରାଞ୍ଚଳରେ ମାଙ୍କଡ ଉପଦ୍ରବ ଥମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଅନ୍ୟ ପକ୍ଷରେ ମାଙ୍କଡ଼ଙ୍କୁ ନିୟନ୍ତ୍ରଣ କରିବାରେ ବନ ବିଭାଗ ସମ୍ପୂର୍ଣ୍ଣ ଫେଲ ମାରିଥିବାରୁ ଜନ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ମାଙ୍କଡ ଆକ୍ରମଣରେ ପ୍ରତିଦିନ କେହିନା କେହି ଗୁରୁତର ହୋଇ ଚିକିତ୍ସାଳୟରେ ଭର୍ତ୍ତି ହେଉଛନ୍ତି। ବିଶେଷ ଭାବେ ମହିଳା ଓ ଶିଶୁ ମାଙ୍କଡ ଆକ୍ରମଣର ଶିକାର ହେଉଥିବା ଦେଖିବାକୁ ମିଳିଛି। ସହରରେ ମାଙ୍କଡ ନିୟନ୍ତ୍ରଣ ପାଇଁ ବନ ବିଭାଗ ପକ୍ଷରୁ ମଙ୍କି ସ୍କ୍ୱାର୍ଡ ଗଠନ କରାଯାଇଥିଲା। ମାତ୍ର ମାଙ୍କଡ ତୁଳନାରେ କର୍ମଚାରୀ ସଂଖ୍ୟା ନଗଣ୍ୟ ଥିବାରୁ ମାଙ୍କଡଙ୍କୁ ନିୟନ୍ତ୍ରଣ କରିବାରେ ସ୍କ୍ୱାର୍ଡ ବିଫଳ ହୋଇଛି। ଗତ କିଛି ଦିନ ପୂର୍ବେ ଖପର ସାହିର ଜଣେ ମହିଳା ମାଙ୍କଡ ଆକ୍ରମଣର ଶିକାର ହୋଇ ଘର ଛାତ ଉପରୁ ଖସି ଗୁରୁତର ହୋଇଥିଲେ। ସେହିପରି ଆଜି ସକାଳେ ପୌରାଞ୍ଚଳ ଅଧୀନ ଖପର ସାହି ନିବାସୀ ଆଇନଜୀବୀ ଶୈଳେନ୍ଦ୍ର ସାହୁ ମାଙ୍କଡ ଆକ୍ରମଣର ଶିକାର ହୋଇଛନ୍ତି। ପରେ ଶ୍ରୀ ସାହୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ସନ୍ଧ୍ୟାରେ ଦେବଗଡ଼ ଥାନାକୁ ଆସିଥିଲେ। ଦେବଗଡ଼ ସହରରେ ମାଙ୍କଡଙ୍କ ନିୟନ୍ତ୍ରଣ କରିବାରେ ବନବିଭାଗ ବିଫଳ ହୋଇଥିବା ଅଭିଯୋଗ କରିବା ସହ ଏଥିପାଇଁ ବନଖଣ୍ଡ ଅଧିକାରୀଙ୍କ ଅବହେଳା ଅଭିଯୋଗ କରିଛନ୍ତି। ସେ ବନଖଣ୍ଡ ଅଧିକାରୀଙ୍କ ବିରୁଦ୍ଧରେ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିବା ମଧ ଜଣା ପଡ଼ିଛି। ତେବେ ଖବର ଲେଖାହେବା ଯାଏଁ ଥାନାରେ କୌଣସି ମାମଲା ରୁଜୁ ହୋଇ ନଥିବା ଜଣା ପଡ଼ିଛି।



**ମାଙ୍କଡ଼ ଆକ୍ରମଣରେ ଓକିଲ ଆହତ, ଡିଏଫଓଙ୍କ ବିରୋଧରେ ଥାନାରେ ଅଭିଯୋଗ**

# ଜିଲ୍ଲା ପରିଷଦ ବୈଠକରେ ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା

**ପ୍ରତି ବ୍ଲକରେ ଆଦର୍ଶ ପଞ୍ଚାୟତ ଗଠନ ପାଇଁ ନିଷ୍ପତ୍ତି**

**ଝାରସୁଗୁଡ଼ା, ୮।୧(ସମିସ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଏବଂ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟାଂଶୁ ଉପସ୍ଥିତ ଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ପ୍ରମୁଖ ଯୋଜନା ଯଥା- ଗ୍ରାମୀଣ ଆବାସ, ବିକଶିତ ଗାଁ ବିକଶିତ ଓଡ଼ିଶା, ମନରେଗା, କେନ୍ଦ୍ରୀୟ ଓ ରାଜ୍ୟ ଅର୍ଥ କମିଶନ ଅନୁଦାନର ବିନିଯୋଗ, ସରକାରୀ ସମ୍ପତ୍ତିର ଗଣାମତି ଓ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟର ଅଗ୍ରଗତିକୁ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଜିଲ୍ଲାର ପ୍ରତି ବ୍ଲକରେ ଏକ 'ଆଦର୍ଶ ଗାଁ ପଞ୍ଚାୟତ' ଚିହ୍ନଟ କରାଯାଇ ତାହାର ସାମଗ୍ରିକ ବିକାଶ କରିବାକୁ ଜିଲ୍ଲାପାଳ ସମସ୍ତ ବିଡିଓ ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପଞ୍ଚାୟତଗୁଡିକରେ ମୌଳିକ ନାଗରିକ ସୁବିଧା, ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟ ଜୀବିକା ନିର୍ବାହର ସୁଯୋଗ ଏବଂ ମହିଳା ସଶକ୍ତିକରଣକୁ ପ୍ରାଥମିକତା ଦିଆଯିବ। ଏହା ସହିତ ଡିଜିଟାଲ ଭିତ୍ତିଭୂମି, ସୌର ଶକ୍ତିର ବ୍ୟବହାର, ଉନ୍ନତ ପରିମଳ ବ୍ୟବସ୍ଥା ଏବଂ ଏକ ସକ୍ରିୟ ଜନ ଅଭିଯୋଗ ଶୁଣାଣି ପ୍ରକ୍ରିୟା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଏହି ଆଦର୍ଶ ପଞ୍ଚାୟତ ଗଠନ କାର୍ଯ୍ୟରେ ସ୍ଥାନୀୟ ଜନସାଧାରଣଙ୍କ ସହଭାଗିତା ନିଶ୍ଚିତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସମସ୍ତ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ଜିଲ୍ଲାପାଳ କାର୍ଯ୍ୟନିର୍ବାହୀ ସଂସ୍ଥାକୁ କଡା ନିର୍ଦ୍ଦେଶ ଦେଇଛନ୍ତି।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

**ଦେବଗଡ଼, ୮।୧(ସମିସ):** ଜିଲ୍ଲାର ୩ଟି ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ପ୍ରସ୍ତାବ କ୍ରମେ ଜିଲ୍ଲାର ବାରକୋଟ ଓ ରିଆମାଳ ବ୍ଲକର କୁଣ୍ଢେଇଗୋଲା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ପରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବମ୍ପରଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପ୍ରଥମ ପର୍ଯ୍ୟାୟରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ମାନ୍ୟତା ମିଳିଛି। ଉକ୍ତ ବିଦ୍ୟାଳୟ ଗୁଡିକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ସାଂସଦ ପ୍ରତିନିଧି ଅରୁଣ ସାହୁ, ଯୋଗେଶ ପ୍ରଧାନ, ବିରେନ ପ୍ରଧାନ, ବରିଷ୍ଠ ବିଜେପି ନେତା ଭାରତ ଭୂଷଣ ପ୍ରଧାନ, ସନ୍ତୋଷ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁର, ରିଆମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋ, ସମଗ୍ର ଶିକ୍ଷା ସିନିଅର ଟିସି ଲକ୍ଷ୍ମୀକାନ୍ତ ରାଉତରାୟ, ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡା, ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ, ଆକାଉଣ୍ଟାଣ୍ଟ ସଞ୍ଜୀବ ମିଶ୍ର, ଟିସି ସୁଜାତା ସାହୁ, ମଞ୍ଜିତା ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ବେହେରା, ବିନିତା ବେହେରା, କ୍ଷୀରୋଦ ପ୍ରଧାନ, ବିଜୟ ପ୍ରଧାନ ପ୍ରମୁଖ ଉକ୍ତ ୩ଟି ବିଦ୍ୟାଳୟରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଗୁଡିକରେ ପଞ୍ଚାୟତରାଜ ବିଭାଗର ସଦସ୍ୟ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସହ ଗ୍ରାମବାସୀ ମାନେ ମଧ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

**ଦେବଗଡ଼, ୮।୧(ସମିସ):** ମତ୍ସ୍ୟ ଓ ପ୍ରାଣୀସମ୍ପଦ ଅଭିବୃଦ୍ଧି ଓ ଚାଷୀଙ୍କ ସମୃଦ୍ଧି ନେଇ ଦେବଗଡ଼ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଗୁରୁବାର ପ୍ରଧାନପାଟ ରୋଡ ବଡବଗିଚା ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ ଓ ସମ୍ମାନିତ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡାକ୍ତର ବିଜୟ ପାତ୍ର ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଶୋକ ଇନ୍ଦୁଆର୍ ଯୋଗ ଦେଇଥିଲେ। ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ଚାଷର ବିକାଶ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଉଲ୍ଲେଖ କରିଥିଲେ। କୃଷିର ବିକାଶ ହେଲେ ରାଜ୍ୟର ବିକାଶ ହେବ ବୋଲି କହିଥିଲେ। ପ୍ରଦର୍ଶନୀ ମେଳାରେ ମତ୍ସ୍ୟ ବିଭାଗ ଓ ପ୍ରାଣୀ ସମ୍ପଦ ବିଭାଗର ୨୭ଟି ଷ୍ଟଲ୍ ଖୋଲାଯାଇ ବିଭିନ୍ନ ଉନ୍ନତ କିସମର ଦୁଧିଆଳୀ ଗାଇ, ଛେଳି, ମେଣ୍ଢା, କୁକୁଡା, ବତକ ଓ ମତ୍ସ୍ୟ ପ୍ରଦର୍ଶିତ କରାଯାଇଥିଲା। ପ୍ରାଣୀ ସମ୍ପଦ ବିଭାଗରେ ଉନ୍ନତ ମାନର ପ୍ରଦର୍ଶନ ପାଇଁ କାମଧେନୁ ଯୋଜନାରେ ଗୋପାଳନ ପାଇଁ ରିଆମାଳ ବ୍ଲକ ତୀମୂର୍ ଗାଁର ରିତାଞ୍ଜଳି ସାହୁଙ୍କୁ ୧, ୬୧, ୨୮୦ ଟଙ୍କା, ବାରକୋଟ ବ୍ଲକ ଗୁଣ୍ଡିରିପସି ଗାଁର ଜିନା ପାତ୍ରଙ୍କୁ ୧, ୮୦, ୦୦୦ ଟଙ୍କା, ମତ୍ସ୍ୟ ଆହାର ପାଇଁ ବାରକୋଟ ବ୍ଲକ ରେଙ୍ଗାଲବହାଲ ଗାଁର ଜିତେନ୍ଦ୍ରିୟ ସାହୁଙ୍କୁ ୧, ୨୦, ୦୦୦ ଟଙ୍କା, ମାଛ ପାଇଁ ରିଆମାଳ ବ୍ଲକ ରଙ୍ଗମାଟିଆ ଗାଁର ଧନନ୍ତ୍ୱରି ପ୍ରଧାନଙ୍କୁ ୮୦, ୦୦୦ ଟଙ୍କା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଗାଁ ପୋଖରୀରେ ମତ୍ସ୍ୟ ଚାଷ ପାଇଁ ରେଙ୍ଗଲବାହାଲ ମାଁ ମହାମାୟୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା।




ସେହିପରି କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ୩ଟି ବ୍ଲକର ବିଭିନ୍ନ ଗାଁରୁ ଆସିଥିବା ମତ୍ସ୍ୟ ଚାଷୀ ଓ ପଶୁପାଳକ ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଆଧୁନିକ ପ୍ରଣାଳୀରେ ମତ୍ସ୍ୟ, କୁକୁଡା, ବତକ, ଛେଳି ଓ ଗୋ ପାଳନ ସମ୍ପର୍କିତ ଏକ ସଚେତନତା ବାର୍ତ୍ତା ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଉପସ୍ଥିତ ଚାଷୀଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଜାତୀୟ ସଡ଼କ ସୁରକ୍ଷା ମାସ

**ଝାରସୁଗୁଡ଼ା, ୮।୧(ସମିସ):** ସାର ରାଜ୍ୟରେ ପାଳିତ ହେଉଥିବା 'ଜାତୀୟ ସଡକ ସୁରକ୍ଷା ମାସ-୨୦୨୬' ଉପଲକ୍ଷେ ଗୁରୁବାର ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଝାରସୁଗୁଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ସଡକ ଦୁର୍ଘଟଣା ହ୍ରାସ କରିବା ଏବଂ ସାଧାରଣ ଜନତାଙ୍କୁ ଟ୍ରାଫିକ ନିୟମ ପ୍ରତି ସଚେତନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଦ୍ୟାଳୟ ପରିସରରେ ଆୟୋଜିତ ଶିବିରରେ ପରିବହନ ବିଭାଗର ଅଧିକାରୀମାନେ ଟ୍ରାଫିକ ସଙ୍କେତ, ହେଲମେଟ ଓ ସିଟ୍ ବେଲ୍ଟର ବ୍ୟବହାର ଏବଂ ସଡକ ନିରାପତ୍ତା ଆଇନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷ କରି କିଶୋର ଅବସ୍ଥାରେ ଗାଡି ଚାଳନାର ବିପଦ ଏବଂ ଜୀବନରକ୍ଷାକାରୀ ସତର୍କତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମୁଦାୟ ୧୬୮ ଜଣ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ସଡକ ସୁରକ୍ଷା ନିୟମ ପାଳନ କରିବା ପାଇଁ ଶପଥ ପାଠ କରାଯାଇଥିଲା। ବିଭାଗ ପକ୍ଷରୁ ଏହି ଅଭିଯାନ ସାରା ମାସ ବିଭିନ୍ନ ସ୍ଥାନରେ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

# ବିପୁଳ ମଦ ଜବତ, ଯୁବକ ଗିରଫ

**ଦେବଗଡ଼, ୮।୧(ସମିସ):** ରିଆମାଳ ଥାନା ନୂତନ ଆଇଆଇସି ଭାବେ ଇନ୍ସପେକ୍ଟର ବିନୟ କେରକେଟ୍ଟା ଯୋଗ ଦେବା ପରଠାରୁ ରିଆମାଳ ଥାନାଞ୍ଚଳରେ ବେଆଇନ ନିଶା ବେପାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏହି କ୍ରମରେ ଗୁରୁବାର ରିଆମାଳ ଥାନା ଅଧୀନ ରେଙ୍ଗାଲବେଡା ଗାଁରେ ବେଆଇନ ନିଶା କାରବାର ଅଭିଯୋଗ ମିଳିଥିଲା। ଖବର ପାଇ ରିଆମାଳ ଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉରେ ବେଆଇନ ନିଶା କାରବାର କରୁଥିବା ସେହି ଗାଁର ସ୍ୱର୍ଗତ ଗୋଲବଦନ ପ୍ରଧାନଙ୍କ ପୁଅ ଅକ୍ଷୟ ଓରଫ ମାନସ ପ୍ରଧାନଙ୍କ ନିକଟରୁ ବିଭିନ୍ନ ବ୍ରାଣ୍ଡର ୨୯ ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ ହୋଇଥିଲା। ଏଥିସହ ଓଡ଼ିଶା ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଅକ୍ଷୟକୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ବନ୍ଦେ ମାତରଂର ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

**ଝାରସୁଗୁଡ଼ା, ୮।୧(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ଏମସିଏଲ ଅଡିଟୋରିୟମଠାରେ ଜାତୀୟ ଗୀତ 'ବନ୍ଦେ ମାତରଂ'ର ୧୫୦ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ-କମ-ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମଞ୍ଚରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ ଆଚାର୍ଯ୍ୟ, ଝାରସୁଗୁଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ମାନସରଞ୍ଜନ ମଲ୍ଲିକ, ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ। ଆଜି ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଶିବିରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ମନୋନୀତ ଶିକ୍ଷକ ଓ ଅଧ୍ୟାପକମାନେ ପ୍ରଶିକ୍ଷାର୍ଥୀ ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଓ ସମ୍ପଦ ବ୍ୟକ୍ତିମାନେ 'ବନ୍ଦେ ମାତରଂ' ଗାନର ଶୁଦ୍ଧତା, ଏହାର ଐତିହାସିକ ଗୁରୁତ୍ୱ ଏବଂ ସାମୂହିକ ଗାନର ଶୈଳୀ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ମୁଖ୍ୟ କାର୍ଯ୍ୟକ୍ରମ ସହିତ ସମାନ୍ତରାଳ ଭାବେ ଜିଲ୍ଲାର ଅନ୍ୟାନ୍ୟ ବ୍ଲକ ଯଥା ଲାଇକେରା, କିର୍ମିରା, ଲଖନପୁର ଓ କୋଲାବିରା ଠାରେ ମଧ ଅଧିକାରୀ ମାନଙ୍କ ତତ୍ତ୍ୱାବଧାନରେ ଏବଂ ବେଲପାହାଡ ପୌରାଞ୍ଚଳରେ ଇଓଙ୍କ ନେତୃତ୍ୱରେ ଏହି ପ୍ରଶିକ୍ଷଣ ଶିବିର ସଫଳତାର ସହ ସମ୍ପାଦିତ ହୋଇଛି। ଆସନ୍ତା ଜାନୁଆରୀ ୧୨ ତାରିଖ (ସ୍ୱାମୀ ବିବେକାନନ୍ଦ ଜୟନ୍ତୀ) ଦିନ ସମସ୍ତ ଶିକ୍ଷାନୁଷ୍ଠାନରେ ସାମୂହିକ 'ବନ୍ଦେ ମାତରଂ' ଗାନ କରାଯିବ। ଏଥିସହିତ ଜାନୁଆରୀ ୨୫ରୁ ୩୦ ତାରିଖ ମଧ୍ୟରେ ଜିଲ୍ଲାର ବିଭିନ୍ନ ଐତିହାସିକ ସ୍ଥଳୀ ମାନଙ୍କରେ ସାମୂହିକ ଗାନ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ଅଲ୍‌ଟ୍ରାଟେକ୍ ସିମେଣ୍ଟ ପକ୍ଷରୁ ଅର୍ଡା, ଚମ୍ପାପଡ଼ାରେ ରାସ୍ତା କାମ

**ଝାରସୁଗୁଡ଼ା, ୮।୧(ସମିସ):** ଝାରସୁଗଡ଼ା ସିମେଣ୍ଟ ୱାର୍କ୍ସ ଅଧୀନରେ ଅଲ୍ଟ୍ରାଟେକ୍ ସିମେଣ୍ଟ କାରଖାନାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ଯୋଜନା ଅନ୍ତର୍ଗତ ଅର୍ଡା ଓ ଚମ୍ପାପଡ଼ା ଗାଁରେ କଙ୍କ୍ରିଟ୍ ରାସ୍ତା କାମ ଆରମ୍ଭ କରାଯାଇଛି। ଏହି ପ୍ରକଳ୍ପ ଅନୁସାରେ ସମୁଦାୟ ୨୫୦ ମିଟର ଲମ୍ବର ରାସ୍ତା ନିର୍ମାଣ କରାଯିବ। ଏହା ଗ୍ରାମବାସୀଙ୍କ ଯାତାୟାତକୁ ବହୁଗୁଣା ସୁବିଧାଜନକ କରିବ। ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ଅବସରରେ ଭୂମିପୂଜା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଅଲ୍ଟ୍ରାଟେକ୍ ସିମେଣ୍ଟ, ଝାରସୁଗୁଡ଼ା ସିମେଣ୍ଟ ୱାର୍କ୍ସର ମାନବ ସମ୍ବଳ ପ୍ରମୁଖ ପିତାମ୍ବର ପ୍ରୁସେଟ, ୱେଲଫେୟାର୍ ଅଫିସର୍ ଅଭିନାଶ ପାଢ଼ୀ, ସିଏସଆର ଅଫିସର ସେମିଅନ ବାରିକ, ସରପଞ୍ଚ ପ୍ରତିନିଧି ଜନ ସିଂହ ସହ ଗାଁର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।




# ଜିଲ୍ଲାପାଳଙ୍କ ସୁଲଦିଆପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମି ସମୀକ୍ଷା



**ଝାରସୁଗୁଡ଼ା, ୮।୧(ସମିସ):** ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ବିଦ୍ୟାଳୟଗୁଡିକର ଭିତ୍ତିଭୂମି ବିକାଶକୁ ପ୍ରାଥମିକତା ଦେଇ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଗୁରୁବାର ସୁଲଦିଆପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ନିୟମିତ ପରିଦର୍ଶନ କରି ସେଠାରେ ଥିବା ସମସ୍ୟା ଓ ଆବଶ୍ୟକତା ବିଷୟରେ ସେ ସମୀକ୍ଷା କରୁଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ ଶ୍ରେଣୀ ଗୃହକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ସମୟ ଅତିବାହିତ କରିଥିଲେ। ପିଲାମାନଙ୍କର ପଠନ ଦକ୍ଷତା ପରଖିବା ପାଇଁ ସେ ସେମାନଙ୍କୁ ବହି ପଢ଼ିବାକୁ କହିବା ସହ ଶିକ୍ଷାଦାନର ମାନ ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟାଳୟ ପରିସରରେ ଥିବା ଖେଳପଡ଼ିଆର ସ୍ୱଚ୍ଛତା ନେଇ ଜିଲ୍ଲାପାଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଝାରସୁଗୁଡ଼ା ପୌରପାଳିକା ଦ୍ୱାରା ହୋଇଥିବା ସଫେଇ କାର୍ଯ୍ୟ ସନ୍ତୋଷଜନକ ନଥିବାରୁ ତୁରନ୍ତ ଖେଳପଡ଼ିଆକୁ ସମ୍ପୂର୍ଣ୍ଣ ସଫା କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟର ସ୍ଥାନ ଅଭାବ ଓ ଅଧିକ ଶ୍ରେଣୀ ଗୃହର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ପ୍ରଶାସନ ସମସ୍ତ ସହଯୋଗ ଯୋଗାଇ ଦେବ ବୋଲି ସେ ପ୍ରକାଶ କରିଛନ୍ତି।

# ଜିଲ୍ଲା ପ୍ରତିଷ୍ଠା ଦିବସ ଓ ଢୁଲଢୁଲି ମହୋତ୍ସବକୁ ନେଇ ଅସନ୍ତୋଷ

## ପ୍ରଶାସନର ମନମୁଖୀ କାମ ଉପରେ ପ୍ରଶ୍ନ ଉଠାଇଲା ସଚେତନ ନାଗରିକ ମଞ୍ଚ

ଝାରସୁଗୁଡ଼ା, ୮।୧(ସମିସ)

ଝାରସୁଗୁଡ଼ା ଜିଲ୍ଲା ମହୋତ୍ସବ ଢୁଲଢୁଲିରେ ବିଭିନ୍ନ ଅବ୍ୟବସ୍ଥା, ସ୍ଥାନୀୟ ଲୋକଙ୍କୁ ଉପେକ୍ଷା ଏବଂ ପ୍ରଶାସନ ପକ୍ଷରୁ ମନମୁଖୀ କାର୍ଯ୍ୟ, ଲୋକ ସଂସ୍କୃତିକୁ ଉପେକ୍ଷା ଆଦିକୁ ନେଇ ଝାରସୁଗୁଡ଼ା ସଚେତନ ନାଗରିକ ମଞ୍ଚ ପ୍ରଶ୍ନ ଉଠାଇଛି। ଏନେଇ ମଞ୍ଚ ପକ୍ଷରୁ ଝାରସୁଗୁଡ଼ାର ଏକ ଘରୋଇ ହୋଟେଲ ଠାରେ ଗୁରୁବାର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ଝାରସୁଗୁଡ଼ା ଜିଲ୍ଲା ଗଠନକୁ ୩୨ ବର୍ଷ ପୁରିଛି। ଜିଲ୍ଲା ଗଠନ ଲାଗି ସେ ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ସାକ୍ଷାତ ଓ ଆଲୋଚନା ପୂର୍ବକ ଝାରସୁଗୁଡ଼ାକୁ ନୂତନ ଜିଲ୍ଲା ଭାବେ ଘୋଷଣା କରାଯାଇଥିଲା। ଜିଲ୍ଲା ଗଠନ ଦିଗରେ ଝାରସୁଗୁଡ଼ାବାସୀଙ୍କ ପ୍ରଚେଷ୍ଟା ଏବଂ ସେ ସମୟରେ ନେତୃ ମଣ୍ଡଳୀଙ୍କ ବିଶେଷ ଅବଦାନ ରହିଛି। ଜିଲ୍ଲା ଗଠନ ଏବଂ ଏହାର ଘୋଷଣାକୁ ନେଇ ଝାରସୁଗୁଡ଼ା ଜିଲ୍ଲାବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖା ଦେବା ସହ ବିଜୁ ବାବୁଙ୍କୁ ରକ୍ତରେ ଓଜନ କରି ଝାରସୁଗୁଡ଼ାବାସୀ ଏକ ନୂଆଁ କୀର୍ତ୍ତିମାନ ସୃଷ୍ଟି କରିଥିଲେ। ଏତେ ପରିମାଣରେ ରକ୍ତଦାନ କରି ନୂତନ ଜିଲ୍ଲା ଭାବେ ଗଠିତ ହୋଇଥିବା ଝାରସୁଗୁଡ଼ାବାସୀଙ୍କ ପାଇଁ ସେହି ଦିନଟି ସ୍ମରଣୀୟ ହୋଇରହିବା ସହ ଝାରସୁଗୁଡ଼ା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ଜିଲ୍ଲା ପ୍ରତିଷ୍ଠା ଦିବସକୁ ସ୍ମରଣୀୟ କରି ରଖିବା ଲାଗି ପ୍ରତି ବର୍ଷ ଜାନୁଆରୀ ପହିଲାରେ ପ୍ରତିଷ୍ଠା ଦିବସ ସାଙ୍ଗକୁ ଜିଲ୍ଲା ମହୋତ୍ସବର ଆୟୋଜନ କରାଯାଉଛି। ଏହି ଆୟୋଜନରେ ପ୍ରଶାସନର ସହଭାଗିତା ରହିବା ସହ ନାଗରିକ ସମାଜ ତଥା ଜିଲ୍ଲାର ସଂସ୍କୃତି ପ୍ରେମୀ ଜନତା ଏଥିରେ ବଡ ଭୂମିକା ଗ୍ରହଣ କରି ଆସିଛନ୍ତି। ପରବର୍ତ୍ତୀ ସମୟରେ ଜିଲ୍ଲା ମହୋତ୍ସବର ନାମକରଣ 'ଢୁଲ୍‌ଢୁଲି' ରଖାଯିବା ସହ ସମୟକ୍ରମେ ଏହାର କଳେବର ବୃଦ୍ଧି ପାଇଛି। ଜିଲ୍ଲା ମହୋତ୍ସବ ତଥା ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ପୂର୍ବରୁ ତିନି ଦିନ ଏବଂ ପରେ ପାଞ୍ଚ ଦିନ ବ୍ୟାପୀ ହୋଇଛି। ଏହାର ଆୟୋଜନକୁ ଶୃଙ୍ଖଳିତ ଏବଂ ସଫଳ କରିବା ଉଦ୍ଦେଶ୍ୟରେ ବିଭିନ୍ନ କମିଟି ମାନ ଗଠନ କରାଯାଇ ନାଗରିକ ସମାଜ ତଥା ସଂସ୍କୃତି ପ୍ରେମୀଙ୍କୁ ବିଭିନ୍ନ ଦାୟିତ୍ୱରେ ପ୍ରଦାନ କରାଯାଇ ସାମୂହିକ ଭାବେ ଏହାକୁ ପାଳନ କରାଯାଉଛି। ସମସ୍ତ ରାଜନୈତିକ ଦଳର ବ୍ୟକ୍ତିବିଶେଷ ଏଥିରେ ଭାଗ ନେଉଥିଲେ ହେଁ, ମହୋତ୍ସବକୁ ରାଜନୀତି ଠାରୁ ସର୍ବଦା ଊର୍ଦ୍ଧ୍ୱରେ ରଖା ହୋଇଆସିଛି। ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର କଳାକାର ତଥା ଲୁକ୍କାୟିତ ପ୍ରତିଭାଙ୍କୁ ମଞ୍ଚ ପ୍ରଦାନ କରି ସେମାନଙ୍କର ପ୍ରତିଭାକୁ ଲୋକଲୋଚନକୁ ଆଣିବାର ପ୍ରୟାସ ହୋଇଛି। ଝାରସୁଗୁଡ଼ା ତଥା ଅନ୍ୟ ଜିଲ୍ଲା ଓ ରାଜ୍ୟର ଲୋକକଳା, ଲୋକ ସଙ୍ଗୀତ, ଲୋକନୃତ୍ୟକୁ ଜାଣିବା ଦିଗରେ ଏହି ମହୋତ୍ସବ ଏକ ବଡ ମାଧ୍ୟମ ହୋଇଆସିଛି। ମାତ୍ର ଢୁଲ୍‌ଢୁଲି୨୦୨୫ରେ ଏଥିରେ ବ୍ୟତିକ୍ରମ ଦେଖା ଦେଇଥିବା ନେଇ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଚେତନ ନାଗରିକ ସମାଜ ପକ୍ଷରୁ ଅଭିଯୋଗ କରାଯାଇଛି। ତତ୍କାଳୀନ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷା ପ୍ରଥମ ପ୍ରସ୍ତୁତି ବୈଠକରେ ଏକ ତାଲିକା ଉପସ୍ଥାପନ କରି ନିଜ ଇଚ୍ଛାରେ କମିଟି ଗଠନ ଏବଂ ସଦସ୍ୟ ଗ୍ରହଣ କରିଥିବା ନେଇ ଯେଉଁ ଘୋଷଣା କଲେ ସେଠାରୁ ହିଁ ବ୍ୟତିକ୍ରମ, ବିଭ୍ରାଟ ଏବଂ ପରମ୍ପରାର ଉଲ୍ଲଂଘନ ହୋଇଥିଲା ବୋଲି ଅଭିଯୋଗ ହୋଇଛି। ଏହି ଅସନ୍ତୋଷ ଭିତରେ କୁହୁଳି କୁହୁଳି ଚଳିତ ବର୍ଷ ସାଂଘାତିକ ରୂପ ନେଇଛି।



ପ୍ରଥମ ପ୍ରସ୍ତୁତି ବୈଠକରେ ପୂର୍ବ ବର୍ଷର କେତେକ ବ୍ୟୟ ଏବଂ ସ୍ୱଚ୍ଛତାର ଅଭାବକୁ ନେଇ ପ୍ରଶ୍ନ ଉଠିଥିଲା। ଏପରି ପ୍ରଶ୍ନ ପରେ ନାଗରିକ ସମାଜ ତଥା ପୂର୍ବ କମିଟିର କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କୁ ଡକାଯାଇ ଜିଲ୍ଲାପାଳଙ୍କ ଦ୍ୱାରା ବୈଠକ ଗୁଡିକ ଅନୁଷ୍ଠିତ ହୋଇଥିଲା। ପ୍ରତି କମିଟିରେ ସରକାରୀ ଅଫିସରଙ୍କୁ ରଖାଯାଇ ଜଣେ ଲେଖାଏଁ ନୋଡାଲ ଅଫିସର ନିଯୁକ୍ତ କରାଗଲା। ଅର୍ଥ କମିଟି ବ୍ୟତୀତ ଅନ୍ୟ କମିଟି ଗୁଡିକରେ ପୂର୍ବ କମିଟିର ସଦସ୍ୟଙ୍କ ମଧ୍ୟରୁ କିଛି କିଛି ଲୋକଙ୍କୁ ସଦସ୍ୟ ଭାବେ ଗ୍ରହଣ କରିବାକୁ ନୋଡାଲ ଅଫିସର ମାନଙ୍କୁ ଦାୟିତ୍ୱ ଦିଆଯାଇଥିବା ବୈଠକର ନିଷ୍ପତ୍ତିରେ ଉଲ୍ଲେଖ କରାଗଲା ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ମାତ୍ର ଶେଷ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଏବଂ ପୂର୍ବ ସଦସ୍ୟ ତଥା କର୍ମକର୍ତ୍ତାଙ୍କୁ କୌଣସି ବି କମିଟିରେ ରଖାଗଲା ନାହିଁ। ଏପରିକି କାହାରି ପରାମର୍ଶ, ମତାମତ ନେବାର ମଧ ଜିଲ୍ଲା ପ୍ରଶାସନ ଆବଶ୍ୟକତା ଅନୁଭବ କଲା ନାହିଁ। ଲୋକଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଲୋକ ମହୋତ୍ସବରେ ସ୍ଥାନୀୟ ସଂସ୍କୃତି ପ୍ରେମୀ, ନାଗରିକ ସମାଜ ଏବଂ ପ୍ରତିବର୍ଷ ଆୟୋଜନରେ ଅବଦାନ ଥିବା ବ୍ୟକ୍ତି ବିଶେଷ କେଉଁ କାରଣରୁ ଅଲୋଡା ହୋଇଗଲେ ବୋଲି ପ୍ରଶ୍ନ କରାଯାଇଛି।

## ଆଜିର ରାଶିଫଳ

**ମେଷ:** ଆଜିଦିନଟି ଶୁଭଫଳ ପ୍ରଦାନ କରିବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ମିଥୁନ:** ଅଚାନକ ଖୁସି ଖବର ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ। ମାନସମ୍ମାନ ବୃଦ୍ଧି ପାଇବ।

**ସିଂହ:** କର୍ମ ଚଞ୍ଚଳ ରହିବେ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଘର ପାଇଁ ନୂଆ ଜିନିଷ କିଣିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରି ପାରନ୍ତି।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିପାରେ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ନିବେଶ କରିବା ପୂର୍ବରୁ ଭଲଭାବେ ଚିନ୍ତା କରନ୍ତୁ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଯୋଜନା ମୁତାବକ କାମ କଲେ ଭଲ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

## ଆଜିର ଇତିହାସ


- ୧୪୩୧- ଫ୍ରାନ୍ସରେ 'ଜୋନ୍ ଅଫ୍ ଆର୍କ'ଙ୍କ ବିରୋଧରେ ମୋକଦ୍ଦମା ଆରମ୍ଭ।
- ୧୭୯୩- ବିଶ୍ୱର ପ୍ରଥମ ହଟ୍ ଏୟାର୍ ବେଲୁନ୍ ଆମେରିକାର ଫିଲ୍‌ଡେଲଫିଆରୁ ଉଡ଼ାଣ ଆରମ୍ଭ କଲା।
- ୧୯୧୫- ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରି ମୁମ୍ବାଇରେ ପହଞ୍ଚିଲେ।
- ୧୯୮୨- ପ୍ରଥମ ଭାରତୀୟ ବୈଜ୍ଞାନିକ ଦଳ ଆଣ୍ଟାର୍କଟିକାରେ ପହଞ୍ଚିଲେ।

## ପ୍ରବାସୀ ଭାରତୀୟ ଦିବସ



ଭାରତର ବିକାଶରେ ପ୍ରବାସୀ ଭାରତୀୟଙ୍କ ଯୋଗଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜାନୁଆରୀ ୯ ତାରିଖକୁ 'ପ୍ରବାସୀ ଭାରତୀୟ ଦିବସ' ଭାବେ ପାଳନ କରାଯାଏ। ୧୯୧୫ ଜାନୁଆରୀ ମାସର ଆଜିର ଦିନରେ ଜାତିର ପିତା ମହାତ୍ମା ଗାନ୍ଧୀ ଆଫ୍ରିକାରୁ ସ୍ୱଦେଶ ଫେରିଥିଲେ। ତେଣୁ ଏହି ଦିନରେ ଏହି ଦିବସ ପାଳନ କରିବା ପାଇଁ ବାଜପେୟୀ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରବାସୀ ଭାରତୀୟ ଦିବସ ପାଳନ କରିବାର ଚିନ୍ତାଧାରା ସ୍ୱର୍ଗୀୟ ଲକ୍ଷ୍ମୀମଲ ସିଂଭିଙ୍କ ପରିକଳ୍ପନା ଥିଲା। ୨୦୦୩ରେ ନୂଆଦିଲ୍ଲୀରେ ପ୍ରଥମ ଥର ପାଇଁ 'ପ୍ରବାସୀ ଭାରତୀୟ ଦିବସ' ପାଳନ କରାଯାଇଥିଲା। ୨୦୦୩ରୁ ଏହାକୁ ପ୍ରତିବର୍ଷ ପାଳନ କରାଯାଉଥିଲା। ୨୦୧୫ରେ କିନ୍ତୁ ଏହି ଦିବସ ଦୁଇ ବର୍ଷରେ ଥରେ ପାଳନର ପ୍ରସ୍ତାବ ରଖାଯାଇଥିଲା। ଏହି ଉପଲକ୍ଷେ 'ପ୍ରବାସୀ ଭାରତୀୟ ସମ୍ମାନ' ପ୍ରଦାନ କରାଯାଏ। ଦେଶ ଉନ୍ନତିରେ ପ୍ରବାସୀଙ୍କ ଯୋଗଦାନ ଥାଏ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଯେକୌଣସି ଦେଶର ନାଗରିକ କାମର ସନ୍ଧାନରେ ନିଜ ଦେଶ ଛାଡ଼ି ଯେତେବେଳେ ଅନ୍ୟ ଦେଶକୁ ଯାଆନ୍ତି ସେମାନଙ୍କୁ 'ପ୍ରବାସୀ' ବୋଲି କୁହାଯାଏ। ଅନ୍ୟପଟେ ଦେଶ ବାହାରୁ ଯାଇ କାମ କରୁଥିବା ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସୁରକ୍ଷା, ଅଧିକାର ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ବିଦେଶରେ ଥିବା ଅନେକ ଭାରତୀୟ, ଭାରତର ଅର୍ଥନୀତିକୁ ସୁଦୃଢ଼ କରିବା ସହ ଦେଶର ପରିଚୟକୁ ଆଗକୁ ବଢ଼ାଉଛନ୍ତି। ସେମାନଙ୍କୁ ସମ୍ମାନ ଜଣାଇବା ସହ ବିଦେଶରେ ରହୁଥିବା ପ୍ରତିଟି ଭାରତୀୟଙ୍କୁ ସମର୍ଥନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ। ଜାତିସଂଘର ଏକ ରିପୋର୍ଟ ଅନୁସାରେ, ବିଶ୍ୱରେ ସବୁଠୁ ଅଧିକ ପ୍ରବାସୀ ଭାରତୀୟ ଅଛନ୍ତି। ଏହି ଦିନ ପ୍ରବାସୀ ଭାରତୀୟଙ୍କ ସଫଳତା ବାବଦରେ ଭାରତବାସୀଙ୍କୁ ଅବଗତ କରାଯାଏ। ସେହିପରି ଭାରତର ଯୁବପିଢ଼ିଙ୍କୁ ପ୍ରବାସୀଙ୍କ ସହ ଯୋଡ଼ିବା ମଧ୍ୟ ଏହାର ଅନ୍ୟତମ ଉଦ୍ଦେଶ୍ୟ। ଏହାବାଦ୍ ବିଦେଶରେ ରହୁଥିବା ଭାରତୀୟ ଶ୍ରମିକମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ସେ ସମ୍ପର୍କରେ ଆଲୋଚନା କରାଯାଏ। ଏହି ଅବସରରେ ତିନି ଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଏହା ସହ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ପ୍ରବାସୀ ଭାରତୀୟଙ୍କୁ ଏହି ଅବସରରେ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରାଯାଏ।

## ଅଶୁଭ ଗୀତ



ସଙ୍ଗୀତ କେବଳ ମାନସିକ ଶାନ୍ତି ପ୍ରଦାନ କରେ ନାହିଁ ବରଂ ଆମକୁ ଖୁସି ରଖିବାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଯେଉଁ ଶବ୍ଦ ଖୁସିରେ କନ୍ଦେଇ ପାରେ, ଦୁଃଖରେ ହସେଇ ପାରେ ତାହା ହିଁ ସଙ୍ଗୀତ। ତେଣୁ ସୁଖ ହେଉ ବା ଦୁଃଖରେ ଲୋକେ ଗୀତ ଶୁଣିଥାନ୍ତି। ହେଲେ ଏମିତି ଏକ ଗୀତ ରହିଛି ଯାହାକୁ ଶୁଣି ଲୋକେ ଆତ୍ମହତ୍ୟା କରି ଦେଉଥିଲେ। ଏହି ଗୀତକୁ ବିଶ୍ୱର ସବୁଠୁ ଅଶୁଭ ଗୀତ ଭାବେ ବିବେଚନା କରାଯାଏ। 'ଗ୍ଲୁମି ସଣ୍ଡେ' ନାଁରେ ଜଣାଶୁଣା ଏହି ଗୀତଟିକୁ ୧୯୩୩ ମସିହାରେ ହଙ୍ଗେରୀର ପ୍ରସିଦ୍ଧ କଣ୍ଠଶିଳ୍ପୀ ରେଜୋ ସେରେସ ଏବଂ ଲେଜଲୋ ଲେଖିଥିଲେ। ୧୯୩୫ ମସିହାରେ ଗୀତଟି ରିଲିଜ୍ ହେବାର କିଛି ସମୟ ପରେ ଜଣେ ବ୍ୟକ୍ତି ଏହି ଗୀତ ଶୁଣି ଆତ୍ମହତ୍ୟା କରିଥିଲେ। ମରିବା ପୂର୍ବରୁ ସେ ତାଙ୍କ ନୋଟ୍ ପ୍ୟାଡ୍‌ରେ ଏହି ଗୀତଟି ବିଷୟରେ ଉଲ୍ଲେଖ କରିଥିଲେ। କେବଳ ସେତିକି ନୁହେଁ, ଏହି ଗୀତର ସଂଯୋଜନା କରିଥିବା ବ୍ୟକ୍ତିଙ୍କର ଭାବି ପତ୍ନୀ ମଧ୍ୟ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହାପରେ ଏହି ଗୀତକୁ ନେଇ ସବୁଠି ଚର୍ଚ୍ଚା ହେବାକୁ ଲାଗିଲା। ଏହି ଗୀତଟି ପ୍ରେମରେ ହୃଦୟ ଭାଙ୍ଗିବା ଏବଂ ଏକାକୀତ୍ୱ କାହାଣୀ ବଖାଣି ଥାଏ। ଗୀତର ବୋଲ୍‌ଗୁଡ଼ିକ ଶୁଣି ଜଣେ ବ୍ୟକ୍ତି ନିଜର ଯନ୍ତ୍ରଣାକୁ ମନେ ପକାଇ ମାନସିକସ୍ତରରେ ଦୁର୍ବଳ ହୋଇ ପଡୁଥିଲେ। ୧୯୬୮ ମସିହାରେ ଗୀତ ଲେଖିଥିବା ରେଜୋ ସେରେସ୍ ନିଜେ ବି ଆତ୍ମହତ୍ୟା କରିଥିଲେ। ପରେ ପରେ ଭିନ୍ନ ଭିନ୍ନ ଦେଶରେ ଏହି ଗୀତ ସହିତ ଜଡିତ ଅନେକ ମୃତ୍ୟୁ ମାମଲା ସାମ୍ନାକୁ ଆସିଲା। ଲଗାତାର ଏହି ଗୀତ ଯୋଗୁ ଆତ୍ମହତ୍ୟା ମାମଲା ବୃଦ୍ଧି ପାଇବା ପରେ ଅନେକ ସ୍ଥାନରେ ଏହାକୁ ଦୀର୍ଘ ୬୨ ବର୍ଷ ପର୍ଯ୍ୟନ୍ତ ନିଷିଦ୍ଧ କରାଗଲା। ସ୍ଥିତି ଟିକେ ଭଲ ହେବାରୁ ୨୦୦୩ ମସିହାରେ ଏହାକୁ ବିବାଦୀୟ ଗୀତରୁ ନିଷେଧ ପ୍ରତ୍ୟାହାର କରାଯାଇଥିଲା। ଆଜି ବି ଏହି ଗୀତର କାହାଣୀ ଲୋକଙ୍କୁ ଭୟଭୀତ କରିଥାଏ।

## ୨୦୨୭ରେ 'ବାରାଣସୀ'



ଚଳିତବର୍ଷ ଯେଉଁ ଫିଲ୍ମ ତିନୋଟିକୁ ନେଇ ଅଧିକ ଚର୍ଚ୍ଚା ହେଉଛି ତାହା ହେଉଛି ରଣବୀର କପୁରଙ୍କ 'ରାମାୟଣ', ମହେଶ ବାବୁଙ୍କ 'ବାରାଣସୀ' ଓ ଅଲ୍ଲୁ ଅର୍ଜୁନ୍‌ଙ୍କ 'A6xA22'। ସବୁଠୁ ବଡ଼ କଥା ହେଉଛି, ଏହି ଫିଲ୍ମଗୁଡ଼ିକ ସେମାନଙ୍କର ବଜେଟ୍ ପାଇଁ ଅଧିକ ଚର୍ଚ୍ଚାରେ। ଏସ୍. ଏସ୍ ରାଜମୌଲିଙ୍କ ଫିଲ୍ମ 'ବାରାଣସୀ'ର ବଜେଟ୍ ରହିଛି ୧୩୦୦ କୋଟି। ଏଥିରେ ମହେଶ ବାବୁ ଓ ପ୍ରିୟଙ୍କା ଚୋପ୍ରା ଲିଡ୍ ରୋଲରେ ନଜର ଆସିବେ। ପୃଥ୍ୱୀରାଜ ସୁକୁମାରନ୍ ଏଥିରେ ଖଳନାୟକ ଭାବେ ଦେଖାଯିବେ। ଏହି ଫିଲ୍ମକୁ ନେଇ ଅନେକ ସମୟରେ ଖବର ଆସୁଥିବାବେଳେ ଏହାର ରିଲିଜ୍ ସମ୍ପର୍କରେ ଏବେ ଜଣାପଡ଼ିଛି। 'ବାରାଣସୀ'କୁ ଏପ୍ରିଲ୍ ୯, ୨୦୨୭ରେ ରିଲିଜ୍ କରିବା ପାଇଁ ଏହାର ପ୍ରଯୋଜକ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ରାମ ନବମୀକୁ ଆଖି ଆଗରେ ରଖି ଏହାର ପ୍ରଯୋଜକ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ତେବେ ଏନେଇ ବିଧିବଦ୍ଧ ଭାବେ କିଛି ସୂଚନା ଆସି ନାହିଁ। ଏହି ଫିଲ୍ମ ପାଇଁ ମହେଶବାବୁ ପାରିଶ୍ରମିକ ବାବଦରେ ଟଙ୍କାଟିଏ ବି ନେଇ ନାହାନ୍ତି। ଅବଶ୍ୟ ସେ ଫିଲ୍ମର ଲାଭରୁ ସେୟାର୍ ନେବେ। ପ୍ରିୟଙ୍କା ଏଥିରେ ପାରିଶ୍ରମିକ ବାବଦକୁ ୩୦ କୋଟି ନେଇଥିବା ଚର୍ଚ୍ଚା ହେଉଛି।

## ସଞ୍ଜୀବନୀ



## ୟୁଏସିଆର୍ ଟେଷ୍ଟ



**ବୃକ୍କ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରରୁ ରକ୍ତ ସଫା କରିଥାଏ। କୌଣସି କାରଣରୁ ଏହା ଖରାପ ହେଲେ ପରିସ୍ରାରେ ପ୍ରୋଟିନ୍ ଆସିଥାଏ। ତେଣୁ ବୃକ୍କଜନିତ ରୋଗ ଚିହ୍ନଟ ପାଇଁ ୟୁଏସିଆର୍ (ୟୁରିନ୍ ଆଲବୁମିନ୍-ଟୁ-କ୍ରିଏଟିନାଇନ୍ ରେସିଓ) ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା।**

ଉଚ୍ଚ ରକ୍ତଚାପ ଓ ମଧୁମେହ ପରି ରୋଗ ନିୟନ୍ତ୍ରଣରେ ନ ରହିଲେ ବୃକ୍କ ପ୍ରଭାବିତ ହୁଏ। ଅନ୍ୟାନ୍ୟ କାରଣରୁ ବୃକ୍କଜନିତ ସମସ୍ୟା ହେଲେ ଏହାର କାର୍ଯ୍ୟକ୍ଷମତା ଜାଣିବାକୁ ୟୁଏସିଆର୍ ପରୀକ୍ଷା କରାଯାଏ। ଏହା ଏକ ମୂତ୍ର ପରୀକ୍ଷା। ପରିସ୍ରାରେ ଆଲବୁମିନ୍ ନାମକ ପ୍ରୋଟିନ୍ ରହିଲେ ବୃକ୍କ ଖରାପର ସଙ୍କେତ ଦିଏ। ତେଣୁ ମୂତ୍ରରେ ପ୍ରୋଟିନ୍ (ଆଲବୁମିନ୍) ଏବଂ ବର୍ଜ୍ୟ ଉତ୍ପାଦ (କ୍ରିଏଟିନିନ୍) ସ୍ତର ରହିଛି କି ନାହିଁ ଯାଞ୍ଚ କରିବାକୁ ଏହି ପରୀକ୍ଷା କରାଯାଇଥାଏ। ଏହି ଅନୁପାତ ବୃକ୍କ ରକ୍ତରୁ ପ୍ରୋଟିନ୍ ସଠିକ୍ ମାତ୍ରାର ଛାଣି ପାରୁଛି କି ନାହିଁ ତାହା ଜଣାଏ। ବୃକ୍କର ସ୍ୱାସ୍ଥ୍ୟାବସ୍ଥାକୁ ମଧ୍ୟ ସୂଚାଇଥାଏ। ଗମ୍ଭୀର ରୋଗାବସ୍ଥାକୁ ପ୍ରାଥମିକସ୍ତରରୁ ଚିହ୍ନଟ ପାଇଁ ମଧ୍ୟ ଏହି ପରୀକ୍ଷା କରାଯାଇଥାଏ। ତେବେ ୩୦ଏମ୍‌ଜି/ଜିରୁ ଉପରସ୍ତରକୁ ସାଧାରଣସ୍ତରଠାରୁ ଅଧିକ ମନାଯାଏ। ତେଣୁ ଡାକ୍ତରଙ୍କ ପରାମର୍ଶରେ ଏହି ପରୀକ୍ଷା କରିବା ଆବଶ୍ୟକ।

## ପିଲାଙ୍କୁ ବି ଉଚ୍ଚ ରକ୍ତଚାପ !

'ସକାଳ'ର ସ୍ୱାସ୍ଥ୍ୟ



**ଅତ୍ୟାଧୁନିକ ଜୀବନଶୈଳୀ, ଖାଦ୍ୟପେୟରେ ଅସାବଧାନତା, ଦୁଶ୍ଚିନ୍ତା ଆଦି ଯୋଗୁଁ ଅଧିକାଂଶ ଉଚ୍ଚ ରକ୍ତଚାପରେ ପୀଡ଼ିତ। ବୟସ୍କଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଏ। ଚିନ୍ତାର ବିଷୟ ମେଦବହୁଳତା, ଜଙ୍କଫୁଡ୍ ସେବନ, ଶାରୀରିକ ନିଷ୍କ୍ରିୟତା ଆଦି କାରଣରୁ ପିଲାମାନେ ବି ଉଚ୍ଚ ରକ୍ତଚାପର ଶିକାର ହୋଇପାରନ୍ତି।**

ପିଲାଙ୍କଠାରେ ଆରମ୍ଭରୁ ଲକ୍ଷଣ ଜଣାପଡ଼େନି। କେବେ କେବେ ମୁଣ୍ଡବିନ୍ଧା, ଥକ୍କାପଣ ଦେଖାଯାଏ। ଏହାକୁ ଅଣଦେଖା କଲେ, ହୃଦ୍‌ପିଣ୍ଡ, ମସ୍ତିଷ୍କଜନିତ ସମସ୍ୟା ହୁଏ। ସର୍ବେକ୍ଷଣ ଅନୁସାରେ, ପ୍ରୋସେସ୍ଡ ଏବଂ ଜଙ୍କଫୁଡ୍‌ରେ ଥିବା ଲୁଣ ଓ ଶର୍କରା ସେବନ ଯୋଗୁ ପ୍ରତି ପାଞ୍ଚରୁ ଜଣେ ପିଲା ମେଦବହୁଳତାର ଶିକାର ହୋଇଥାନ୍ତି। ପରିବା ନ ଖାଇବା, ଫୋନ୍ ବ୍ୟବହାର, ବଂଶାନୁଗତ ରୋଗ, ବୃକ୍କ କିମ୍ବା ହୃଦ୍‌ଜନିତ ସହ ଜଡ଼ିତ ଜନ୍ମଜାତ ସମସ୍ୟା ଥିବା ପିଲାଙ୍କୁ ଏହି ରୋଗ ଆଶଙ୍କା ଅଧିକ। ୧୨ ବର୍ଷ ସୁଦ୍ଧା ପିଲାଙ୍କ ହୃଦ୍‌ପିଣ୍ଡର ମାଂସପେଶୀ ମୋଟା ହୁଏ। କିଶୋରାବସ୍ଥାରେ ଧମନୀରେ ପ୍ଲାକ୍ ଜମି ଭବିଷ୍ୟତରେ ଷ୍ଟ୍ରୋକ, ମଧୁମେହ ଆଶଙ୍କାକୁ ବଢ଼ାଏ। ତେଣୁ ଆରମ୍ଭରୁ ରୋଗ ଚିହ୍ନଟ କରି ପିଲାଙ୍କୁ ସନ୍ତୁଳିତ ଖାଦ୍ୟ ଦେବା ଜରୁରି। ନିୟମିତ ବ୍ୟାୟାମ ଓ ଆବଶ୍ୟକସ୍ଥଳେ ଚିକିତ୍ସା ଦ୍ୱାରା ଏହି ସମସ୍ୟା କିଛି ମାତ୍ରାରେ ଏଡାଇ ଦିଆ ଯାଇପାରେ।

## କମ୍ ବୟସରୁ କେଶ ଧଳାର କାରଣ


**ବୟସ ବଢ଼ିଲେ କେଶ ଧଳା ହୁଏ। ବର୍ତ୍ତମାନ ୧୮ ବର୍ଷରୁ କମ୍ ବୟସର ପିଲାଙ୍କ କେଶ ଧଳା ହେଉଛି। ବଂଶାନୁଗତ ରୋଗ, ପ୍ରଦୂଷଣ, ଚାପ, ହରମୋନ୍ ଅସନ୍ତୁଳନ, ପୋଷଣର ଅଭାବ ଆଦି କେଶ ଧଳା ହେବାର ମୁଖ୍ୟ କାରଣ।**

ପ୍ରଦୂଷଣ ଏବଂ ଅକ୍ସିଡେଟିଭ ଚିନ୍ତା କେଶ ମୂଳକୁ କ୍ଷତି ପହଞ୍ଚାଏ। ଫଳରେ ମେଲାନିନ କ୍ଷରଣ ଯୋଗୁଁ କେଶର ପ୍ରାକୃତିକ ରଙ୍ଗରେ ପରିବର୍ତ୍ତନ ହୁଏ। ସେହିପରି ହର୍‌ମୋନ ଅସନ୍ତୁଳନ ମଧ୍ୟ ଯୁବାଙ୍କଠାରେ କେଶ ଧଳା କରିବାର ମୁଖ୍ୟ କାରଣ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଖାଦ୍ୟପେୟ କେଶ ଧଳା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ପ୍ରୋସେସ୍ଡ ଖାଦ୍ୟରେ ପୋଷକତତ୍ତ୍ୱ କମ୍ ଥାଏ। ଏହାଦ୍ୱାରା କେଶରେ ପୋଷଣ, ଭିଟାମିନ୍ ଏବଂ ମିନେରାଲ ଅଭାବରୁ ମେଲାନିନ୍ ନଷ୍ଟ ହୁଏ। କେଶ ଧଳା ହୁଏ। ରାସାୟନିକଯୁକ୍ତ ଉତ୍ପାଦ ଯଥା-ସାମ୍ପୋ, ହେୟାର ଡାଇ, ଷ୍ଟାଇଲିଂ ଉତ୍ପାଦରେ ସଲ୍‌ଫେଟ୍, ପାରାବେନ୍ ପରି କ୍ଷତିକାରକ ରାସାୟନିକ କେଶର ପ୍ରାକୃତିକ ରଙ୍ଗକୁ ନଷ୍ଟ କରି। ବିଶେଷ କରି ଭିଟାମିନ୍ ବି ୧୨, ବି ୫ ଅଭାବରୁ କେଶ ଜନିତ ସମସ୍ୟା ଦେଖାଦିଏ। ଏଥିରୁ ବର୍ତ୍ତିବା ପାଇଁ ଲୌହସାର, ଜିଙ୍କ୍, ଫଲିକ ଏସିଡ୍, ଭିଟାମିନ୍ ଡି-୩', ସବୁଜ ପନି ପରିବା, ଡ୍ରାଏଫ୍ରୁଟ, ବିଟ୍, ଦୁଗ୍ଧ ଜାତୀୟ ଖାଦ୍ୟ, ଅଁଳା, ଲେମ୍ବୁ ଆଦି ସେବନ କରିପାରିବେ। ଏହାସହ ଚିନ୍ତାମୁକ୍ତ ରହିବା ଜରୁରି। ଅଚାନକ କେଶ ଧଳା ହେଉଥିଲେ, ଥାଇରଏଡ୍ ଏବଂ ହରମୋନ୍ ପରୀକ୍ଷା କରାଇ ପାରିବେ।



## ଥାଲାସେମିଆ ପାଇଁ ନୂତନ ଔଷଧ



ଥାଲାସେମିଆ ଏକ ପ୍ରମୁଖ ସମସ୍ୟା। ଏହା ବଂଶାନୁଗତ ରୋଗ ତଥା ରକ୍ତସହିତ ଜଡିତ ରୋଗ। ଏହା ଯୋଗୁ ଶରୀରରେ ହିମୋଗ୍ଲୋବିନ୍ ( ଲୋହିତ ରକ୍ତକଣିକାରେ ଥିବା ପ୍ରୋଟିନ୍) ସୃଷ୍ଟି ହୋଇପାରେ ନାହିଁ। ଲୋହିତ ରକ୍ତକଣିକା ଶୀଘ୍ର ନଷ୍ଟ ହୋଇଯାଏ। ରକ୍ତାଭାବରୁ ଥକ୍କା, ଦୁର୍ବଳ, ଜ୍ୱର ଆଦି ଲକ୍ଷଣ ଦେଖାଯାଏ। ପୀଡ଼ିତଙ୍କୁ ପ୍ରତିମାସ ରକ୍ତ ଦିଆ ଯାଇଥାଏ। ଖୁସିର କଥା, ଥାଲାସେମିଆ ପୀଡ଼ିତଙ୍କ ପାଇଁ ପ୍ରଥମ ଥର ଓରାଲ ଡ୍ରଗ୍ ଆସିଛି। ଏହାର ନାଁ ମିଟାପିଭେଟ୍ ରହିଛି। ଆମେରିକା ଖାଦ୍ୟ ଏବଂ ଔଷଧ ପ୍ରଶାସନ ଏହାକୁ ଅନୁମୋଦନ ଦେଇଛନ୍ତି। ଏହି ଔଷଧ ଆଲ୍‌ଫା ଥାଲାସେମିଆ ଏବଂ ବିଟା-ଥାଲାସେମିଆ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟବହାର କରାଯିବ। ପୀଡ଼ିତଙ୍କୁ ବାରମ୍ବାର ରକ୍ତ ନେବାକୁ ପଡ଼ିବନି। ଏହି ଔଷଧ ଶରୀରର ପାଇରୁଭେଟ କାଇନେଜ୍ ନାମକ ଏନ୍‌ଜାଇମ୍‌କୁ ସକ୍ରିୟ କରିବ। ଲୋହିତ ରକ୍ତ କଣିକାକୁ ନଷ୍ଟ ହେବାରୁ ବଞ୍ଚାଇବ। ଏହା ହିମୋଗ୍ଲୋବିନ୍‌ସ୍ତରକୁ ବଢ଼ାଇବାରେ ସାହାଯ୍ୟ କରିବ। ଏହି ଔଷଧ ଉପରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଅଧିକ ଗବେଷଣା କରୁଛନ୍ତି। ଏହା ଫଳପ୍ରଦ ହେଲେ ଆଗାମୀ ଦିନରେ ଥାଲାସେମିଆ ପୀଡ଼ିତଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ।

## ସୁସ୍ୱାସ୍ଥ୍ୟ ପାଇଁ ଅଳେଇଚ ପାଣି

ଆୟୁର୍ବେଦରେ ବଡ଼ ଅଳେଇଚ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ସି, ବି୩, ବି୬, ବି୩, କ୍ୟାଲସିୟମ୍, ଆଣ୍ଟିଇନ୍‌ଫ୍ଲାମେଟରୀ ଗୁଣ ଥାଏ। ତେଣୁ ସୁସ୍ୱାସ୍ଥ୍ୟ ପାଇଁ ସକାଳୁ ଖାଲି ପେଟରେ ବଡ଼ ଅଳେଇଚ ପାଣି ପିଇବା ହିତକର।

ବଡ଼ ଅଳେଇଚକୁ ୪ରୁ୫ ମିନିଟ୍ ଫୁଟାଇ କପ୍‌ରେ ଛାଣି ଅଳ୍ପ ମହୁ ମିଶାଇ ପିଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ। କୋଷ୍ଠକାଠିନ୍ୟ, ବଦହଜମି ତଥା ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ। ମୁଖ ଗହ୍ୱର ଦୁର୍ଗନ୍ଧ ଦୂର କରିଥାଏ।

ଏହା ରକ୍ତଚାପ ନିୟନ୍ତ୍ରଣ, ଫୁସ୍‌ଫୁସ୍‌ରୁ ବିଷାକ୍ତ ପଦାର୍ଥ ବାହାର କରିପାରେ। ଓଜନ କମାଏ। ଏହାର ନିୟମିତ ସେବନ ଦ୍ୱାରା ଚିନ୍ତା ଦୂର ହୁଏ। ଚିକିତ୍ସକଙ୍କ ପରାମର୍ଶରେ ସପ୍ତାହକୁ ୩ରୁ ୪ ଦିନ ପିଇପାରିବେ। ଗର୍ଭବତୀ ମହିଳା, ପେଟ ରୋଗୀ, ଆଲର୍ଜି, ସର୍ଜରୀ ପୂର୍ବ ତଥା ପରେ, ନିମ୍ନ ରକ୍ତଚାପ ପୀଡ଼ିତ ଏହାକୁ ସେବନ କରିବା ଅନୁଚିତ।



# ସିରିଜ୍‌ରେ ଷ୍ଟାର୍କ, ମ୍ୟାଚ୍‌ରେ ହେଡ୍ ଶ୍ରେଷ୍ଠ



ମେଲବୋର୍ଣ୍ଣ,୮।୧(ଏଜେନ୍ସି): ଇଂଲଣ୍ଡକୁ ୫ମ ତଥା ଶେଷ ଟେଷ୍ଟରେ ୫ ୱିକେଟରେ ହରାଇ ଅଷ୍ଟ୍ରେଲିଆ ତାହାର ଆସେ୍ ଅଭିଯାନ ଶେଷ କରିଛି। ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଅଷ୍ଟ୍ରେଲିଆ ୪-୧ରେ ଜିତିନେଇଛି। କିନ୍ତୁ ଏହାକୁ ମିଶାଇ ଇଂଲଣ୍ଡ ଦଳ ୩ଥର ଆସେସ୍ ଖେଳିବାକୁ ଆସି ଚଳିତ ସିରିଜ୍‌ରେ ପ୍ରଥମ ବିଜୟ ହାସଲ କରିଛି। ୫ମ ତଥା ଶେଷ ଟେଷ୍ଟରେ ଇନିଂସ ଓପନ କରି ପ୍ରଥମ ଇନିଂସରେ ୧୬୩ ଓ ଦ୍ୱିତୀୟ ଇନିଂସରେ ୨୯ ରନ୍ କରିଥିବା ଅଷ୍ଟ୍ରେଲିଆର ଟ୍ରାଭିସ୍ ହେଡ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ଚଳିତ ସିରିଜ୍‌ରେ ହାରାହାରି ଘଣ୍ଟାପ୍ରତି ୧୪୦ କିଲୋମିଟରରୁ ଅଧିକ ବେଗରେ ବୋଲିଂ କରି ୩୧ଟି ୱିକେଟ ନେବା ସହ ଦୁଇଟି ଅର୍ଦ୍ଧଶତକୀୟ ପାଳି ଖେଳି ୧୫୬ ରନ୍ କରିଥିବା ଅଷ୍ଟ୍ରେଲିଆର ବାମହାତୀ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

**ଅଷ୍ଟ୍ରେଲିଆ ୪-୧ରେ ଜିତିଲା ଆସେସ୍**

ଏହି ମ୍ୟାଚ୍‌ର ଆଜି ୫ମ ଦିନରେ ଜ୍ୟାକବ ବେଥେଲଙ୍କ ୧୫୪ ରନ୍ ସହାୟତାରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ୩୪୨ ରନ୍‌ରେ ଶେଷ ହୋଇଥିଲା। ଏହା ଫଳରେ ମ୍ୟାଚ୍ ଜିତିବାକୁ ଅଷ୍ଟ୍ରେଲିଆ ଆଗରେ ୧୬୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ଓପନିଂ ଯୋଡ଼ିରେ ୬୨ ଓ ଅବିଭକ୍ତ ୬ଷ୍ଠ ୱିକେଟ ଯୋଡ଼ିରୁ କାମେରନ ଗ୍ରୀନ୍ ଓ ଆଲେକ୍ସ କାରୀ ୪୯ ବଲ୍‌ରୁ ୪୦ ରନ୍ ଉଠାଇବା ଫଳରେ ଅଷ୍ଟ୍ରେଲିଆ ମାତ୍ର ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ଏହି ବିଜୟ ସହ ଅଷ୍ଟ୍ରେଲିଆ ୪-୧ ବ୍ୟବଧାନରେ ଆସେସ ସିରିଜ୍‌କୁ କବ୍‌ଜା କରିଥିଲା।

## ଆଜିଠୁ ମହିଳା ପ୍ରିମିଅର ଲିଗ୍-୪

# ମୁମ୍ବାଇ ଇଣ୍ଡିଆନ୍ସ-ଆରସିବି ଉଦ୍‌ଘାଟନୀ ଲଢ଼େଇ

ମୁମ୍ବଇ, ୮।୧(ଏଜେନ୍ସି):

ମହିଳା ଆଇପିଏଲ୍ ତଥା ଓମେନ ପ୍ରିମିଅର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ର ୪ର୍ଥ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବାକୁଯାଉଛି। ବିଭିନ୍ନ ଦେଶର ମହିଳା କ୍ରିକେଟରଙ୍କୁ ନେଇ ଖେଳାଯାଉଥିବା ଏହି ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍‌ରେ ଏଥର ୫ଟି ଟିମ୍ ମଧ୍ୟରେ ଲଢ଼େଇ ହେବ। ଡିଫେଣ୍ଡିଂ ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ମହିଳା କ୍ରିକେଟ ଦଳ ଉଦ୍‌ଘାଟନୀ ଦିବସରେ ପରସ୍ପରକୁ ଭେଟିବେ। ନଭି ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ହରମନପ୍ରୀତ୍ କୌର ମୁମ୍ବାଇ ଏବଂ ସ୍ମୃତି ମନ୍ଧାନା ଆରସିବି ଦଳର ନେତୃତ୍ୱ ନେଉଛନ୍ତି। ମୁମ୍ବାଇ ୨୦୨୩ରେ ପ୍ରଥମ ସଂସ୍କରଣ ଏବଂ ୨୦୨୫ରେ ତୃତୀୟ ସଂସ୍କରଣରେ ଟାଇଟଲ୍ ଜିତିଥିଲା। ସେହିଭଳି ୨୦୨୪ରେ ଆରସିବି ବାଜିମାତ୍ କରିଥିଲା। ତେଣୁ ଶୁକ୍ରବାର ଖେଳାଯିବାକୁ ଥିବା ଉଦ୍‌ଘାଟନୀ ଲଢ଼େଇ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ଏହି ଲିଗ୍‌ରେ ଅଂଶଗ୍ରହଣ କରୁଥିବା ଅନ୍ୟ ୩ଟି ଦଳ ହେଲେ ଗୁଜରାଟ ଜାଏଣ୍ଟସ, ୟୁପି ୱାରିୟର୍ଜ ଓ ଦିଲ୍ଲୀ କ୍ୟାପିଟାଲ୍ସ। ଅଷ୍ଟ୍ରେଲୀୟ ତାରକା ଆସଲେ ଗାର୍ଡନର, ମେଗ୍ ଲାନିଂ



ଓ ଜେମିମା ରୋଡ୍ରିଗ୍ସେଜ ଯଥାକ୍ରମେ ଏହି ୩ଟି ଦଳର ଦଳର ନେତୃତ୍ୱ ନେଉଛନ୍ତି। ରାଉଣ୍ଡ-ରବିନ ଫର୍ମାଟ୍‌ରେ ମ୍ୟାଚ୍ ଖେଳାଯିବ। ପ୍ରତି ଦଳ ପରସ୍ପରକୁ ୨ଥର ଲେଖାଏ ଭେଟିବେ। ଏହାପରେ ପଏଣ୍ଟ ଟେବଲର ଶୀର୍ଷ ସ୍ଥାନ ଅଧିକାର କରିଥିବା ଦଳ ସିଧାସଳଖ ଫାଇନାଲକୁ ପ୍ରବେଶ କରିବ। ଏହାପରେ ୨ୟ ଓ ୩ୟ ସ୍ଥାନିତ ଦଳ ମଧ୍ୟରେ ଏଲିମିନେଟର ମୁକାବିଲା ହେବ। ଏହାର ବିଜେତା ଫେବୃଆରୀ ୫ରେ ଶୀର୍ଷ ସ୍ଥାନିତ ଦଳ ସହ ଫାଇନାଲ ଖେଳିବ। ଫାଇନାଲକୁ ମିଶାଇ ମୋଟ୍ ୨୨ଟି ମ୍ୟାଚ୍ ଏଥର ଅନୁଷ୍ଠିତ ହେବ।

**ନବୀ ମୁମ୍ବଇରେ ହେବାକୁ ଥିବା ମ୍ୟାଚ୍‌ସୂଚୀ**

| ତାରିଖ | ମ୍ୟାଚ୍ | ସମୟ |
|---|---|---|
| ୯ ।୧ | ମୁମ୍ବାଇ-ବେଙ୍ଗାଲୁରୁ | ରାତି ୭ଟା ୩୦ |
| ୧୦ ।୧ | ଗୁଜରାଟ-ୟୁପି | ଅପରାହ୍ଣ ୩ଟା ୩୦ |
| ୧୦ ।୧ | ମୁମ୍ବାଇ-ଦିଲ୍ଲୀ | ରାତି ୭ଟା ୩୦ |
| ୧୧ ।୧ | ଦିଲ୍ଲୀ-ଗୁଜରାଟ | ରାତି ୭ଟା ୩୦ |
| ୧୨ ।୧ | ବେଙ୍ଗାଲୁରୁ-ୟୁପି | ରାତି ୭ଟା ୩୦ |
| ୧୩ ।୧ | ମୁମ୍ବାଇ-ଗୁଜରାଟ | ରାତି ୭ଟା ୩୦ |
| ୧୪ ।୧ | ଦିଲ୍ଲୀ-ୟୁପି | ରାତି ୭ଟା ୩୦ |
| ୧୫ ।୧ | ମୁମ୍ବାଇ-ୟୁପି | ରାତି ୭ଟା ୩୦ |
| ୧୬ ।୧ | ଗୁଜରାଟ-ବେଙ୍ଗାଲୁରୁ | ରାତି ୭ଟା ୩୦ |
| ୧୭ ।୧ | ମୁମ୍ବାଇ-ୟୁପି | ଅପରାହ୍ଣ ୩ଟା ୩୦ |
| ୧୭ ।୧ | ଦିଲ୍ଲୀ-ବେଙ୍ଗାଲୁରୁ | ରାତି ୭ଟା ୩୦ |

ବି.ଦ୍ର.: ସମସ୍ତ ମ୍ୟାଚ୍ ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ ଓ ଜିଓ ହଟ୍‌ଷ୍ଟାରରେ ପ୍ରସାରିତ ହେବ।

### ନବୀ ମୁମ୍ବଇ ଓ ବରୋଦାରେ ମ୍ୟାଚ୍

ଏଥର ୨ଟି ଭେନ୍ୟୁରେ ସମ୍ପୂର୍ଣ୍ଣ ପ୍ରତିଯୋଗିତା ଖେଳାଯିବ। ନବୀ ମୁମ୍ବଇର ଡିୱାଇ ପାଟିଲ ଏବଂ ବରୋଦା କ୍ରିକେଟ୍ ସଂଘ ଷ୍ଟାଡିୟମରେ ମ୍ୟାଚ୍ ଅନୁଷ୍ଠିତ ହେବ। ଡିୱାଇ ପାଟିଲରେ ଉଦ୍‌ଘାଟନୀ ଓ ବରୋଦାରେ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

### ଚାମ୍ପିଅନ ଦଳ ପାଇବ ୬ କୋଟି

ପାଖାପାଖି ଏକମାସ ଧରି ଖେଳାଯିବାକୁ ଥିବା ମହିଳା ପ୍ରିମିଅର ଲିଗ୍‌ର ଏହି ୪ର୍ଥ ସଂସ୍କରଣରେ ଯେଉଁ ଦଳ ଚାମ୍ପିଅନ ହେବ ୬ କୋଟି ଟଙ୍କା ପୁରସ୍କାର ପାଇବ। ସେହିଭଳି ରନର୍ସଅପ୍ ଦଳକୁ ଏହାର ଅଧା ଅର୍ଥାତ ୩ କୋଟି ଟଙ୍କା ଦିଆଯିବ। ପ୍ରତି ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ଏକ ଲକ୍ଷ ଏବଂ ଫାଇନାଲର ଶ୍ରେଷ୍ଠ ଖେଳାଳି ୨.୫ ଲକ୍ଷ ଟଙ୍କା ପୁରସ୍କାର ପାଇବେ। ଏହାବାଦ୍ ସର୍ବାଧିକ ରନ, ୱିକେଟ୍ ହାସଲକାରୀ ଏବଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

### ହନି ସିଂହ-ଜ୍ୟାକ୍‌ଲିନଙ୍କ ଶୋ’

ଡବ୍ଲ୍ୟୁପିଏଲ୍-୪ର ପ୍ରଥମ ମ୍ୟାଚ୍ ପୂର୍ବରୁ ଆୟୋଜକ ବିସିସିଆଇ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଯେଉଁଥିରେ ମ୍ୟୁଜିକାଲ ସେନସେସନ ହନି ସିଂହଙ୍କ ସହ ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ ଦର୍ଶକଙ୍କ ମନୋରଞ୍ଜନ କରିବେ। ୨୦୨୧ ମିସ୍ ୟୁନିଭର୍ସ ହରନାଜ ସାନ୍ଧୁ ମଧ୍ୟ ଉପସ୍ଥିତ ରହିବେ।

### ପେରୀ-ସଦରଲାଣ୍ଡଙ୍କ ଅନୁପସ୍ଥିତି

ଏଥର କିଛି ତାରକା ଖେଳାଳିଙ୍କୁ ଟୁର୍ଣ୍ଣାମେଣ୍ଟରେ ଦେଖିବାକୁ ମିଳିବ ନାହିଁ। ସେମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ ଦୁଇ ଖେଳାଳି ଏଲିସେ ପେରୀ ଓ ଆନାବେଲ୍ ସଦରଲାଣ୍ଡ ରହିଛନ୍ତି। ଉଭୟ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରିଯାଇଛନ୍ତି। ଆରସିବି ପାଇଁ ୨୫ଟି ମ୍ୟାଚ୍ ଖେଳି ପେରୀ ୩ଟି ସିଜନରେ ୯୭୨ ରନ ସହ ୧୪ଟି ୱିକେଟ୍ ନେଇଛନ୍ତି।

# ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ମହୋତ୍ସବରେ ୪୫ ଲକ୍ଷ ପୁରସ୍କାର

ଭୁବନେଶ୍ୱର,୮ ।୧(ସମିସ): ଚଳିତମାସ ୧୬ରୁ ସୋଆ କ୍ୟାମ୍ପସ-୨ରେ ୧୬ତମ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ (ଓଡ଼ିଶା ଓପନ୍) ଆରମ୍ଭ ହେବ। ଅଲ୍ ଓଡ଼ିଶା ଚେସ୍ ସଂଘ (ଏଓସିଏ), ଇ-ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା ଓ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱରର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଜାନୁଆରୀ ୨୪ ତାରିଖରେ ଉଦ୍‌ଯାପିତ ହେବ। ଏକ ସପ୍ତାହବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୪୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଭାରତ ସମେତ ୨୦ଟି ଦେଶର ପାଖାପାଖି ୧୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ଦେବବ୍ରତ ଭଞ୍ଜ ସୂଚନା ଦେଇଛନ୍ତି।




ଚାରୋଟି କାଟାଗୋରୀରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। କାଟାଗୋରୀ-ଏ’ରେ ୨୫ ଲକ୍ଷ ଟଙ୍କା ପୁରସ୍କାର ରଖାଯାଇଛି। ଏଥିରେ ୧୯୦୦ ରେଟିଂରୁ ଉର୍ଦ୍ଧ୍ୱ ରେଟିଂ ଥିବା ଖେଳାଳି ଅଂଶଗ୍ରହଣ କରିପାରିବେ। ସେହିଭଳି ୧୯୦୦ ରେଟିଂରୁ କମ୍ ଥିବା ଖେଳାଳି କାଟାଗୋରୀ-ବି’ରେ ଭାଗନେବେ। କାଟାଗୋରୀ-ସି’ରେ ୧୬୦୦ ରେଟିଂରୁ କମ୍ ଥିବା ଖେଳାଳି ଏବଂ କାଟାଗୋରୀ-ଡି’ ଓପନ ବ୍ଲିଜବର୍ଗରେ ଅନୁଷ୍ଠିତ ହେବ। କାଟାଗୋରୀ-ବି ଓ ସି ଲାଗି ୯ ଲକ୍ଷ ଲେଖାଏ ଏବଂ ଡି’ ଲାଗି ୨ ଲକ୍ଷ ଟଙ୍କା ପୁରସ୍କାର ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜୀବ ଶେଖର ସାହୁ, ଇ-ସ୍ପୋର୍ଟ୍ସ ଓଡ଼ିଶାର ସମ୍ପାଦକ ଅଭିଷେକ ମିତ୍ର, ଟୁର୍ଣ୍ଣାମେଣ୍ଟର ଲୋକ ସମ୍ପର୍କ ଅଧିକାରୀ ପ୍ରଣୟ ଜେଠୀ ଉପସ୍ଥିତ ରହିଥିଲେ। ଓଡ଼ିଶାର ପାଖାପାଖି ୩୦୦ ଖେଳାଳି ଏଥିରେ ଭାଗନେବେ ବୋଲି ଜଣାପଡ଼ିଛି।

## ପୁରୁଷ ହକି ଇଣ୍ଡିଆ ଲିଗ୍

# କଳିଙ୍ଗ ଲାନ୍ସର୍ସର ଦ୍ୱିତୀୟ ବିଜୟ

ଚେନ୍ନଇ,୮।୧(ଏଜେନ୍ସି): ଶ୍ରାଚି ବେଙ୍ଗଲ ଟାଇଗର୍ସକୁ ୨-୧ ଗୋଲରେ ପରାସ୍ତ କରି ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ଦ୍ୱିତୀୟ ବିଜୟ ହାସଲ କରିଛି। ଲାନ୍ସର୍ସ ପ୍ରଥମ ମ୍ୟାଚ୍‌ରେ ରାଞ୍ଚି ରୟାଲ୍ସକୁ ୪-୨ ଗୋଲରେ ପରାସ୍ତ କରିଥିଲା। ଆଜିର ମୁକାବିଲାରେ ଲାନ୍ସର୍ସ ପକ୍ଷରୁ ଖେଳର ୫୨ତମ ମିନିଟ୍‌ରେ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଓ ୫୬ତମ ମିନିଟ୍‌ରେ ବବି ସିଂହ ଧାମି ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ବେଙ୍ଗଲ ପକ୍ଷରୁ ଆଫାନ ୟୁସୁଫ୍ ଗୋଟିଏ ଗୋଲ ଶୁଝାଇଥିଲେ। ଆସନ୍ତାକାଲି ଦୁଇଟି ଲିଗ୍ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ହାଇଦ୍ରାବାଦ୍ ତୁଫାନ୍ସ ସହ ସୁରମା ହକି କ୍ଲବ୍ ଓ ଦ୍ୱିତୀୟ ମ୍ୟାଚ୍ ତାମିଲନାଡୁ ଡ୍ରାଗନ୍ସ ସହ ଏସ୍‌ଜି ପାଇପର୍ସର ମୁକାବିଲା ହେବ।

### ମହିଳାରେ ରାଞ୍ଚି ରୟାଲ୍ସ ତୃତୀୟ

ରାଞ୍ଚି : ଏସ୍‌ଜି ପାଇପର୍ସକୁ ୫-୨ ଗୋଲରେ ପରାସ୍ତ କରି ଆୟୋଜକ ଟିମ୍ ରାଞ୍ଚି ରୟାଲ୍ସ ମହିଳା ହକି ଇଣ୍ଡିଆ ଲିଗ୍‌ରେ ତୃତୀୟ ସ୍ଥାନ ଅଧିକାର କରିଛି। ରାଞ୍ଚି ଦଳ ପକ୍ଷରୁ ଲୁସିନା ଭୋନ ଡର ହାଇଡ୍ ଓ ହାନା କୋଟର ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ପାଇପର୍ସ ପକ୍ଷରୁ ନଭନୀତ କୌର ୨ଟି ଯାକ ଗୋଲ ଶୁଝାଇଥିଲେ। ଆସନ୍ତା ୧୦ରେ ପାଇପର୍ସ ଓ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଫାଇନାଲ ଖେଳାଯିବ।

# ଏସିଆନ୍ ଇଣ୍ଡୋର ଆଥ୍‌ଲେଟିକ୍ସରେ ପ୍ରଶାନ୍ତି ଏକମାତ୍ର ଓଡ଼ିଆ




ଭୁବନେଶ୍ୱର, ୮ ।୧ (ସମିସ): ଏସିଆନ ଇଣ୍ଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପର ଦ୍ୱାଦଶ ସଂସ୍କରଣ ଫେବୃଆରୀ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଚାଇନାର ତିଆନଜିନରେ ଅନୁଷ୍ଠିତ ହେବ। ଏଥିଲାଗି ୧୭ ଜଣିଆ ଭାରତୀୟ ଆଥ୍‌ଲେଟିକ୍ସ ଦଳ ଘୋଷଣା କରାଯାଇଛି। ଦୁଇଥରର ଏସିଆନ୍ ଗେମ୍ସ ଚାମ୍ପିଅନ ଶଟ୍-ପୁଟର୍ ତାଜିନ୍ଦରପାଲ ସିଂହ ତୁରଙ୍କ ନେତୃତ୍ୱରେ ଭାରତ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ଏଥିରେ ଓଡ଼ିଶାରୁ ଏକମାତ୍ର ଆଥ୍‌ଲେଟ୍ ଭାବେ ପ୍ରଜ୍ଞା ପ୍ରଶାନ୍ତୀ ସାହୁ ସ୍ଥାନ ପାଇଛନ୍ତି। ପ୍ରଜ୍ଞା ମହିଳା ୬୦ ମିଟର ହର୍ଡଲ୍ସରେ ଅଂଶଗ୍ରହଣ କରିବେ। ଏହି ତିନିଦିନିଆ ଇଣ୍ଡୋର ଆଥ୍‌ଲେଟିକ୍ସ ପ୍ରତିଯୋଗିତାରେ ୬୦ ମିଟର ରେସ୍, ୬୦ ମିଟର ହର୍ଡଲ୍ସ, ହାଇଜମ୍ପ, ଲଙ୍ଗଜମ୍ପ, ଶଟପୁଟ୍ ଇଭେଣ୍ଟରେ ପ୍ରତିଯୋଗିତା ହେବ।

## ଜାତୀୟ ଅସିଚାଳନା: ପଞ୍ଜାବ, ମଣିପୁର ଦଳଗତ ଚାମ୍ପିଅନ



କଟକ,୮।୧(ସମିସ): ଏଠାରେ ଚାଲିଥିବା ୩୩ତମ ଜୁନିଅର ଜାତୀୟ ଅସିଚାଳନା ଚାମ୍ପିଅନସିପର ଇପି ବାଳକ ଇଭେଣ୍ଟରେ ପଞ୍ଜାବ ଦଳଗତ ଚାମ୍ପିଅନ ହୋଇଛି। ଏଥିରେ ତାମିଲନାଡୁ ରୌପ୍ୟ ଏବଂ ମହାରାଷ୍ଟ୍ର, ହରିୟାଣା ଉଭୟ ଯୁଗ୍ମ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିପରି ଇପି ବାଳିକା ଇଭେଣ୍ଟରେ ମଣିପୁର ଦଳ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ସ୍ୱର୍ଣ୍ଣ ଜିତିଛି। ହରିୟାଣା ଦଳ ରୌପ୍ୟ ଏବଂ କର୍ଣ୍ଣାଟକ ଓ ଗୁଜରାଟ ଦଳ କାଂସ୍ୟ ପଦକ ଜିତିଛନ୍ତି। ଓଡ଼ିଶା ସାଇକ୍ଲିଂ ଆସୋସିଏସନର ସମ୍ପାଦକ ପ୍ରସନ୍ନ ରାଉତ, ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏସନର ସମ୍ପାଦକ ଅଶୋକ ସାହୁ ଓ ଓଡ଼ିଶା ଅସିଚାଳନା ସଂଘ କୋଷାଧ୍ୟକ୍ଷ ନିର୍ମଳ ବିକାଶ ମହାପାତ୍ର ଉପସ୍ଥିତ ରହି ପଦକ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ।

# ଗାୟତ୍ରୀ ଭାରତୀୟ ଦଳର ସହକାରୀ କୋଚ୍



କଟକ,୮।୧(ସମିସ): ଭାରତୀୟ ମହିଳା ଫୁଟବଲ ଦଳର ସହକାରୀ କୋଚ୍ ଭାବେ ଗାୟତ୍ରୀ ମଲ୍ଲିକ ନିଯୁକ୍ତ ହୋଇଛନ୍ତି। ଏଆଇଏଫ୍‌ଏଫ୍ ପକ୍ଷରୁ ଏହି ଘୋଷଣା କରାଯାଇଛି। ଆସନ୍ତା ୧୦ରୁ କୋଲକାତାରେ ହେବାକୁ ଥିବା ଘରୋଇ ପ୍ରଶିକ୍ଷଣ ଶିବିରରେ ସାମିଲ ହେବା ସହିତ ଗାୟତ୍ରୀ ଜାତୀୟ ଦଳରେ ଯାତ୍ରା ଆରମ୍ଭ କରିବେ। ଏତଦବ୍ୟତୀତ ତୁର୍କୀ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯିବାକୁ ଥିବା ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟ ଗାୟତ୍ରୀଙ୍କ ପ୍ରଶିକ୍ଷକ ଜୀବନରେ ନୂଆ ପୃଷ୍ଠା ଯୋଡ଼ିବ। ଫାଓ ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଚ୍ ସକର୍: ଫାଇନାଲରେ ଓଡ଼ିଶା

କଟକ,୮।୧(ସମିସ): ଡାମନ ଏବଂ ଡିଉରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ସକର ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ମହିଳା ଫୁଟ୍‌ବଲ ଦଳ ଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲରେ ଦଳ ୭-୦ ଗୋଲରେ ହିମାଚଳପ୍ରଦେଶକୁ ହରାଇଛି। ଓଡ଼ିଶା ପକ୍ଷରୁ ଶ୍ରୀଜନ ତମାଙ୍ଗ, ସତ୍ୟବତୀ ଖାଡ଼ିଆ, କେ ଅମ୍ବାଳିକା ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ଫାଇନାଲ ମୁକାବିଲାରେ ଗୁଜରାଟକୁ ଭେଟିବ ଓଡ଼ିଶା।

## ବିଜୟ ହଜାରେ ଟ୍ରଫି

# ସର୍ଫରାଜଙ୍କ ୧୫ ବଲ୍‌ରେ ୫୦ ରନ୍

ଜୟପୁର,୮।୧(ଏଜେନ୍ସି):

ଏଠାରେ ଚାଲିଥିବା ପଞ୍ଜାବ ବିପକ୍ଷ ବିଜୟ ହଜାରେ ଟ୍ରଫିରେ ମୁମ୍ବଇର ସର୍ଫରାଜ ଖାନ୍ ୧୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଛନ୍ତି। ଏହି କ୍ରମରେ ସେ ଭାରତୀୟ ଘରୋଇ କ୍ରିକେଟ ଓ ଖେଳାଳିଙ୍କ ମଧ୍ୟରେ ଦ୍ରୁତତମ। ପୂର୍ବରୁ ଦ୍ରୁତତମ ଅର୍ଦ୍ଧଶତକର ରେକର୍ଡ ଦୁଇଜଣ ଖେଳାଳି ଯଥା ୧୯୯୫ରେ ମହାରାଷ୍ଟ୍ରର ଅଭିଜିତ କାଲେ ବନାମ ବରୋଦା ଓ ୨୦୨୧ରେ ବରୋଦାର ଅତୀତ ସେଠ (ବନାମ ଛତିଶଗଡ଼)ଙ୍କ ନାମରେ ଥିଲା। ସର୍ଫରାଜ ଆଜି ଏହି ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି। ଏମାନେ ୧୬ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରି ଏହି ରେକର୍ଡର ଅଧିକାରୀ ଥିଲେ। ସର୍ଫରାଜ ୨୦ ବଲ୍‌ରେ ୬୨ ରନ୍ ଓ ଅଧିନାୟକ ଶ୍ରେୟସ ଆୟର ୩୪ ବଲ୍‌ରେ ୪୫ ରନ୍ କରିବା ସତ୍ତ୍ୱେ ଦଳ ମାତ୍ର ୧ ରନ୍‌ରେ ଅଭିଷେକ ଶର୍ମାଙ୍କ ପଞ୍ଜାବଠାରୁ ପରାଜିତ ହୋଇଯାଇଛି। ଗୁରନୁର ବ୍ରାର ଓ ମୟଙ୍କ ମାର୍କଣ୍ଡେ ୪ଟି ଲେଖାଏଁ ୱିକେଟ ନେଇ ପଞ୍ଜାବକୁ ବିଜୟୀ କରାଇଥିଲେ।

**ଭାରତରେ ଦ୍ରୁତତମ ଅର୍ଦ୍ଧଶତକ**



**କ୍ୱାର୍ଟର ଫାଇନାଲ ଖେଳସୂଚୀ**

| | | |
|---|---|---|
| ୧୨।୧ | କର୍ଣ୍ଣାଟକ ବନାମ ମୁମ୍ବଇ | ବେଙ୍ଗାଲୁରୁ-୧ |
| ୧୨।୧ | ୟୁପି ବନାମ ସୌରାଷ୍ଟ୍ର | ବେଙ୍ଗାଲୁରୁ-୨ |
| ୧୩।୧ | ଦିଲ୍ଲୀ ବନାମ ବିଦର୍ଭ | ବେଙ୍ଗାଲୁରୁ-୨ |
| ୧୩।୧ | ପଞ୍ଜାବ ବନାମ ଏମ୍‌ପି | ବେଙ୍ଗାଲୁରୁ-୧ |
| ୧୫।୧ | ପ୍ରଥମ ସେମିଫାଇନାଲ | ବେଙ୍ଗାଲୁରୁ-୧ |
| ୧୬।୧ | ଦ୍ୱିତୀୟ ସେମିଫାଇନାଲ | ବେଙ୍ଗାଲୁରୁ-୧ |
| ୧୮।୧ | ଫାଇନାଲ | ବେଙ୍ଗାଲୁର-୧ |

ଗ୍ରାଉଣ୍ଡ: ସେଣ୍ଟର ଅଫ୍ ଏକ୍ସିଲେନ୍ସ ୧ ଓ ୨।

### ୮ଟି ଦଳକୁ ପରବର୍ତ୍ତୀ ଯୋଗ୍ୟତା

ଆଜିର ଖେଳ ଶେଷ ହେବା ପରେ କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଛି। ଗ୍ରୁପ୍‌ର ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଗ୍ରୁପ୍-ଏ’ରୁ କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ, ଗ୍ରୁପ୍-ବି’ରୁ ଉତ୍ତରପ୍ରଦେଶ ଓ ବିଦର୍ଭ, ଗ୍ରୁପ୍-ସି’ରୁ ପଞ୍ଜାବ ଓ ମୁମ୍ବଇ, ଗ୍ରୁପ୍-ଡି’ରୁ ଦିଲ୍ଲୀ ଓ ସୌରାଷ୍ଟ୍ର କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଜାନୁଆରୀ ୧୨ ଓ ୧୩ରେ କ୍ୱାଟ;ର ଫାଇନାଲ ମୁକାବିଲା ଆୟୋଜିତ ହେବ।

# ପରାଜୟ ସହ ଷଷ୍ଠରେ ରହିଲା ଓଡ଼ିଶା

କଟକ,୮।୧(ସମିସ): ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଲିଗ୍ ପର୍ଯ୍ୟାୟରେ ହ୍ୟାଟ୍ରିକ ବିଜୟ ହାସଲ ପରେ ହ୍ୟାଟ୍ରିକ ପରାଜୟର ସମ୍ମୁଖୀନ ହୋଇଥିବା ଓଡ଼ିଶା ୭ଟି ମ୍ୟାଚ୍‌ରୁ ୧୨ ପଏଣ୍ଟ ସଂଗ୍ରହ କରି ଗ୍ରୁପ-ଡି ଟେବଲର ୬ଷ୍ଠ ସ୍ଥାନରେ ରହିଛି। ଏହି ଲଜ୍ଜାଜନକ ଫଳାଫଳ ସହିତ ବିସିସିଆଇର ଚଳିତ ଘରୋଇ ସିଜନରେ ଓଡ଼ିଶା ବରିଷ୍ଠ ପୁରୁଷ ଦଳର ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଗୁରୁବାର ଖେଳାଯାଇଥିବା ଅନ୍ତିମ ଲିଗ୍‌ରେ ଦଳ ୫ ୱିକେଟରେ ରେଲୱେ ଠାରୁ ହାରିଥିଲା। ରେଲୱେର ସାହେବ ଯୁବରାଜ ସିଂହ ଅପରାଜିତ ମ୍ୟାଚ୍ ବିଜୟୀ ଶତକୀୟ ପାଳି ଖେଳିଥିଲେ।



ବେଙ୍ଗାଲୁରୁର ଅଲୁର ଗ୍ରାଉଣ୍ଡରେ ଓଡ଼ିଶା ଦଳ ପ୍ରଥମେ ବ୍ୟାଟିଂ କରି ୭୨ରନରେ ପ୍ରଥମ ୪ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ଦଳ ପକ୍ଷରୁ ରେକର୍ଡ ସହ ନିରାଶ କରିଥିବା ସ୍ୱସ୍ତିକ ସାମଲ ୭, ଓମ୍‌ଟି ମୁଣ୍ଡେ ୧୯, ଶାନ୍ତନୁ ମିଶ୍ର ୨୩ ଓ ଗୋବିନ୍ଦ ପୋଦ୍ଦାର ୧୯ ରନ୍ କରିଥିଲେ। ଏହି ସମୟରେ ଅଭିଜ୍ଞ ଅଧିନାୟକ ବିପ୍ଲବ ସାମନ୍ତରାୟ(୪୩ରନ), ଦୁଇ ନବାଗତ ଅଲରାଉଣ୍ଡର ସମ୍ବିତ ବରାଳ (୫୦ରନ) ଓ ସୌମ୍ୟରଞ୍ଜନ ଲେଙ୍କା (୫୬ରନ) ମଧ୍ୟକ୍ରମରେ ଧୈର୍ଯ୍ୟପୂର୍ଣ୍ଣ ପାଳି ଖେଳିବା ଯୋଗୁଁ ଦଳୀୟ ସ୍କୋର ୨୦୦ ପାର୍ କରିଥିଲା। ଓଡ଼ିଶା ପକ୍ଷରୁ ପଦାର୍ପଣ କରିଥିବା ୱିକେଟ କିପର ଦିନେଶ ମାଝୀ ୧୫ରନ କରିଥିଲେ। ନିମ୍ନକ୍ରମର ବ୍ୟାଟରଙ୍କ ବିଫଳତା ସହିତ ଓଡ଼ିଶାର ଇନିଂସ୍ ୨୫୧ରନରେ ସୀମିତ ରହିଥିଲା। ରେଲୱେର ବରୁନ ଏବଂ ରାଜ ଚୌଧୁରୀ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଜବାବରେ ରେଲୱେ ୪୫.୨ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ନଂ-୩ରେ କ୍ରିଜକୁ ଆସିଥିବା ଯୁବରାଜ ଦମଦାର ବ୍ୟାଟିଂ କରି ଦଳକୁ ଜିତାଇଥିଲେ। ଯୁବରାଜ ୧୩୪ବଲରୁ ୧୧ଟି ଚୌକା ଏବଂ ୨ଟି ଛକା ସହାୟତାରେ ୧୧୮ ରନର ଅପରାଜିତ ପାଳି ଖେଳିଥିଲେ। ଜୁବେର ୪୩ବଲରୁ ଦ୍ରୁତ ୬୫ରନ ସଂଗ୍ରହ କରିଥିଲେ। ଓଡ଼ିଶା ପକ୍ଷରୁ ଗୋବିନ୍ଦଙ୍କୁ ୨ଟି ୱିକେଟ ମିଳିଥିଲା। ଦେବବ୍ରତ ପ୍ରଧାନ, ସମ୍ବିତ ବରାଳ ଏବଂ ଓମ୍ ଗୋଟିଏ ଲେଖାଏ ୱିକେଟ ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS